

ଭଙ୍ଗା କୁଡ଼ିଆରେ ରହି ଦରିଦ୍ର ଭାବରେ ଚଳିଲେ ମଧ୍ୟ ସ୍ୱାଧୀନ ଲୋକ ଯେପରି ସୁଖ ଅନୁଭବ କରେ, ପରାଧୀନ ଲୋକ ସବୁ ସୁଖରୁ ବଞ୍ଚିତ ରହେ।
-ହାରିଏଟ୍ ବିଚର ଷ୍ଟୋ



## ସଂକ୍ଷେପରେ

### ମଦ ଜବତ: ଜଣେ ଗିରଫ, ଜଣେ ଫେରାର

ଚଣ୍ଡିଖୋଲ, ୨୬।୯(ଡି.ଏନ୍.ଏ.): ବଡ଼ଚଣା ଥାନା ଅନ୍ତର୍ଗତ ଚଣ୍ଡିଖୋଲ ଫାଣ୍ଡି ଅଧୀନ ସୁକାଦେଇପୁର ଗ୍ରାମରେ ଚୋରାମଦ ବିକ୍ରି ଅଭିଯୋଗରେ ଫାଣ୍ଡି ଅଧିକାରୀ ନାରାୟଣ ଚନ୍ଦ୍ର ବେହେରା ମଙ୍ଗଳବାର ଗ୍ରାମର ଚିତରଞ୍ଜନ ସ୍ୱାଇଁଙ୍କୁ ଗିରଫ କରିବା ସହ ୧୮ ବୋତଲ ବିଦେଶୀ ମଦ ଜବତ କରିଥିଲେ। ବୁଧବାର ଚିତରଞ୍ଜନଙ୍କୁ କୋର୍ଟ ଚାଲଣ କରାଯାଇଛି। ସେହିପରି ବଡ଼ଚଣା ଥାନା ଅନ୍ତର୍ଗତ ଓଲର ଗ୍ରାମର କୁନ୍ଦୁର ପିଙ୍ଗୁଆଙ୍କ ଘରୁ ପୋଲିସ ବୁଧବାର ୪ଲିଟର ଦେଶୀ ମଦ ଜବତ କରିଥିବା ବେଳେ କୁନ୍ଦୁର ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ପୋଲିସ ସୂତ୍ରରୁ ଜଣାପଡିଛି।

### ଚାରାରୋପଣ କାର୍ଯ୍ୟକ୍ରମ



ଚଣ୍ଡିଖୋଲ/ବାଲିଚନ୍ଦ୍ରପୁର, ୨୬।୯(ଡି.ଏନ୍.ଏ/ସ୍ୱ.ପ୍ର.): ବଡ଼ଚଣା ବ୍ଲକ ଅନ୍ତର୍ଗତ ବାଲିଚନ୍ଦ୍ରପୁର ପଞ୍ଚାୟତ ବିଜୁ ଯୁବ ବାହିନୀ ଆନୁକୂଲ୍ୟରେ ବୁଧବାର ପଟାମୁଣ୍ଡାଇ କେନାଲର ଉଭୟ ପାର୍ଶ୍ୱରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଭାପତି ଅନ୍ତର୍ଯ୍ୟାମୀ ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପଞ୍ଚାୟତ ସରପଞ୍ଚ ଫନୀନ୍ଦ୍ର ନାଥ ପଣ୍ଡା ଓ ସମିତି ସଭ୍ୟ ଅମୀୟ ବିଶ୍ୱାଳ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ବୃକ୍ଷ ରୋପଣ ଦ୍ୱାରା ପରିବେଶକୁ କିପରି ସୁରକ୍ଷିତ କରାଯାଇ ପାରିବ ସେ ସମ୍ପର୍କରେ ଏକ ସଚେତନତା ରାଲି କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଯୁବ ବାହିନୀ ସମ୍ପାଦକ ପ୍ରବୀଣ ରାଉତରାୟ, କୋଷାଧ୍ୟକ୍ଷ ଉଗ୍ରେସନ ବିଶ୍ୱାଳ, ମକୁ ଦାସ, ଭାବଗ୍ରାହୀ ବିଶ୍ୱାଳ, ବୈଶାଖ, ଲିଟୁ, ପବିତ୍ର, ରମା, ବାପି, ବବୁଲ ଓ ଦେବ ପ୍ରମୁଖ ଯୋଗଦେଇଥିଲେ।

### ବେତଣ୍ଡା ମଠରେ ଭାଗବତ ଜନ୍ମୋତ୍ସବ ଉଦ୍‌ଯାପିତ



ରସୁଲପୁର,୨୬।୯(ଡି.ଏନ୍.ଏ.): ରସୁଲପୁର ବ୍ଲକ ଅନ୍ତର୍ଗତ ବେତଣ୍ଡା ମଠରେ ଭାଦ୍ରବ ମାସ ଶୁକ୍ଳ ପକ୍ଷ ପୂର୍ଣ୍ଣମୀ ତିଥି ଅବସରରେ ଭାଗବତ ଜନ୍ମୋତ୍ସବ ବୁଧବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଛି। ଅତିବଡି ଜଗନ୍ନାଥ ଦାସଙ୍କ ରଚିତ ଭାବଗତକୁ ଗ୍ରାମର ଭାଗବତ ଗାଦିଘରେ ପଠନ କରାଯାଏ । ଭାଗବତ ପାଠ କରୁଥିବା ଓ ଶୁଣୁଥିବା ବ୍ୟକ୍ତିଙ୍କ ମୋକ୍ଷପ୍ରାପ୍ତି ହୁଏ ବୋଲି ସାଧାରଣରେ ବିଶ୍ୱାସ ରହିଛି। ଭାଗବତରେ ୩୬୫ଟି ଅଧ୍ୟାୟ ରହିଛି। ଜନ୍ମ ଉତ୍ସବରୁ ଭାଗବତ ପାରାୟଣ ପାଠ କରାଯାଇ ପରବର୍ଷ ଏହି ଦିନରେ ଉଦ୍‌ଯାପନ କରାଯାଇଥାଏ। ଏହିକ୍ରମରେ ବେତଣ୍ଡା ମଠରେ ଭାଗବତ ଜନ୍ମୋତ୍ସବକୁ ଖୁବ୍ ଧୁମଧାମ୍‌ର ସହ ପାଳିତ ହୋଇଛି। ଏଠାରେ ଦୁଇଦିନ ବ୍ୟାପି ଅନୁଷ୍ଠିତ ଭାଗବତ ଜନ୍ମ ଉତ୍ସବରେ ଗୀତା ପାଠ ଓ ପ୍ରବଚନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପ୍ରବଚକ ଅଭୟାନନ୍ଦ ଶାରଦା ଗୀତା ଓ ଭାଗବତର ଗୁଢ ରହସ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଶିକ୍ଷାବିତ ଇଶ୍ୱର ଚନ୍ଦ୍ର ଦ୍ୱିବେଦୀ, ବାଇଧର ରାଉତ, ରସାନନ୍ଦ ରାଉତ, ପ୍ରହ୍ଲାଦ ଦାସ, ମହେଶ୍ୱର ନାୟକ, ରମେଶ ରାଉତ, ରବୀନ୍ଦ୍ର ରାଉତ, ଜଟାଧାରୀ ପାତ୍ର, ରବୀନ୍ଦ୍ର ଦାସ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନାରେ ସହଯୋଗ କରିଥିଲେ।

# ଦାନଗଦୀରେ ମେଗା ଜଳଯୋଗାଣ ପ୍ରକଳ୍ପ ମଞ୍ଜୁର

- ଡିଏମ୍ଏଫ୍ ପାଣ୍ଠିରୁ ୧୫୦କୋଟି ଟଙ୍କାର ବ୍ୟୟ ଅଟକଳ
- ୨ ରୁ ୩ ବର୍ଷ ମଧ୍ୟରେ ହେବ ସମ୍ପୂର୍ଣ୍ଣ
- ଭୂତଳ ଓ ନଦୀ ଜଳ ଶିଳ୍ପ ଶୋଷୁଥିବାରୁ ପ୍ରକଳ୍ପର ସଫଳତା ନେଇ ସଂଶୟ

ଯାଜପୁର ଅଫିସ/କଳିଙ୍ଗନଗର (ଡି.ଏନ.ଏ.), ୨୬।୯

ଯାଜପୁର ଜିଲା ଶିଳ୍ପ ସମୃଦ୍ଧ ଦାନଗଦୀ ବ୍ଲକ ଅଞ୍ଚଳରେ ଜିଲା ଖଣିଜ ପ୍ରତିଷ୍ଠାନ(ଡିଏମ୍ଏଫ୍) ପାଣ୍ଠିରୁ ଏକ ମେଗା ଜଳଯୋଗାଣ ପ୍ରକଳ୍ପକୁ ମଞ୍ଜୁର ମିଳିଛି। ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ(ଆରଡବ୍ଲ୍ୟୁଏସ୍ଏସ୍)ର ଇଞ୍ଜିନିୟର-ଇନ୍-ଚିଫ୍ ଏ ସଂକ୍ରାନ୍ତରେ ତାଙ୍କ ପତ୍ରସଂଖ୍ୟା ୮୦୯୩/୨୪।୯।୨୦୧୮ରେ ଯାଜପୁର ଜିଲାପାଳଙ୍କୁ ଅବଗତ କରାଇଛନ୍ତି। ଏଥିପାଇଁ ୧୫୦କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି। ଏହି ମେଗା ପ୍ରକଳ୍ପ ୨ ରୁ ୩ ବର୍ଷ ମଧ୍ୟରେ ସମ୍ପୂର୍ଣ୍ଣ ହେବ ବୋଲି କୁହାଯାଇଛି। ତେବେ ଦାନଗଦୀ ବ୍ଲକରେ ଭୂତଳ ଜଳ ବ୍ୟବହାର ନେଇ ହୋଇଥିବା କଟକଣାକୁ ଶିଳ୍ପସଂସ୍ଥାଗୁଡ଼ିକ ମାନୁ ନ ଥିବାରୁ ପ୍ରସ୍ତାବିତ ଏହି ମେଗା ପ୍ରକଳ୍ପର ସଫଳତାକୁ ନେଇ ସଂଶୟ ପ୍ରକାଶ ପାଇଛି।

ଯାଜପୁର ଜିଲାରେ ଗଢ଼ି ଉଠିଥିବା ଶିଳ୍ପସଂସ୍ଥା ଗୁଡିକୁ ଭୂତଳ ଜଳ ବ୍ୟବହାର କରିବାକୁ ଜିଲା ଜଳ ସମ୍ପଦ ବିଭାଗ ପକ୍ଷରୁ ଅନୁମତି ପ୍ରଦାନ କରାଯାଉଛି। ଏହାର ସୁଯୋଗରେ ଶିଳ୍ପସଂସ୍ଥାମାନେ ଆଖିବୁଜା ଭୂତଳ ଜଳ ବ୍ୟବହାର କରୁଛନ୍ତି । ଯାହାଫଳରେ ଭୂତଳ ଜଳସ୍ତର ନିମ୍ନଗାମୀ ହେଉଛି। ଫଳରେ ସହରାଞ୍ଚଳ ତଥା ଗ୍ରାମାଞ୍ଚଳରେ ନଳକୂପ ଖୋଳିଲେ ସହଜରେ ପାଣି ବାହାରୁ ନାହିଁ । ଏପରିକି ଗ୍ରୀଷ୍ମମାସରେ ଜଳସ୍ତର ଅଧିକ ନିମ୍ନଗାମୀ ହୋଇ ନଳକୂପ, କୂଅ ଆଦିରୁ ପାଣି ଶୁଖି ଯାଉଛି। ହେଲେ ଏଥିପ୍ରତି କାହାରି ନଜର ନାହିଁ। ଏହା ଶିଳ୍ପ ସଂସ୍ଥାଗୁଡ଼ିକ ଉପରେ ସେତେଟା ପ୍ରଭାବ ପଡୁ ନ ଥିଲେ ହେଁ ଗ୍ରାମାଞ୍ଚଳର ସାଧାରଣ ଲୋକଙ୍କ ପାଇଁ ଜଳ କ୍ଲିଷ୍ଟତା ଏକ ପ୍ରମୁଖ ସମସ୍ୟା ହୋଇଛି। ଏହାକୁ ଯାଜପୁର ଆରଡବ୍ଲ୍ୟୁଏସ୍ଏସ୍ ବିଭାଗ ସ୍ୱୀକାର ମଧ୍ୟ କରିଛି । ବିଭାଗୀୟ ରିପୋର୍ଟ ଅନୁସାରେ ଯାଜପୁର ଜିଲା ଦାନଗଦୀ ବ୍ଲକ ଅଞ୍ଚଳରେ ପ୍ରାୟ ସ୍ୱଳ୍ପ ବୃଷ୍ଟିପାତ ଲାଗି ରହୁଛି। ଦିନର ତାପମାତ୍ରା ଧିରେ ଧିରେ ବଢିବାରେ ଲାଗିଛି । ଏହି ବ୍ଲକରେ ବିଭିନ୍ନ ପ୍ରକାର ଶିଳ୍ପ ସଂସ୍ଥା ଗଢି ଉଠୁଥିବାରୁ ଶିଳ୍ପ ପାଇଁ ଜଳ ଆବଶ୍ୟକ ରହିଛି। ତେଣୁ ସଂସ୍ଥାଗୁଡିକ ନିଜ ନିଜ କାରଖାନା ଅଞ୍ଚଳରେ ବୋରୱେଲ ଖନନ କରି ଅଧିକ ଉଚ୍ଚକ୍ଷମତା ସମ୍ପନ୍ନ ବିଦ୍ୟୁତ ଚାଳିତ ମୋଟର ଲଗାଇ ସେମାନଙ୍କ ଚାହିଦା ପୁରଣ କରୁଛନ୍ତି। ଫଳରେ ଶିଳ୍ପାଞ୍ଚଳ ନିକଟରେ ଥିବା ନଳକୂପ ଓ କୂପର ଜଳ ନିମ୍ନଗାମୀ ହେଉଛି । ପୁନଶ୍ଚ ଶିଳ୍ପାଞ୍ଚଳ ପାଖ ଦେଇ ବୋହିଯାଉଥିବା ବ୍ରାହ୍ମଣୀ ଓ ଖରସ୍ରୋତା ନଦୀର ଜଳକୁ ସଂଗ୍ରହ କରି କାରଖାନା ଚାହିଦା ମୁତାବକ ଜଳ ସଂଗ୍ରହ କରୁଛନ୍ତି। ଦାନଗଦୀ, ଟେଲିବାହାଲି, ସୋଲେଇ, ସିଙ୍ଗାଡିଆ, ମାନଗୋବିନ୍ଦପୁର, ଧୂଳିଗଡ, କଣ୍ଟିପୁର, ବାଲୁଙ୍ଗାବନ୍ଧି, ଯଖପୁରା ଅଞ୍ଚଳରେ ଥିବା ନଳକୂପର ଜଳସ୍ତର ଖରା ମାସରେ ପ୍ରାୟ ହ୍ରାସ ପାଇଥାଏ। ଅଦ୍ୟାବଧି ଦାନଗଦୀ ବ୍ଲକର ୨୨ ଗୋଟି ଗ୍ରାମ ପଞ୍ଚାୟତରେ ପ୍ରାୟ ୧୩୦୦ ନଳକୂପ ସହିତ ୧୩ଟି ପାଇପ ଜଳ ପ୍ରକଳ୍ପ କାର୍ଯ୍ୟକ୍ଷମ ଅଛି ବୋଲି ଆରଡବ୍ଲ୍ୟୁଏସ୍ଏସ୍ ପକ୍ଷରୁ ସୂଚନା ମିଳିଛି। ଏଭଳିସ୍ଥିତିରେ ଶିଳ୍ପ କାରଖାନା ବୃଦ୍ଧି ପାଉଥିବା ସହ ଭୂତଳ ଜଳ ବ୍ୟବହର ମଧ୍ୟ ବଢିବାରେ ଲାଗିଛି। ନିୟମାନୁଯାୟୀ ଜିଲାର ଶିଳ୍ପ ସଂସ୍ଥାଗୁଡିକ ଜଳସମ୍ପଦ ବିଭାଗ ନିକଟରେ ଚୁକ୍ତି କରି ସେମାନେ କେତେ ପରିମାଣର ଭୂତଳ ଜଳ ବ୍ୟବହାର କରୁଛନ୍ତି ତାହା ଫ୍ଲୋମିଟର ବସାଇ ଦର୍ଶାଇବା କଥା। ମାତ୍ର ଜଳ ସମ୍ପଦ ବିଭାଗ ନିକଟରେ କୌଣସି ସଂସ୍ଥାର ଭୂତଳ ଜଳ ବ୍ୟବହାର କରୁଥିବା ସବିଶେଷ ତଥ୍ୟ ମିଳୁ ନାହିଁ। ଯାହାଫଳରେ ଆଗାମୀ ଦିନରେ ଜଳ ସଙ୍କଟ ଉଗ୍ରରୂପ ରୂପ ନେବ ବୋଲି ବିଶେଷଜ୍ଞମାନେ ମତପ୍ରକାଶ କରୁଛନ୍ତି । ବ୍ରାହ୍ମଣୀ ଓ ଖରସ୍ରୋତା ନଦୀରୁ ମଧ୍ୟ ଶିଳ୍ପ କମ୍ପାନୀମାନେ ମନଇଚ୍ଛା ଜଳ ସଂଗ୍ରହ କରୁଛନ୍ତି । ଇଡ୍‌କୋ ଆବଶ୍ୟକ ମାପକ ଯନ୍ତ୍ର ପ୍ରତିଷ୍ଠା ନ କରି ଶିଳ୍ପକୁ ଅଯାଚିତ ଭାବେ ଜଳ ଯୋଗାଣ କରୁଛି। ଫଳରେ ଖରାମାସରେ ଏହି ଦୁଇ ନଦୀ ଶୁଖି ଯାଉଥିବା ଦେଖିବାକୁ ମିଳୁଛି । ଅନ୍ୟପକ୍ଷେ ଆବଶ୍ୟକତାଠାରୁ ବାଲି ଖାଦାନରୁ ମେଶିନ ଲଗାଇ ବାଲି ଚାଲାଣ ନଦୀ ଗର୍ଭକୁ ବିପଦରେ ପକାଉଛି। ଏନେଇ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିବାରୁ ଆଗାମୀ ଦିନରେ ନଦୀଜଳ ଓ ଭୂତଳ ଜଳ ମିଳିବା ନେଇ ସଂଶୟ ପ୍ରକାଶ ପାଇଛି। ତେଣୁ ଏହି ପ୍ରସ୍ତାବିତ ମେଗା ପ୍ରକଳ୍ପର କାର୍ଯ୍ୟକାରିତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ବ୍ରାହ୍ମଣୀର ଉପରମୁଣ୍ଡରେ ସୁକିନ୍ଦା ମେଗା ଜଳ ଯୋଗାଣ ପ୍ରକଳ୍ପ ପୁଣି ନିର୍ମାଣାଧିନ ଅବସ୍ଥାରେ ରହିଛି। ଏସଂକ୍ରାନ୍ତରେ ଯାଜପୁର ଜିଲା ଆରଡବ୍ଲ୍ୟୁଏସ୍ଏସ୍‌ର ନିବାହୀ ଯନ୍ତ୍ରୀ ଅମିୟ ପରିଜାଙ୍କୁ ପଚାରିବାରୁ ସେ କହିଛନ୍ତି ଡିଏମ୍ଏଫ୍ ପାଣ୍ଠିରେ ଅନେକ ଜଳଯୋଗାଣ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି। ସୁକିନ୍ଦା ପରେ ଦାନଗଦୀରେ ପ୍ରସ୍ତାବିତ ମେଗା ଜଳଯୋଗାଣ ପ୍ରକଳ୍ପ ବ୍ଲକବାସୀଙ୍କୁ ନିଶ୍ଚିତ ଭାବରେ ପାନୀୟ ଜଳ ସଙ୍କଟରୁ ମୁକ୍ତି ଦେବ। ଏହି ପ୍ରକଳ୍ପ ପାଇଁ ଖରସ୍ରୋତା ନଦୀର ଯୋକଡିଆ ନିକଟରୁ ଜଳଯୋଗାଣ କରାଯିବ ବୋଲି ପ୍ରସ୍ତାବ ରହିଥିବା ପରିଜା କହିଛନ୍ତି।

## ଅଙ୍ଗନୱାଡ଼ି କର୍ମୀଙ୍କୁ ସରପଞ୍ଚଙ୍କ ଦୁର୍ବ୍ୟବହାର

ବିଞ୍ଝାରପୁର,୨୬।୯(ଡି.ଏନ.ଏ.)

ବିଞ୍ଝାରପୁର ଥାନା ତଥା ବରୀ ବ୍ଲକ ଭଇଁରା ପଞ୍ଚାୟତ ଭୁରୁଙ୍ଗା-୧ ନଂ ଅଙ୍ଗନୱାଡି କର୍ମୀଙ୍କୁ ସ୍ଥାନୀୟ ସରପଞ୍ଚ ଦୁର୍ବ୍ୟବହାର କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଭୁରୁଙ୍ଗା ଗ୍ରାମର ଅଙ୍ଗନୱାଡ଼ି କେନ୍ଦ୍ରର ଗୃହ ନ ଥିବାରୁ କର୍ମୀ ସୁଧାମଣୀ ଷଡ଼ଙ୍ଗୀ ନିଜ ବାସଭବନରେ କେନ୍ଦ୍ର ଚଳାଇ ଆସୁଥିଲେ। ମଙ୍ଗଳବାର ପୂର୍ବାହ୍ନରେ ବରୀ ଅତିରିକ୍ତ ବିଡିଓ ଜ୍ଞାନେନ୍ଦ୍ର ଲେଙ୍କା ଓ ସୁପରଭାଇଜର ମଲିକା ପରିଡା ଏହି କେନ୍ଦ୍ରକୁ ଯାଞ୍ଚ କରିବାକୁ ଯାଇଥିଲେ। ଯାଞ୍ଚ ସମୟରେ ସ୍ଥାନୀୟ ସରପଞ୍ଚ ସୁଶାନ୍ତ ଜେନା ଅଙ୍ଗନୱାଡ଼ି କର୍ମୀଙ୍କ ଘରେ ପଶି ସମସ୍ତଙ୍କ ଆଗରେ ଦୁର୍ବ୍ୟବହାର ପ୍ରଦର୍ଶନ କରିବା ସହ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିଥିଲେ। ଘଟଣାକୁ ନେଇ ଅଙ୍ଗନୱାଡ଼ି କର୍ମୀ ଜଣକ ଥାନାରେ ଅଭିଯୋଗ କରିଥିବା ଜଣାପଡ଼ିଛି। ଅଭିଯୋଗ ପାଇ ବିଞ୍ଝାରପୁର ପୋଲିସ ଏକ ମାମଲା (ନଂ.୨୩୨/୧୮) ରୁଜୁ କରିଛି। ଅପରପକ୍ଷରେ ସରପଞ୍ଚ ସୁଶାନ୍ତ ଜେନା ମଧ୍ୟ ଥାନାରେ ଅଙ୍ଗନୱାଡ଼ି କର୍ମୀଙ୍କ ବିରୋଧରେ ଏକ ଅଭିଯୋଗ କରିଛନ୍ତି । ତେବେ ସରପଞ୍ଚଙ୍କ ଅଭିଯୋଗ ସମ୍ପର୍କରେ କୌଣସି ମାମଲା ରୁଜୁ କରାଯାଇ ନ ଥିବା ଜଣାପଡିଛି।

## ସୁକିନ୍ଦା ପଞ୍ଚାୟତ ସମିତି ୩ୟ ବୈଠକ
# ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱାରୋପ

ସୁକିନ୍ଦା, ୨୬।୯(ଡି.ଏନ୍.ଏ.)

ସୁକିନ୍ଦା ପଞ୍ଚାୟତ ସମିତିର ତୃତୀୟ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସହକାରୀ ଯନ୍ତ୍ରୀ ପ୍ରତାପ ରଞ୍ଜନ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥିଭାବେ ସୁକିନ୍ଦା ବିଧାୟକ ପ୍ରିତୀରଞ୍ଜନ ଘଡ଼େଇ ଯୋଗଦେଇଥିଲେ। ଏହି ଅବସରରେ ସମିତି ସ୍ତରୀୟ ବିଭିନ୍ନ ଷ୍ଟାଣ୍ଡିଂ କମିଟି ଗଠନ, ଡିଏମ୍ଏଫ ଓ ଆମ ଗାଁ ଆମ ବିକାଶ ପ୍ରକଳ୍ପର ଅଗ୍ରଗତି, ଗୋପବନ୍ଧୁ ଗ୍ରାମୀଣ ଯୋଜନା ୨୦୧୭-୧୮ ବର୍ଷର ପ୍ରକଳ୍ପଗୁଡ଼ିକ ଅଗ୍ରଗତି, ସାଧାରଣ ବଣ୍ଟନ ବ୍ୟବସ୍ଥା, ସମନ୍ୱିତ ମହିଳା, ଶିଶୁ ବିକାଶ ଯୋଜନା ଓ ଅଙ୍ଗନାୱାଡ଼ି କେନ୍ଦ୍ରଗୁଡିକ ଅଗ୍ରଗତି, ପାନୀୟ ଜଳ ଓ ପରିମଳ, ସ୍ୱାସ୍ଥ୍ୟ, ଶିକ୍ଷା, ମତ୍ସ୍ୟ ଓ ପଶୁ ପାଳନ ଉପରେ ଆଲୋଚନା କରାଯାଇଥିଲା। ସୁକିନ୍ଦା ବ୍ଲକର ଅଧିକାଂଶ ପଞ୍ଚାୟତରେ ପାନୀୟ ଜଳ ସମସ୍ୟାକୁ ନେଇ ଆଲୋଚନା କରାଯାଇଥିଲା। ୨୦୧୮-୧୯ ବର୍ଷ ପାଇଁ ଜିଲା ଖଣିଜ ପାଣ୍ଠି ବିନିଯୋଗରେ ହେବାକୁ ଥିବା ବିଭିନ୍ନ ପ୍ରକଳ୍ପଗୁଡ଼ିକୁ ତୁରନ୍ତ କାର୍ଯ୍ୟକାରୀ କରିବା। ରାଜ୍ୟ ସରକାରଙ୍କ ଆମ ଗାଁ ଆମ ବିକାଶ ଯୋଜନରେ ସୁକିନ୍ଦା ବ୍ଲକକୁ ଆସିଥିବା ୩କୋଟି ୯୫ ଲକ୍ଷ ଟଙ୍କାର ୭୦ଟିପ୍ରକଳ୍ପରୁ ୫୨ଟିପ୍ରକଳ୍ପର କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି ଏବଂ ବାକିଥିବା ୧୮ଟି କାର୍ଯ୍ୟାଦେଶ ତୁରନ୍ତ ପ୍ରଦାନ କରାଯିବ ବ୍ଲକ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଥିଲା। ନିର୍ମାଣ ହୋଇନଥିବା ଓ ଅଧାପନ୍ତରିଆ ଭାବେ ରହିଥିବା ୬୪ଟି ଅଙ୍ଗନାୱାଡ଼ି ଗୃହକୁ ତୁରନ୍ତ ସମାପ୍ତ କରିବାକୁ ବିଧାୟକ ଘଡ଼େଇ କହିଥିଲେ। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କାଳିଆପାଣି ଓ ଟମ୍‌କାଠାରେ ଦୁଇଟି ନୂତନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ ହେବ ବୋଲି ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ରବିନ୍ଦ୍ରନାରାୟଣ ମିଶ୍ର ସୂଚନା ଦେଇଥିଲେ। ବୈଠକରେ ବ୍ଲକ ଅଧକ୍ଷା ପଦ୍ମାବତୀ ଜେନା, ବିବେକାନନ୍ଦ ବୋଷ, ପ୍ରତାପ ପାତ୍ର, ସରୋଜିନୀ ରାଜ, ସ୍ୱର୍ଣ୍ଣପ୍ରଭା ମଲ୍ଲିକ,ଦିବ୍ୟ ରଞ୍ଜନ ବରାଳ ପ୍ରମୁଖ ଉପସ୍ଥିତ ଥିଲେ।



ବୈଠକରେ ବିଧାୟକଙ୍କ ସହିତ ଉପସ୍ଥିତ ଅଧିକାରୀ।

## ଆନ୍ତଃ ଜିଲା ମହାବିଦ୍ୟାଳୟ କବାଡ଼ି ପ୍ରତିଯୋଗିତା ଉଦ୍‌ଯାପିତ

ବିଞ୍ଝାରପୁର,୨୬।୯(ଡି.ଏନ.ଏ)

ଯାଜପୁର ଜିଲାର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଅରେଇସ୍ଥିତ ବରୁଣେଶ୍ୱର ମହାବିଦ୍ୟାଳୟ ପରିସରରେ ବୁଧବାର ଅପରାହ୍ନରେ ଆନ୍ତଃଜିଲା ମହାବିଦ୍ୟାଳୟ କବାଡ଼ି ପ୍ରତିଯୋଗିତା ଉଦ୍‌ଯାପିତ ହୋଇଛି। ଏହି ପ୍ରତିଯୋଗିତାରେ ଜିଲାର ୩୨ଟି ମହାବିଦ୍ୟାଳୟ ଅଂଶ ଗ୍ରହଣ କରିଥିବାବେଳେ ବୁଧବାର ଫାଇନାଲ ଖେଳ ମୁଗପାଳ ମହାବିଦ୍ୟାଳୟ ସହିତ ଚିତାଳୋ ମହାବିଦ୍ୟାଳୟ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ଫାଇନାଲ ମୁକାବିଲାରେ ମୁଗପାଳ ମହାବିଦ୍ୟାଳୟ ଚାମ୍ପିୟନ ହୋଇଥିବା ଜଣାପଡିଛି। ବିଜୟୀ ଦଳ ଆନ୍ତଃରାଜ୍ୟ ପ୍ରତିଯୋଗିତାରେ ଭାଗନେବ ବୋଲି ଜଣାପଡିଛି। ପ୍ରତିଯୋଗିତା ଶେଷରେ ଆୟୋଜିତ ଉତ୍ସବରେ ବିଜୟୀ ମୁଗପାଳ ମହାବିଦ୍ୟାଳୟର ବିଜୟୀ କବାଡି ଦଳକୁ ବରୁଣେଶ୍ୱର ମହାବିଦ୍ୟାଳୟର ଅଧକ୍ଷ କିର୍ତ୍ତନ ବିହାରୀ ସାମଲ ଟ୍ରଫି ପ୍ରଦାନ କରିଥିଲେ।

## ଇମ୍ଫା କମ୍ପାନୀ ପକ୍ଷରୁ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ

କାଳିଆପାଣି, ୨୬।୯(ଡି.ଏନ୍.ଏ.)

କାଳିଆପାଣି ଖଣି ଅଞ୍ଚଳରେ କାର୍ଯ୍ୟ କରୁଥିବା ଇମ୍ଫା କମ୍ପାନୀ ଓ ବଶଂଧର ଇଲାପଣ୍ଡା ଫାଉଣ୍ଡେଶନ ପକ୍ଷରୁ ବୁଧବାର ବିଭିନ୍ନ ଗ୍ରାମରେ ୭ଟି ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ ହୋଇଯାଇଛି । ୫୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟରେ କାଳିଆପାଣି ପଞ୍ଚାୟତର ଚଣ୍ଡିମାତା ବିଦ୍ୟାଳୟର ପାନୀୟ ଜଳପ୍ରକଳ୍ପ, ପଞ୍ଚାୟତ ଗୃହ ନବୀକରଣ ଓ ସୌନ୍ଦର୍ଯ୍ୟକରଣ, ବିର୍ସାନଗରଠାରେ ମହିଳା ସମିତି ଗୃହ, ଚିରୁଗୁଣିଆ ଗ୍ରାମରେ ପାନୀୟ ଜଳପ୍ରକଳ୍ପ ଓ ସାଧାରଣ ଶୌଚାଳୟ ସହ ଚିଙ୍ଗୁଡ଼ିପାଳ ପଞ୍ଚାୟତର ରଙ୍ଗମାଟିଆଠାରେ ପଞ୍ଚାୟତ ସ୍ୱାଗତ ଦ୍ୱାର, ଓସ୍ତିଆ ଗ୍ରାମରେ ସୌରଚାଳିତ ପାନୀୟ ଜଳପ୍ରକଳ୍ପ ଆଦି ନବନିର୍ମିତ ୭ଟି ପ୍ରକଳ୍ପକୁ ଇମ୍ଫା ଖଣିର ଉପସଭାପତି ସୁଧାଂଶୁ ପାଟନୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମରେ ଶ୍ରମିକ ସଂଘ ସମ୍ପାଦକ ନାରାୟଣ ଚନ୍ଦ୍ର ଧୀର, ବିଜେଡ଼ି ମହିଳା ରାଜ୍ୟ ଉପସଭାପତି ତଥା ସୁକିନ୍ଦା ପୂର୍ବତନ ଅଧକ୍ଷା ଭଗବତି ମହାନ୍ତ, କାଳିଆପାଣି ସରପଞ୍ଚ କଳ୍ପନା ଜେନା, ସମିତିସଭ୍ୟା ସଙ୍ଗୀତା ପ୍ରଧାନ, ଚିଙ୍ଗୁଡ଼ିପାଳ ସରପଞ୍ଚ ନୀଳେନ୍ଦ୍ର ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ । କମ୍ପାନୀ ପକ୍ଷରୁ ଲୋକସମ୍ପର୍କ ବରିଷ୍ଠ ପରିଚାଳକ ଜଗନମୋହନ ମଲ୍ଲିକଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କମ୍ପାନୀର ବରିଷ୍ଠ ଲୋକସମ୍ପର୍କ ଅଧିକାରୀ ମିଲନ ରଞ୍ଜନ କର, ଦେବାଶିଷ ସାମଲ, ଅଂଶୁମାନ ମହାପାତ୍ର, ସନ୍ଦୀପ ମିଶ୍ର ଓ ଗିରିଶ ପଟ୍ଟନାୟକ, ହେମଲତା ମହାନ୍ତ ପ୍ରମୁଖ ବହୁ ଅଧିକାରୀ ଯୋଗଦେଇ ପରିଚାଳନାରେ ସହଯୋଗ କରିଥିଲେ । କାଳିଆପାଣି ଯୁବକ ସଂଘ ସଭାପତି ଆଶିଷ ଜେନା ଭରତ ମହାନ୍ତ, ଉଧବ ଦେହୁରୀ, ପ୍ରଭାତ ପ୍ରଧାନ, ସୁଲୋଚନା ସାହୁ ଓ ଗ୍ରାମର ଶତାଧିକ ମହିଳା ଇମ୍ଫା କମ୍ପାନୀ ଏହି କାର୍ଯ୍ୟକ୍ରମକୁ ପ୍ରଶାଂସ କରିବା ସହ ଅଧିକରୁ ଅଧିକ ଉନ୍ନତି ମୂଳକ କାର୍ଯ୍ୟ କରିବାକୁ କମ୍ପାନୀ ଉପସଭାପତିଙ୍କ ନିକଟରେ ଦାବି କରିଥିଲେ ।

# ଏନ୍‌ଏଚ୍ ମରାମତି ଦାବିରେ ଗଣଧାରଣା

ସୁକିନ୍ଦା, ୨୬।୯ (ଡି.ଏନ୍.ଏ.)

ଡୁବୁରୀଠାରୁ ଢ଼େଙ୍କାନାଳ ଜିଲା ସୀମାନ୍ତ ଅନନ୍ତପୁର ପର୍ଯ୍ୟନ୍ତ ୫୩ ନଂ ଜାତୀୟ ରାଜପଥ ସୋଚନୀୟ ହୋଇପଡିଛି। ଜାତୀୟ ରାଜପଥ ପ୍ରାଧୀକରଣ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ ହୋଇ ଆସୁଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହୋଇପାରି ନାହିଁ। ବୁଧବାର ସୁକିନ୍ଦା ବିଜେଡି ପକ୍ଷରୁ ଦଳର ବହୁ ନିର୍ବାଚିତ ପ୍ରତିନିଧିମାନେ ରାଜପଥର ବାଘପୋଖରୀ ଛକରେ ୨ଘଣ୍ଟିଆ ରାସ୍ତାରୋକ କରାଯାଇଥିଲା। ପ୍ରକାଶ ଯେ, ଗତ ଜୁନ୍ ୭ ତାରିଖରେ ସୁକିନ୍ଦା ବିଧାୟକ ପ୍ରୀତିରଞ୍ଜନ ଘଡାଇଙ୍କ ସମେତ ବହୁ ବିଜେଡି କର୍ମୀ ଭୁବନେଶ୍ୱରସ୍ଥିତ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟ ଘେରାଉ ପରେ ବିଭାଗ ପକ୍ଷରୁ ରାସ୍ତା ମରାମତି ପାଇଁ ୧୬କୋଟି ମଞ୍ଜୁର କରାଯାଇଥିଲା। ଏହି ଟଙ୍କାରେ ଚଣ୍ଡିଖୋଲଠାରୁ ଡୁବୁରୀ ଓ ଅନ୍ୟାନ୍ୟ ସ୍ଥାନରେ କିଛି ମରାମତି କାର୍ଯ୍ୟ କରାଯାଇଥିଲା। ହେଲେ ଡୁବୁରୀ-ଅନନ୍ତପୁର ରାସ୍ତାର କୌଣସି ମରାମତି କରାଯାଇ ନ ଥିଲା। ଫଳରେ ବର୍ଷାରେ ରାସ୍ତାଟି ଏବେ ମରାମତି ଅଭାବରୁ ଯାତାୟତ ଅନୁପଯୁକ୍ତ ହୋଇ ପଡିଛି। ଗ୍ରାମବାସୀଙ୍କ ପକ୍ଷରୁ ୨ଦିନ ତଳେ ସୁକିନ୍ଦା ତହସିଲଦାରଙ୍କ ମାଧ୍ୟମରେ ଜିଲା ପ୍ରଶାସନ ଓ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ନିକଟକୁ ଦାବିପତ୍ର ପ୍ରଦାନ କରାଯାଇଥିଲା । ଯଥାଶୀଘ୍ର ରାସ୍ତା ମରାମତି କରା ନ ଗଲେ ସୁକିନ୍ଦା ବନ୍ଦ ଡାକରା ଦେବା ପାଇଁ ଗ୍ରାମବାସୀ ଚେତାବନୀ ମଧ୍ୟ ଦେଇଥିଲେ। ତେବେ ଏହାକୁ ଦୃଷ୍ଟିରେ ବିଜେଡି ପକ୍ଷରୁ ରାସ୍ତାରୋକ ଓ ଗଣଧାରଣା ଦିଆ ଯାଇଥିବା ସାଧାରଣରେ ଆଲୋଚନା ହେଉଛି। ଧାରଣାରେ ସୁକିନ୍ଦା ବ୍ଲକ ଅଧକ୍ଷା ପଦ୍ମାବତୀ ଜେନା, ଜିଲାପରିଷଦ ସଭ୍ୟା ସରୋଜିନି ରାଜ,ସ୍ୱର୍ଣ୍ଣପ୍ରଭା ମଲ୍ଲିକ,ବ୍ଲକ ଉପାଧକ୍ଷ ଦିବ୍ୟରଞ୍ଜନ ବରାଳ, ବିବେକାନନ୍ଦ ବୋଷ, ଜୟନ୍ତ ରାଉତ, ବିଶ୍ୱଜିତ ବେହୁରା, ଜାହାଙ୍ଗିର ଖାଁ, ଦେବୀପ୍ରସାଦ ମହାନ୍ତ ପ୍ରମୁଖ ସାମିଲ ହୋଇଥିଲେ।

# ରସୁଲପୁର ବ୍ଲକ ପଞ୍ଚାୟତ ପ୍ରତିନିଧିଙ୍କ ବୈଠକ

- ସରପଞ୍ଚ ସଂଘ ଗଠନ ପାଇଁ ପ୍ରସ୍ତାବ
- ଦୌଡ଼ରାଣୀ ଦୂତୀଙ୍କୁ କଲେ ସମ୍ବର୍ଦ୍ଧିତ

ରସୁଲପୁର,୨୬।୯(ଡି.ଏନ୍.ଏ.)

ରସୁଲପୁର ବ୍ଲକର ପଞ୍ଚାୟତ ନିର୍ବାଚିତ ପ୍ରତିନିଧିଙ୍କୁ ନେଇ ବୁଧବାର ଏକ ବୈଠକ ଗୋପାଳପୁରସ୍ଥିତ ପୂର୍ତ୍ତବିଭାଗ ଡାକ ବଙ୍ଗଳାରେ ଅନୁଷ୍ଠିତ ହୋଇଛି। ରାଜେନ୍ଦ୍ରପୁର ସରପଞ୍ଚ ସୁଶାନ୍ତ କୁମାର ବେହେରାଙ୍କ ଆହ୍ୱନକ୍ରମେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। କୋରେଇ ବିଧାୟକ ପ୍ରତିନିଧି ପ୍ରହ୍ଲାଦ ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ପଞ୍ଚାୟତର ସରପଞ୍ଚଙ୍କ ଅଧିକାର ସମ୍ପର୍କରେ ଆଲୋଚନା ହୋଇଥିଲା। ପଞ୍ଚାୟତରାଜ ବ୍ୟବସ୍ଥାରେ ସରପଞ୍ଚଙ୍କୁ ଦିଆଯାଇଥିବା ୨୯ କ୍ଷମତାକୁ ଠିକ୍ ଭାବରେ ପାଳନ କରାଯାଉ ନ ଥିବା ନେଇ ବୈଠକରେ କ୍ଷୋଭ ପ୍ରକାଶ ପାଇଥିଲା। ଏହାଛଡ଼ା ପଞ୍ଚାୟତ ପାଣ୍ଠି ୧୪ତମ କେନ୍ଦ୍ରୀୟ ଅନୁଦାନ ଓ ଚତୁର୍ଥ ରାଜ୍ୟ ଅନୁଦାନକୁ କାର୍ଯ୍ୟକାରୀ କରିବାରେ ସରପଞ୍ଚଙ୍କୁ ଅଣଦେଖା କରାଯାଉଛି। ଏହି ବାବଦରେ ଆସିଥିବା ଅର୍ଥର ଟେଣ୍ଡର ପ୍ରକ୍ରିୟାକୁ ଠିକ୍ ଭାବରେ ପାଳନ କରାଯାଉ ନାହିଁ। ପଞ୍ଚାୟତ ଆଲୋକୀକରଣ ପାଇଁ ଉଦ୍ଦିଷ୍ଟ ଅର୍ଥର ଟେଣ୍ଡର ପ୍ରକ୍ରିୟା ଓ ତାର ଖର୍ଚ୍ଚ ସମ୍ପର୍କରେ ଆପତ୍ତି ଉଠାଇଛନ୍ତି ସରପଞ୍ଚଗଣ। ଏଦିଗରେ ରହିଥିବା ବିଧି ବ୍ୟବସ୍ଥାକୁ କଡ଼ାକଡ଼ି ଭାବରେ ପାଳନ କରାଯାଉ। ପଞ୍ଚାୟତ ଅଧିକାରୀମାନେ ସରପଞ୍ଚଙ୍କୁ ଅଣଦେଖା କରି କାର୍ଯ୍ୟ କରୁଥିବାରୁ ଆଗାମୀ ଦିନରେ ସେମାନଙ୍କ ବିରୋଧରେ ଦୃଢ ସ୍ୱର ଉତ୍ତୋଳନ କରାଯିବ ବୋଲି ବିଭିନ୍ନ ପଞ୍ଚାୟତରୁ ଆସିଥିବା ସରପଞ୍ଚମାନେ ଚେତାବନୀ ଦେଇଛନ୍ତି। ବ୍ଲକର ୨୮ଗୋଟି ପଞ୍ଚାୟତର ସରପଞ୍ଚଙ୍କୁ ନେଇ ଏକ ସଂଘ ଗଠନ ପାଇଁ ପ୍ରସ୍ତାବ ଗୃହିତ ହୋଇଛି। ଏସମ୍ପର୍କରେ ତର୍ଜମା କରାଯିବା ସହ ବ୍ଲକରେ ସାମିଲ ହୋଇଥିବା ୩ଟି ନିର୍ବାଚନ ମଣ୍ଡଳି ବରୀ, କୋରେଇ, ଧର୍ମଶାଳାର ବିଧାୟକଙ୍କ ସହ ଯୋଗାଯୋଗ ସ୍ଥାପନ କରାଯାଇ ନିଷ୍ପତି ନିଆଯିବ ବୋଲି ବୈଠକରେ ସ୍ଥିର କରାଯାଇଛି। ଏଦିଗରେ ବିଧାୟକଙ୍କ ସହ ଯୋଗାଯୋଗ କରିବା ପାଇଁ ଟିକରପଡ଼ା ସରପଞ୍ଚ ଅତୁଲ୍ୟ ପ୍ରଧାନ, ବାରବାଟୀ ସରପଞ୍ଚ ସୁରଜିତ୍ ମହାନ୍ତି, ରାଜେନ୍ଦ୍ରପୁର ସରପଞ୍ଚ ସୁଶାନ୍ତ କୁମାର ବେହେରାଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ବୈଠକରେ ଦୌଡ଼ରାଣୀ ଦୂତୀ ଚାନ୍ଦଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ବିଭିନ୍ନ ପଞ୍ଚାୟତରୁ ଆସିଥିବା ସରପଞ୍ଚ, ସମିତିସଭ୍ୟାସଭ୍ୟମାନେ ଦୂତୀଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଯୁବନେତା ପ୍ରକାଶ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।



ଦୌଡ଼ରାଣୀ ଦୂତିଚାନ୍ଦଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ପ୍ଲାଷ୍ଟିକ୍ ମୁକ୍ତ ଓଡ଼ିଶା ଅଭିଯାନ









ଧରିତ୍ରୀ ଓ ଓଡ଼ିଶା ପୋଷ୍ଟ ତରଫରୁ ଆରମ୍ଭ ହୋଇଥିବା ପ୍ଲାଷ୍ଟିକମୁକ୍ତ ଓଡ଼ିଶା ଅଭିଯାନକୁ ସମର୍ଥନ ଜଣାଉଛନ୍ତି ବରୀସ୍ଥିତ ଅଟିରା ପଞ୍ଚାୟତସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ର, ଅଲିପୁରସ୍ଥିତ ଭାରତୀୟ ବିଦ୍ୟାନିକେତନ ଓ ଯଁପଡା ଉଚ୍ଚ ପ୍ରାଥମିକ ଓ ନିମ୍ନମୌଳିକ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ।



"ମୋ ନିଜ ପରିବାରକୁ ଯଦି ମୁଁ ସଜାଡି ଦେବି, ତେବେ ଗୋଟିଏ ରାଜ୍ୟ ସଜାଡିବାର ପରାମର୍ଶ ବା ଦାୟିତ୍ୱ ନିଶ୍ଚୟ ଅନ୍ୟକୁ ଦେଇପାରିବି ।
-ଫ୍ରାନ୍ସିସ୍ ବାକନ୍

# ମା' ବିରଜାଙ୍କ ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ

- ଆସନ୍ତା ୮ରେ ଶେଷ ହେବ ରଥ ନିର୍ମାଣ
- ୯ରେ ରଥପୂଜା ଓ ରଥଟଣା
- ନଅ ଦିନ ଧରି ଚାଲିବ ରଥଯାତ୍ରା

ବିରଜାକ୍ଷେତ୍ର,୨୬।୯(ଡି.ଏନ୍.ଏ)



ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା' ବିରଜାଙ୍କ ଦୁର୍ଗାପୂଜା ଅବସରରେ ରଥଯାତ୍ରା ଅନୁଷ୍ଠିତ ହୋଇଥାଏ। ରଥଯାତ୍ରା ନିମନ୍ତେ ରଥ ନିର୍ମାଣର ଶୁଭାରମ୍ଭ ଇନ୍ଦୁ ପୂର୍ଣ୍ଣିମାଠାରୁ ଆରମ୍ଭ ହୋଇଛି। ପବିତ୍ର ସୁନିଆଁଠାରୁ ମା' ବିରଜାଙ୍କ ବନଯୋଗ ଯାତ୍ରା ଆରମ୍ଭ ହୋଇ ରଥ ନିର୍ମାଣ ପାଇଁ ବିଲ୍ୱ କାଠ ଅନୁକୂଳ ହୋଇଥାଏ। ମା' ବିରଜାଙ୍କ ରଥ ନିର୍ମାଣ ଆଶ୍ୱିନମାସ ଅମାବାସ୍ୟା ଅକ୍ଟୋବର ୮ ତାରିଖ ଶେଷ ହେବ। ଏହିଦିନ ରଥ ମଣ୍ଡପରେ ରଥାଧିବାସ ପୂଜା କାର୍ଯ୍ୟକ୍ରମ ଅନୁଷ୍ଠିତ ହୁଏ। ରଥାଧିବାସ ପରଦିନ ଅର୍ଥାତ୍ ଅକ୍ଟୋବର ୯ରେ ରଥ ମଣ୍ଡପରେ ରଥପୂଜା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହ ରଥଟଣା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ରଥରେ ମା' ବିରଜାଙ୍କ ଚଳନ୍ତି ପ୍ରତିମା ବିଜେ କରିଥାନ୍ତି। ଏହିଦିନଠାରୁ ଭକ୍ତମାନେ ମା' ବିରଜାଙ୍କ ନବରାତ୍ରୀ ଦର୍ଶନ ପରେ ବିଶେଷ ପୁଣ୍ୟ ଅର୍ଜନ କରିଥାନ୍ତି। ଦ୍ୱିତୀୟାଷ୍ଟମୀ ଅକ୍ଟୋବର ୨ରୁ ଦୁର୍ଗା ଉତ୍ସବ ଉପଲକ୍ଷେ ବିଶେଷ ଷୋଡ଼ଶୋପଚାର ପୂଜା ଆରମ୍ଭ ହୋଇଥାଏ। ଏହା ୧୫ଦିନ ଧରି ଚାଲି ମହାଷ୍ଟମୀ ଦିନ ଶେଷ ହୋଇଥାଏ। ମା' ବିରଜାଙ୍କ ରଥଯାତ୍ରା ଓ ବିଶେଷ ଷୋଡ଼ଶୋପଚାର ପୂଜାକୁ ମନ୍ଦିରର ଧର୍ମାଧିକାରୀଙ୍କ ସମେତ ପୁରୋହିତମାନେ ସମ୍ପନ୍ନ କରିଥାନ୍ତି। ମା' ବିରଜାଙ୍କ ରଥକୁ ବିଜୟା ରଥ ବା ସିଂହଧ୍ୱଜ ରଥଭାବେ ପୁରାଣ ବର୍ଣ୍ଣିତ ଅଛି। ୯ଦିନ ଧରି ମା' ବିରଜାଙ୍କ ରଥଯାତ୍ରା ଅନୁଷ୍ଠିତ ହୋଇଥାଏ। ଭାରତବର୍ଷର କୌଣସି ଶକ୍ତିପୀଠରେ ରଥଯାତ୍ରା ଅନୁଷ୍ଠିତ ହେଉଥିବା ଦେଖିବାକୁ ମିଳେନାହିଁ। ଏପରିକି ୯ ଦିନ ଧରି ରଥଯାତ୍ରା ଭାରତବର୍ଷର ଅନ୍ୟ କୌଣସି ଜାଗାରେ ଦେଖିବାକୁ ମିଳେନାହିଁ। ମା' ବିରଜାଙ୍କ ରଥ ନିର୍ମାଣ ଶୈଳୀ ଓ ଆକୃତିକୁ ଲକ୍ଷ୍ୟ କଲେ ମା' ବିରଜାଙ୍କ ମୁଖ୍ୟ ମନ୍ଦିର ନିର୍ମାଣଶୈଳୀକୁ ଅନୁସରଣ କରାଯାଇ ରଥ ନିର୍ମାଣ କରାଯାଇଥିବା ଜଣାଯାଏ। ଏହାର ଚକବିନ୍ୟାସ ମଧ୍ୟ ଏକ ଯନ୍ତ୍ର ନିର୍ମାଣ ଢାଞ୍ଚାରେ ସନ୍ନିବେସିତ ହୋଇଥାଏ। ଏହି ରଥର ଉଚ୍ଚତା ୫୫', ଦୈର୍ଘ୍ୟ ୨୧'-୩'', ପ୍ରସ୍ଥ ୧୭'-୩''। ଶିଖର ପ୍ରଦେଶରେ ତିନିଗୋଟି ପିତ୍ତଳ କଳସ, ତହିଁ ଉପରେ ଚକ୍ର ଓ ପତାକା ଶୋଭା ପାଉଥାଏ। ଏଥିରେ ବ୍ୟବହୃତ କାଠ ସଂଖ୍ୟା ୮୯୮ଖଣ୍ଡ। ମୁଖ୍ୟ ଖୁଣ୍ଟ ୪ଟିକୁ ସୁନା ଖୁଣ୍ଟ କୁହାଯାଏ। ମା' ଯେଉଁଠାରେ ବିଜୟ କରନ୍ତି ତାହା ଏକ ଦିବ୍ୟ ଆସ୍ଥାନ। ଠିକ୍ ଏହା ସମ୍ମୁଖରେ ବାହାରକୁ ରହେ ମୁଖରଥ। ଚତୁର୍ମୁଖବ୍ରହ୍ମ ଏହି ରଥର ସାରଥୀ। ସେ ଏହି ମୁଖ ରଥରେ ଆସନ ଗ୍ରହଣ କରନ୍ତି। ଦଶ ଦିଗରେ ଲୋକପାଳମାନେ ଓ ଚତୁଃପାର୍ଶ୍ୱରେ ନବଗ୍ରହମାନେ ସ୍ଥାନୀତ ହୋଇ ରଥର ରକ୍ଷାବିଧାନ କରନ୍ତି। ସମ୍ମୁଖରେ ସୁସଜ୍ଜିତ ଦୁଇଟି ମହାଗଜ, ଦୁଇଟି ବିରାଟକାୟ ସିଂହ ଓ ଘୋଡ଼ା ସ୍ଥାପିତ ହୋଇ ରଥର ସୌନ୍ଦର୍ଯ୍ୟ ବୃଦ୍ଧି କରନ୍ତି। ରକ୍ତ, ପୀତ, ଈଷତ୍ କୃଷ୍ଣ, ନାରଙ୍ଗୀ ଓ ସବୁଜ ରଙ୍ଗର ପଞ୍ଚବର୍ଣ୍ଣ କପଡ଼ାରେ ନିର୍ମିତ ଆଚ୍ଛାଦନ ଦ୍ୱାରା ସମ୍ପୂର୍ଣ୍ଣ ରଥଟିକୁ ଆଚ୍ଛାଦିତ କରାଯାଏ। ନିମ୍ନଭାଗରେ ଶଙ୍ଖଚୂଡ଼ ଓ ସ୍ୱର୍ଣ୍ଣଚୂଡ଼ ନାମକ ଦୁଇଗୋଟି ରଜ୍ଜୁ ସଂଯୋଗ କରାଯାଏ। ଯାହାକୁ ଧରି ଭକ୍ତମାନେ ରଥ ଟାଣନ୍ତି। ରଥର ନାମ ସମ୍ବନ୍ଧରେ ମତଦ୍ୱୈଧ ଦେଖାଯାଏ। ପ୍ରାକ୍ତନ ବିଦ୍ୱାନମାନେ 'ବିଜୟା' ବୋଲି ରଥକୁ କୁହନ୍ତି। ଉଭୟ ନାମର ସାର୍ଥକତା ରହିଛି। ଏପରି ଏକ ଦିବ୍ୟରଥରେ ବସି ମା' ବିରଜା ଆଶ୍ୱିନ ଶୁକ୍ଳ ପ୍ରତିପଦା ତିଥିଠାରୁ ମହାନବମୀ ପର୍ଯ୍ୟନ୍ତ ପ୍ରତ୍ୟହ ଅପରାହ୍ନରେ ବେଢ଼ା ପରିକ୍ରମା କରନ୍ତି। ଏହା ମା'ଙ୍କର ଏକ ଜୈତ ଯାତ୍ରା ବୋଲି କୁହାଯାଏ। ଏହି ବିଶେଷ ଦୁର୍ଗାପୂଜା ଉତ୍ସବରେ ୧୫ ଦିନ ଧରି ମା'ଙ୍କର ବିଶେଷ ପୂଜା ଓ ଷୋଡ଼ଶୋପଚାର ପୂଜା ହୋଇଥାଏ। ନବମୀ ଦିନ ମା'ଙ୍କ ଲାଖବିନ୍ଧା ଉତ୍ସବ ଅନୁଷ୍ଠିତ ହୁଏ। ବିରଜାକ୍ଷେତ୍ର ଯାଜପୁରରେ ଶକ୍ତି ପରମ୍ପରା ଆଧାରରେ ମା' ବିରଜାଙ୍କ ରଥଯାତ୍ରା ପର୍ବ ପାଳନ ହୋଇଥାଏ। ଏହି ନବଦିବସୀୟ ରଥଯାତ୍ରା ଦର୍ଶନ କରି ପାପତାପରୁ ମୁକ୍ତିଲାଭ କରିବାପାଇଁ ଦେଶବିଦେଶରୁ ବହୁ ଭକ୍ତ ଟାଣିହୋଇ ଆସନ୍ତି ମା' ବିରଜାଙ୍କ ରଥଦାଣ୍ଡକୁ। ମା' ବିରଜାଙ୍କ ରଥକୁ ନିମାଇଁ ଚରଣ ଓଝା, କାମଦେବ ଓଝା, ପ୍ରଭାକର ବିନ୍ଧାଣୀ, ନୀଳମଣି ଓଝା, ଅଶୋକ ମହାରଣା, ରମେଶ ମହାରଣା, ପିଣ୍ଟୁ ମହାରଣା ପ୍ରଭୃତି ନିର୍ମାଣ କରିଥାନ୍ତି। ଚଳିତବର୍ଷ ମା' ବିରଜାଙ୍କ ପଞ୍ଚମୀ ହୋମ ଅକ୍ଟୋବର ୧୩ ତାରିଖରେ ପଡୁଅଛି। ସେହିପରି ମହାଷ୍ଟମୀ ପୂଜା, ହୋମ, ଉପବାସ ୧୬ ତାରିଖରେ ପଡୁଥିବାବେଳେ ମହାନବମୀ ୧୭ରେ ପଡୁଛି। ବିରଜାଙ୍କ ଦଶହରା ପର୍ବ ୧୮ ତାରିଖରେ ପାଳନ ହେବ।

## ସଂକ୍ଷେପରେ

### ଜାତୀୟସ୍ତରୀୟ କବାଡି ପ୍ରତିଯୋଗିତା ପାଇଁ ଲିଜା ମନୋନୀତ



କୋରେଇ,୨୬।୯(ସ୍ୱ.ପ୍ର): କୋରେଇ ବ୍ଲକ ଅନ୍ତର୍ଗତ ବଡବିରୁହାଁ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀ ଛାତ୍ରୀ ଲିଜା ବେହେରା ଜାତୀୟ କବାଡି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବାକୁ ମନୋନୀତ ହୋଇଛନ୍ତି। ବରଗଡଠାରେ ରାଜ୍ୟସ୍ତରୀୟ ମହିଳା କବାଡି ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସଫଳତା ପାଇବା ପରେ ତାଙ୍କୁ ମନୋନୀତ କରାଯାଇଛି। ଆସନ୍ତା ୩୦ତାରିଖରେ ମଧ୍ୟପ୍ରଦେଶରେ ଅନୁଷ୍ଠିତ ସର୍ବଭାରତୀୟ ବିଦ୍ୟାଳୟ ମହିଳା କବାଡିରେ ଲିଜା ଅଂଶଗ୍ରହଣ କରିବେ। ଏହି ଖବର ସ୍ଥାନୀୟ ଅଞ୍ଚଳରେ ଖୁସିର ଲହରୀ ଖେଳାଇ ଦେଇଛି। ବଡବିରଉହାଁ ସମିତିସଭ୍ୟ ପ୍ରମୋଦ କୁମାର ସାହୁ, ପ୍ରଧାନ ଶିକ୍ଷୟିତ୍ରୀ ମାଳତୀ ଲତା ଚାନ୍ଦ, ସହକାରୀ ଶିକ୍ଷକ ବିନୋଦ ବିହାରୀ ମହାପାତ୍ର, ରାମ ଚନ୍ଦ୍ର ସାହୁ, ଦେବବ୍ରତ ଦଳାଇ, ସୁକଲ୍ୟାଣୀ ଶୁଭଶ୍ରୀ ସାହୁ, ତସମିନ କୌଶର, ସଙ୍ଘମିତ୍ରା ମାଝୀ, ନିଲୀମା ଆଚାର୍ଯ୍ୟ, ସବନମ ଆରା ଓ କ୍ରୀଡା ଶିକ୍ଷକ ଜୟରାମ ମାଝୀଙ୍କ ସମେତ ଗ୍ରାମବାସୀମାନେ ଲିଜାଙ୍କୁ ଶୁଭେଚ୍ଛା ଜଣାଇବା ସହ ତାଙ୍କ ସଫଳତା କାମନା କରିଛନ୍ତି।

### ଜଳଖିଆ ଦୋକାନରୁ ମଦ ଜବତ

ବିରଜାକ୍ଷେତ୍ର,୨୬।୯(ଡି.ଏନ୍.ଏ)- ଯାଜପୁର ଥାନା ପକ୍ଷରୁ ଚୋରା ବିଦେଶୀ ମଦ ଜବତ ସହ ଜଣକୁ ଗିରଫ କରାଯାଇଛି। ରାମବାଗ ଛକରେ ଏକ ଜଳଖିଆ ଦୋକାନରେ ଚୋରା ବିଦେଶୀ ମଦ ବିକ୍ରି ହେଉଥିବା ଯାଜପୁର ପୋଲିସ ନିକଟରେ ଅଭିଯୋଗ ହୋଇଆସୁଥିଲା। ଅଭିଯୋଗକୁ ଭିତ୍ତି କରି ଯାଜପୁର ଭାରପ୍ରାପ୍ତ ଥାନାଧିକାରୀ ମାନସ ରଞ୍ଜନ ଚକ୍ରଙ୍କ ନିର୍ଦ୍ଦେଶମତେ ଏଏସ୍ଆଇ ସୁଧାଂଶୁ ରାଉତ ବୁଧବାର ରାମବାଗ ଅଞ୍ଚଳର ଅଶୋକ କୁମାର ରାଉତଙ୍କ ଜଳଖିଆ ଦୋକାନ ଉପରେ ଚଢ଼ାଉ କରି ୫୦ ବିଦେଶୀ ମଦ ବୋତଲକୁ ଜବତ କରିବା ସହ ଅଶୋକଙ୍କୁ ଗିରଫ କରିଥିଲେ। ଅଶୋକ ଜଳଖିଆ, ମନୋହରୀ ଦୋକାନ ସାଙ୍ଗକୁ ଚୋରାଭାବେ ବିଦେଶୀ ମଦ ବହୁ ଦିନ ହେବ ବିକ୍ରି କରୁଥିବା ଅଭିଯୋଗ ହୋଇଆସୁଥିଲା।

### ସାଧାରଣ ନିର୍ବାଚନ ଲାଗି ଇଭିଏମ୍ ଟ୍ରେନିଂ

ଦଶରଥପୁର,୨୬।୯(ଡିଏନ୍ଏ)- ମାତ୍ର ଆଉ କେତେଟା ମାସ ପରେ ହେବାକୁ ଯାଉଛି ସାଧାରଣ ନିର୍ବାଚନ। ଏଥିଲାଗି ସରକାରୀସ୍ତରୀୟ ସମସ୍ତ ପ୍ରସ୍ତୁତି ଆରମ୍ଭ ହୋଇଗଲାଣି। ଏହି ପର୍ଯ୍ୟାୟରେ ଯାଜପୁର ନୃସିଂହ ଚୌଧୁରୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ବୁଧବାର ପୂର୍ବାହ୍ନ ସାଢେ ୧୦ଟାରୁ ମଧ୍ୟାହ୍ନ ୧ଟା ପର୍ଯ୍ୟନ୍ତ ମେଶିନ୍ ସାହାଯ୍ୟରେ ଭୋଟ ଗ୍ରହଣ କରାଯିବା ସମ୍ପର୍କରେ ଏକ ଟ୍ରେନିଂ ପ୍ରଦାନ କରାଯାଇଥିଲା। ଜିଲା ପ୍ରଶାସନ ପକ୍ଷରୁ ଆୟୋଜିତ ଏହି ପ୍ରଶିକ୍ଷଣ ଶିବିରରେ ଜିଲାର ୧୦ଟି ବ୍ଲକର ବିଡିଓମାନେ ଟ୍ରେନିଂ ନେଇଥିବାବେଳେ ଏହି ଶିବିରରେ ଜିଲାପାଳ ରଞ୍ଜନ କୁମାର ଦାସ, ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳ, ଏଡିଏମ୍ ମିହିର କୁମାର ମହାନ୍ତି, ପିଡି ବ୍ରଜ ଗୋପାଳ ଆଚାର୍ଯ୍ୟଙ୍କ ସହ ଜିଲାର ଅନ୍ୟାନ୍ୟ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ। ୩୫ ପଞ୍ଚାୟତକୁ ନେଇ ଗଠିତ ଦଶରଥପୁର ବ୍ଲକ ଯାଜପୁର ନିର୍ବାଚନମଣ୍ଡଳୀର ୨୦ପଞ୍ଚାୟତ ଲାଗି ୧୧୮ଟି ବୁଥ୍ ଏବଂ ବିଞ୍ଝାରପୁର ନିର୍ବାଚନ ମଣ୍ଡଳୀର ୧୫ ପଞ୍ଚାୟତ ଲାଗି ୭୯ ବୁଥ୍‌ରେ ଭୋଟରମାନେ ଭିଭି ପାର୍ଟ ମେଶିନ୍‌ରେ (ଇଭିଏମ୍)ରେ ମତଦାନ କରିବେ ବୋଲି ଦଶରଥପୁର ବିଡିଓ ନାରାୟଣ ଚନ୍ଦ୍ର ନାୟକ ସୂଚନା ଦେଇଛନ୍ତି। ତେବେ ନିର୍ବାଚନରେ ବ୍ୟବହାର ହେବାକୁ ଥିବା ମେଶିନ୍‌ରେ ଭୋଟରମାନେ ନିଜ ଭୋଟ କାହାକୁ ଦେଲେ ନିଜେ ୭ସେକେଣ୍ଡ ସମୟ ମଧ୍ୟରେ ମେଶିନ୍‌ରେ ଦେଖିପାରିବେ ବୋଲି ସୂଚନା ଦିଆଯାଇଛି।





ରସୁଲପୁରସ୍ଥିତ ଓଡ଼ଙ୍ଗ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ର ଧରିତ୍ରୀ ଏବଂ ଓଡ଼ିଶାପୋଷ୍ଟ ପକ୍ଷରୁ ଆରମ୍ଭ ହୋଇଥିବା 'ପ୍ଲାଷ୍ଟିକ ମୁକ୍ତ ଓଡ଼ିଶା' ଅଭିଯାନକୁ ସମର୍ଥନ ଜଣାଉଛନ୍ତି।

## ଶିକ୍ଷକ ବଦଳି ପ୍ରତିବାଦ, ସ୍ଥାୟୀ ନିଯୁକ୍ତି ଦାବିରେ ଦାବିପତ୍ର



ଦାବିପତ୍ର ଦେବାକୁ ଆସିଥିବା ଛାତ୍ରୀଛାତ୍ର ଓ ଅଭିଭାବକମାନେ।

କୋରେଇ,୨୬।୯(ସ୍ୱ.ପ୍ର)

କୋରେଇ ଶିକ୍ଷାମଣ୍ଡଳ ଅଧୀନ ସାଦକପୁର ପଞ୍ଚାୟତ କୋରେଇ ନୋଡାଲ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକଙ୍କ ବଦଳି ପ୍ରତିବାଦ ଏବଂ ବିଦ୍ୟାଳୟରେ ଜଣେ ସ୍ଥାୟୀ ଶିକ୍ଷକ ନିଯୁକ୍ତି ଦାବିରେ ବିଦ୍ୟାଳୟର ଶତାଧିକ ଛାତ୍ରୀଛାତ୍ର ଏକାଠି ହେବା ସହିତ ଏନେଇ ଜିଲାପାଳ ଏବଂ ଜିଲା ଶିକ୍ଷାମଣ୍ଡଳ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି। କୋରେଇ ନୋଡ଼ାଲ ବିଦ୍ୟାଳୟରେ ମୋଟ ୪୪୬ଜଣ ଛାତ୍ରୀଛାତ୍ର ପଢନ୍ତି। ବିଦ୍ୟାଳୟରେ ୧୩ଜଣ ଶିକ୍ଷୟିତ୍ରୀଶିକ୍ଷକ କାର୍ଯ୍ୟ କରୁଥିବା ବେଳେ ୨୦୧୭ମସିହା ଅକ୍ଟୋବରରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କର ଅନ୍ୟତ୍ର ବଦଳି ହୋଇଥିଲା। ହେଲେ ଏହା ମଧ୍ୟରେ ବର୍ଷକରୁ ଉର୍ଦ୍ଧ ସମୟ ବିତିଯାଇଥିଲେ ମଧ୍ୟ ବିଦ୍ୟାଳୟରେ କୌଣସି ସ୍ଥାୟୀ ପ୍ରଧାନଶିକ୍ଷକ ନିଯୁକ୍ତି ହୋଇନାହାନ୍ତି। ଫଳରେ ବିଦ୍ୟାଳୟ ପରିଚାଳନା ସହିତ ପିଲାଙ୍କ ପାଠପଢା ଓ ଅନ୍ୟାନ୍ୟ ଉନ୍ନୟନ କାର୍ଯ୍ୟରେ ବାଧା ଉପୁଜିଛି। ବିଦ୍ୟାଳୟକୁ କୌଣସି ସରକାରୀ ଅନୁଦାନ ଆସିବାରେ ଅସୁବିଧା ହେଉଥିବା ବେଳେ ମଧ୍ୟାହ୍ନ ଭୋଜନ ଏବଂ ପରିଚାଳନାରେ ମଧ ବାଧା ସୃଷ୍ଟି ହେଉଥିବା ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ଅଭିଯୋଗ ହୋଇଛି। ଏନେଇ କୋରେଇ ବିଇଓଙ୍କ ନିକଟରେ ବହୁବାର ଅଭିଯୋଗ କରିଥିଲେ ମଧ କିଛି ସୁଫଳ ମିଳୁନାହିଁ। ଫଳରେ ବୁଧବାର ବିଦ୍ୟାଳୟ ପରିଚାଳନା କମିଟି ଅଧକ୍ଷ କଲିମୁଦ୍ଦିନ୍ ଖାନ୍‌ଙ୍କ ଅଧକ୍ଷତାରେ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ବୈଠକରେ ପୂର୍ବତନ ସରପଞ୍ଚ ରବୀନ୍ଦ୍ର ବେହେରାଙ୍କ ସମେତ ଶତାଧିକ ଅଭିଭାବକ ଏବଂ ଛାତ୍ରୀଛାତ୍ର ଏକତ୍ରିତ ହୋଇଥିଲେ। ପରେ ବିଇଓ ସୁଶାନ୍ତ କୁମାର ଶତପଥୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏ ନେଇ ବିଇଓ ଶତପଥୀଙ୍କୁ ପଚାରିବାରୁ, ଶିକ୍ଷକ ନିଯୁକ୍ତି କରିବା ଜିଲା ଅଧିକାରୀଙ୍କ କ୍ଷମତା ପରିସର ଭୁକ୍ତ ହୋଇଥିବା ବେଳେ ଏନେଇ ଅଧିକାରୀଙ୍କୁ ଅବଗତ କରାଯିବ। ଅଧିକାରୀଙ୍କ ନିର୍ଦ୍ଦେଶ ଅନୁସାରେ ଶିକ୍ଷକ ନିଯୁକ୍ତି ହେବ ବୋଲି କହିଛନ୍ତି।

## ଯାଜପୁର ହେଲା ବାହ୍ୟ ମଳମୁକ୍ତ ସହର

ବିରଜାକ୍ଷେତ୍ର,୨୬।୯(ଡି.ଏନ୍.ଏ)



ଗୌତମବୁଦ୍ଧ ସଂସ୍କୃତି ଭବନ ପରିସରରେ ଆୟୋଜିତ ସଭାରେ ମଞ୍ଚାସୀନ ଅତିଥି।

ରାଜ୍ୟର ୪ନମ୍ବର ସହରଭାବେ ଯାଜପୁର ବାହ୍ୟ ମଳମୁକ୍ତ ସହର ଭାବେ ବିବେଚିତ ହୋଇଛି। ଏହି ପରିପ୍ରେକ୍ଷୀରେ ଯାଜପୁର ପୌରପାଳିକା ପକ୍ଷରୁ ଯାଜପୁର ପୌରାଞ୍ଚଳ ବାହ୍ୟ ମଳମୁକ୍ତ ସହରଭାବେ ରାଜ୍ୟରେ ୪ର୍ଥ ସହରଭାବେ ଗଣିତ ହୋଇଥିବାରୁ ବୁଧବାର ଗୌତମବୁଦ୍ଧ ସଂସ୍କୃତି ଭବନ ପରିସରରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଯାଜପୁର ପୌରପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପୌରପାଳ ଭବପ୍ରସାଦ ଦାସ ସ୍ୱଚ୍ଛ, ସରସ, ସୁନ୍ଦର ସହରରେ ପରିଣତ କରିବା ପାଇଁ ଯାଜପୁର ପୌରାଞ୍ଚଳ ନାଗରିକଙ୍କୁ ନିବେଦନ କରିବା ସହ ଅଳିଆ ଆବର୍ଜନାକୁ ଡଷ୍ଟବିନ୍‌ରେ ପକାଇବା, ପ୍ଲାଷ୍ଟିକ୍‌କୁ ସମ୍ପୂର୍ଣ୍ଣ ବ୍ୟବହାର ଉପରେ ରୋକ୍ ଲଗାଇ ପ୍ଲାଷ୍ଟିକ୍‌ମୁକ୍ତ ସହର ଭାବେ ଗଢ଼ି ତୋଳିବା ପାଇଁ ପ୍ରୟାସ ଜାରି ରଖିବା ଏବଂ ବାହାରେ ମଳତ୍ୟାଗ ନ କରି ନିଜ ଗୃହରେ ପାଇଖାନା ନିର୍ମାଣ କରି ମଳତ୍ୟାଗ କରି ଯାଜପୁର ସହରକୁ ବାହ୍ୟ ମଳମୁକ୍ତ ସହରଭାବେ ଗଢ଼ି ତୋଳିବା ପାଇଁ ଆହ୍ୱାନ ଦେଇଥିଲେ। ନାରୀମାନେ ବାହାରେ ମଳତ୍ୟାଗ ନ କରିବା ପାଇଁ ସମସ୍ତଙ୍କୁ ଜାଗ୍ରତ କରିବା ସହ ମାତୃଜାତି ପରିମଳକୁ ସ୍ୱଚ୍ଛତା ରଖିବା ପାଇଁ ଯଥେଷ୍ଟ ପଦକ୍ଷେପ ନେଇପାରିବେ ବୋଲି ପୌରପାଳ ଦାସ କହିଥିଲେ। ଏହି ସାଧାରଣ ସଭାରେ ନିର୍ବାହୀ ଅଧିକାରୀ ଶିବ ପ୍ରସାଦ ମହାପାତ୍ର, ପରିମଳ ନିରୀକ୍ଷକ ଦେବାଶିଷ ବାବୁ, ବରିଷ୍ଠ ପାରିଷଦ ସନ୍ତୋଷ କୁମାର ମଲ୍ଲିକ, କନକଲତା ଦାସ, କବିତା ସିଂ, ସୁରେନ୍ଦ୍ର ରଣା, ତୁଷାରକାନ୍ତ ବେହେରାଙ୍କ ସମେତ ସମସ୍ତ ପାରିଷଦ ଓ କର୍ମଚାରୀମାନେ ଯୋଗ ଦେଇଥିଲେ। ଜନସଚେତନତା ସୃଷ୍ଟି କରି ବାହ୍ୟ ମଳମୁକ୍ତ ସହର ଗଢ଼ି ତୋଳିବା ପାଇଁ ପ୍ରୟାସ କରିଥିବା ଓ ସଭାକୁ ସଫଳ କରିଥିବା ୧୮ଜଣ ସ୍ୱେଚ୍ଛାସେବୀଙ୍କୁ ପୌରପାଳିକା ପକ୍ଷରୁ ମାନପତ୍ର ଓ ଉପହାର ଦେଇ ପୁରସ୍କୃତ କରାଯାଇଥିଲା। ଏହି ସଭାରେ ଯାଜପୁର ପୌରପାଳିକାର ବିଭିନ୍ନ ମହିଳା ସ୍ୱୟଂସହାୟକ ଗୋଷ୍ଠୀ ଓ ମହିଳାମାନେ ଯୋଗ ଦେଇଥିଲେ।

## ରୋଡ୍ ରୋମିଓ ଗିରଫ

ବିରଜାକ୍ଷେତ୍ର,୨୬।୯(ଡି.ଏନ୍.ଏ)

ରାସ୍ତାରେ ଝିଅଙ୍କୁ ଅଶ୍ଳୀଳ ଇଙ୍ଗିତ କରୁଥିବା ଜଣେ ରୋଡ଼ ରୋମିଓକୁ ଗିରଫ କରିଛି ଯାଜପୁର ପୋଲିସ। ଅଭିଯୋଗ ଅନୁଯାୟୀ, ତଳିହା ପଞ୍ଚାୟତ ଶ୍ରୀରାମପୁର ଗ୍ରାମର ଜଣେ ଛାତ୍ରୀ କମ୍ପ୍ୟୁଟର କ୍ଲାସ ସାରି ୨୫ତାରିଖ ସନ୍ଧ୍ୟାରେ ଘରକୁ ଫେରୁଥିବାବେଳେ ମଙ୍ଗଳପୁର ଥାନା ନାହାପଡ଼ା ଗ୍ରାମର ଅରୁଣ କୁମାର ଜେନା ରାସ୍ତାରେ ଉକ୍ତ ଝିଅକୁ ଅଟକାଇ ଅଶ୍ଳୀଳ ଇଙ୍ଗିତ ପ୍ରଦର୍ଶନ କରିଥିଲା। ଝିଅ ଘରକୁ ଆସି ପରିବାରବର୍ଗଙ୍କୁ କହିବା ପରେ ପରିବାରବର୍ଗ ଅରୁଣଙ୍କୁ ଘଟଣା ବିଷୟରେ ପଚାରିବାରୁ ସେ ଝିଅର ପରିବାର ବର୍ଗଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଏହି ଘଟଣାକୁ ନେଇ କାହ୍ନୁଚରଣ ଯାଜପୁର ଥାନାରେ ଅଭିଯୋଗ କରିଥିଲେ। ଯାଜପୁର ଭାରପ୍ରାପ୍ତ ଥାନାଧିକାରୀ ମାନସ ରଞ୍ଜନ ଚକ୍ର ଘଟଣାସ୍ଥଳକୁ ଯାଇ ରୋଡ ରୋମିଓଙ୍କୁ ଗିରଫ କରି କୋର୍ଟଚାଲାଣ କରିଛନ୍ତି। ଅରୁଣଙ୍କ ନାମରେ ପୂର୍ବରୁ ଝିଅଙ୍କୁ ଏପରି ବ୍ୟବହାର କରୁଥିବା ନେଇ ଯାଜପୁର ସମେତ ବିଭିନ୍ନ ଥାନାରେ ଅଭିଯୋଗ ହୋଇଛି।

## ମୋବାଇଲ ଚୋରକୁ ଛେଚିଲେ ଲୋକେ

**ଯାଜପୁର ରୋଡ,୨୬।୯(ନି.ପ୍ର):** ଯାଜପୁର ରୋଡ ସହରର ରାଧାନାଥ ମାର୍ଗଠାରେ ଜଣେ ବ୍ୟକ୍ତି ୫ଟା ମୋବାଇଲ ଓ ଏଟିଏମ କାର୍ଡ ଲୁଟି ନେଉଥିବା ସମୟରେ ସ୍ଥାନୀୟ ଲୋକଙ୍କ ହାତରେ ଧରାପଡିଥିଲେ। ଲୋକେ ତାଙ୍କୁ ନିର୍ଘୁମ ଛେଚିବା ପରେ ଛାଡ଼ି ଦେଇଥିବା ଜଣାପଡ଼ିଛି। ଅଭିଯୁକ୍ତ ଜଣକ ଯାଜପୁର ଟାଉନ୍ ଥାନା ଅନ୍ତର୍ଗତ କୋଦଣ୍ଡପୁରର ବୋଲି ଜଣାପଡିଛି। ରାଧାନାଥ ମାର୍ଗରେ ଥିବା ଏକ କୋଠଘରେ ରାଜମିସ୍ତ୍ରୀମାନେ ରହି ଘର କାମ କରୁଥିଲେ। ସେମାନେ କାର୍ଯ୍ୟରତ ଥିବାବେଳେ ଏହି ଅଭିଯୁକ୍ତ ଜଣକ ତାର ସୁଯୋଗ ନେଇ ୫ଟି ମୋବାଇଲ, ୨ଟି ଏଟିଏମ୍ କାର୍ଡ ଧରି ପଳାଇ ଯାଉଥିଲେ। ପାହାଚରେ ତଳକୁ ଓହ୍ଲାଇବା ସମୟରେ ଝୁଣ୍ଟି ତଳେ ପଡିଯାଇଥିଲେ। ଏହାଦେଖି ରାଜମିସ୍ତ୍ରୀମାନେ ହୋହାଲ୍ଲା କରିବାରୁ ସ୍ଥାନୀୟ ଲୋକେ ରୁଣ୍ଡ ହୋଇ ଚୋରି କରୁଥିବା ଉକ୍ତ ବ୍ୟକ୍ତିଙ୍କୁ ନିର୍ଘୁମ ଛେଚିବା ପରେ ଛାଡି ଦେଇଥିଲେ।

## ଓକିଲ ସଂଘର ଧାରଣା

ବରୀ/ରତ୍ନଗିରି,
୨୬।୯(ସ୍ୱ.ପ୍ର/ଡିଏନଏ)

ବରୀ ତହସିଲ ସମ୍ମୁଖରେ ବୁଧବାର ବରୀ ଓକିଲ ସଂଘ ପକ୍ଷରୁ ଧାରଣା ଦିଆଯାଇଥିଲା। କଟକରେ ଆଇନଜୀବୀ ଦେବୀପ୍ରସାଦ ପଟ୍ଟନାୟକଙ୍କୁ ପୋଲିସର ଆକ୍ରମଣ ପ୍ରତିବାଦରେ ସମର୍ଥନ ଜଣାଇ ଧାରଣା ଦିଆଯାଇଥିଲା ବୋଲି ସଂଘ ପକ୍ଷରୁ କୁହାଯାଇଛି। ଆଇନଜୀବୀଙ୍କୁ ତୁରନ୍ତ ନ୍ୟାୟ ପ୍ରଦାନ ପାଇଁ ଓକିଲମାନେ ଧାରଣାରେ ବସି ଦାବି କରିଥିଲେ। ଏନେଇ ତହସିଲ କାର୍ଯ୍ୟ ଠପ୍ ହୋଇଯାଇଛି। ଓକିଲ ସଂଘ ସଭାପତି ରାଜ କିଶୋର ସାମଲ, ସମ୍ପାଦକ ହରିଶ୍ଚନ୍ଦ୍ର ଧଳ, ଉପସଭାପତି ଧିରେନ୍ଦ୍ର କୁମାର ସ୍ୱାଇଁ, ସହସମ୍ପାଦକ ବାବାଜି ଚରଣ ଜେନା, କୋଷାଧକ୍ଷ ଗୁଣନିଧି ନାୟକ, ଆଇନଜୀବୀ ଅଭୟ କୁମାର ବେଉରିଆ, ବିଜୟ କୁମାର ସାହୁ, ତପନ କୁମାର ଜେନା, ବାଞ୍ଛାନିଧି ସାହୁ, ଭବାନୀ ଶଙ୍କର ପଣ୍ଡା ପ୍ରମୁଖ ଧାରଣାରେ ସାମିଲ ହୋଇଥିଲେ।

- ଆଲୋକିତ ହେବ ବ୍ୟାସନଗର ପୌର ପରିଷଦ

## ଏଲଇଡି ଲାଇଟ୍ ସଂଯୋଗୀକରଣ ଆରମ୍ଭ

ଯାଜପୁର ରୋଡ,୨୬।୯(ନି.ପ୍ର)-

ବ୍ୟାସନଗର ପୌର ପରିଷଦରେ ୬ମାସ ହେବ ୮୦ଭାଗ ଲାଇଟ୍ ଅଚଳ ହୋଇପଡିଥିଲା। ସହର ଅନ୍ଧକାରମୟ ହୋଇ ରହିଥିଲା। ମଙ୍ଗଳବାରଠାରୁ ପୌର ପରିଷଦର ୨୬ନଂ ୱାର୍ଡରେ ଏଲଇଡି ଲାଇଟ୍ ସଂଯୋଗୀକରଣ କାର୍ଯ୍ୟ ଆରମ୍ଭ ହୋଇଥିବା ପୌରାଧକ୍ଷା ସବିତା ରାଉତ ସୂଚନା ଦେଇଛନ୍ତି। ଏହି ପୌରପରିଷଦରେ ୪୮୦୦ ଏଲ୍ଇଡି ଲାଇଟ ସଂଯୋଗ କରାଯିବ ବୋଲି ମଧ ଜଣାପଡ଼ିଛି। ଦୁର୍ଗାପୂଜା ପୂର୍ବରୁ ବ୍ୟାସନଗର ପୌର ପରିଷଦରେ ଏଲ୍ଇଡି ଲାଇଟ୍ ସଂଯୋଗୀକରଣ ଶେଷ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ଇଇଏସ୍ଏଲ୍ ନାମକ ବିଦ୍ୟୁତ୍ ଠିକାସଂସ୍ଥା ଏହି ପୌରପରିଷଦ ପାଇଁ ଲାଇଟ୍ ସଂଯୋଗ କରିବାକୁ କାର୍ଯ୍ୟାଦେଶ ବର୍ଷେ ହେଲା ନେଇଥିଲା। ମାତ୍ର ବର୍ଷକ ପରେ ଏବେ ଲାଇଟ୍ ସଂଯୋଗୀକରଣ କାର୍ଯ୍ୟ ଆରମ୍ଭ କରିଛି।

- ଲଘୁଚାପଜନିତ ବର୍ଷାରେ ଫସଲ ନଷ୍ଟ

## ଜିଲାରେ ଉଜୁଡ଼ିଲା ୪୦% ଖରିଫ ଧାନଚାଷ

ବିରଜାକ୍ଷେତ୍ର,୨୬।୯(ଡି.ଏନ୍.ଏ)

**ଯାଜପୁର ଜିଲାରେ ଧାନଚାଷ ଓ କ୍ଷତିର ପରିମାଣ**

| ବ୍ଲକ୍ | ଧାନଚାଷ ହୋଇଥିଲା (ହେକ୍ଟର) | କ୍ଷତି ହୋଇଛି (ହେକ୍ଟର) |
|---|---|---|
| ଯାଜପୁର | ୧୦୮୩୦ | ୪୫୦୦ |
| ବିଞ୍ଝାରପୁର | ୧୨୯୩୦ | ୧୨୬୩୦ |
| ବରୀ | ୯୪୩୦ | ୮୨୦୦ |
| ଦଶରଥପୁର | ୧୨୬୩୦ | ୧୦୧୦୦ |
| ଧର୍ମଶାଳା | ୧୨୮୭୦ | ୨୧୦୦ |
| ବଡ଼ଚଣା | ୧୨୬୫୦ | ୨୪୦୦ |
| ଦାନଗଦୀ | ୬୨୭୦ | ୩୦୦ |
| କୋରେଇ | ୧୮୭୦୦ | ୮୦୦ |

କ୍ରମାଗତଭାବେ ଲଘୁଚାପ ଜନିତ ବର୍ଷା ଲାଗି ରହିବା ଯୋଗୁ ଯାଜପୁର ଜିଲାରେ ୪୦ ପ୍ରତିଶତ ଖରିଫ୍ ଧାନଚାଷ କ୍ଷତିଗ୍ରସ୍ତ ହୋଇଥିବା ସୂଚନା ମିଳିଛି। ଜିଲାର ୧୦ଟି ବ୍ଲକରୁ ଯାଜପୁର, ବିଞ୍ଝାରପୁର, ବରୀ, ଦଶରଥପୁର, ଧର୍ମଶାଳା, ବଡ଼ଚଣା, ଦାନଗଦୀ, କୋରେଇ ବ୍ଲକରେ ଲଘୁଚାପଜନିତ ବର୍ଷାରେ ଖରିଫ୍ ଧାନଚାଷ କ୍ଷତିଗ୍ରସ୍ତ ହୋଇଥିବାର ସୂଚନା ମିଳିଛି। କ୍ରମାଗତଭାବେ ଲଘୁଚାପଜନିତ ବର୍ଷା ଲାଗିରହିବା ଦ୍ୱାରା ଯାଜପୁର ଜିଲାରେ ଧାନଚାଷୀଙ୍କ ଆର୍ଥିକ ମେରୁଦଣ୍ଡ ଦୋହଲି ଯାଇଛି। ଚଳିତବର୍ଷ ଅଦିନିଆ ଓ ଲଘୁଚାପଜନିତ ବର୍ଷା ଲାଗିରହିବା ଦ୍ୱାରା ଚାଷୀ ଧାନବିଲରେ ୨/୩ ଥର ଧାନ ରୋଇଥିଲେ ମଧ ଚାଷ ଜମିରେ ବର୍ଷାଜଳ ଭରିରହିବା ଯୋଗୁ ଧାନଚାଷ କ୍ଷତିଗ୍ରସ୍ତ ହୋଇଛି। ପ୍ରାଥମିକ କୃଷି ସମବାୟ ସମିତି ଓ ବିଭିନ୍ନ ଜାତୀୟକରଣ ବ୍ୟାଙ୍କରୁ ଋଣ ଆଣି ଧାନଚାଷ କରିଥିବା ଧାନଚାଷୀ ଲଗାଣ ବର୍ଷା ଯୋଗୁ ଧାନଚାଷ କ୍ଷତିଗ୍ରସ୍ତ ହୋଇଥିବାରୁ ଋଣ ଶୁଝିବା ନେଇ ଚାଷୀ ଚିନ୍ତାରେ ପଡ଼ିଯାଇଛି। ଧାନଚାଷ କ୍ଷତିଗ୍ରସ୍ତ ହୋଇଥିବାରୁ ବର୍ଷସାରା ପରିବାର ଭରଣ ପୋଷଣ କରିବା ନେଇ ଚାଷୀକୁ ଚିନ୍ତା ଘାରିବସିଛି। ଚଳିତବର୍ଷ ଯାଜପୁର ଜିଲାରେ ୨ଲକ୍ଷ ୯୭ହଜାର ୧୮୯ଜଣ ଚାଷୀ ଖରିଫ୍ ଧାନଚାଷ କରିଥିଲେ। ଜିଲାରେ ଚାଷୀ ୧୧୦୫୦୦ ହେକ୍ଟର ଧାନଚାଷ ଜମିରେ ଖରିଫ୍ ଧାନ ଚାଷ କରିଥିଲେ। ଲଗାଣ ବର୍ଷା ଯୋଗୁ ଜିଲାରେ ପ୍ରାୟ ୪୦% ଧାନଚାଷ କ୍ଷତିଗ୍ରସ୍ତ ହୋଇଥିବା ସୂଚନା ମିଳିଛି। ଲଘୁଚାପଜନିତ ବର୍ଷାରେ କ୍ଷତିଗ୍ରସ୍ତ ହୋଇଥିବା ଚାଷୀଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯିବ ବୋଲି ରାଜ୍ୟ ସରକାର ଘୋଷଣା କରିଛନ୍ତି। ରାଜ୍ୟ ସରକାରଙ୍କ ଘୋଷଣା ଅନୁଯାୟୀ ଯଦି ପ୍ରକୃତ ଚାଷୀ କ୍ଷତିପୂରଣ ପାଏ ତେବେ ଧାନଚାଷରେ କ୍ଷତି ସହିଥିବା ଅର୍ଥକୁ ଋଣ ଆଣିଥିବା ବ୍ୟାଙ୍କରୁ ଋଣ ପରିଶୋଧ କରି ଆଗାମୀ ଧାନଚାଷ ପାଇଁ ଚାଷୀ ସକ୍ଷମ ହୋଇପାରିବ ବୋଲି ଜାଣିବାକୁ ମିଳିଛି। ବିଞ୍ଝାରପୁର, ବରୀ ଓ ଦଶରଥପୁର ବ୍ଲକରେ ଖରିଫ୍ ଧାନଚାଷ ସର୍ବାଧିକ ଭାବେ କ୍ଷତିଗ୍ରସ୍ତ ହୋଇଥିବା ଜାଣିବାକୁ ମିଳିଛି।

## ସଂକ୍ଷେପରେ

### କୃଷିଋଣ ଛାଡ଼ ପାଇଁ ଭାଜପାର ହରତାଳ

ଆଳି/ମହାକାଳପଡ଼ା/ପାଟକୁରା,୨୬।୯ (ଡି.ଏନ୍.ଏ.)- କୃଷି ଋଣ ଛାଡ଼ ପାଇଁ ଭାଜପା ପକ୍ଷରୁ ବୁଧବାର କେନ୍ଦ୍ରାପଡ଼ା ଜିଲାର ବିଭିନ୍ନ ବ୍ଲକରେ ହରତାଳ କରାଯାଇଥିଲା। ଆଳି ବ୍ଲକ ଭାଜପା ପକ୍ଷରୁ ୪ ଦଫା ଦାବି ନେଇ ପୂର୍ବାହ୍ନରେ କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ସମ୍ମୁଖରେ ୬ ଘଣ୍ଟିଆ ହରତାଳ ହୋଇଥିଲା। ଯୁବନେତା ରଶ୍ମିରଞ୍ଜନ ବେହୁରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବ୍ରଜସୁନ୍ଦର ଭୂୟାଁ ଓ କୃଷକ ମୋର୍ଚ୍ଚାର ଜିଲା ପ୍ରଭାରୀ ଭକ୍ତବନ୍ଧୁ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ସେମାନେ କହିଥିଲେ ଯେ, ଗତ ଲଗାଣ ବର୍ଷାରେ କେନ୍ଦ୍ରାପଡ଼ା ଜିଲାର ହଜାର ହଜାର ହେକ୍ଟର ଫସଲ ଉଜୁଡି ଯାଇଛି। ଋଣ ପରିଶୋଧ କରିବା ଚିନ୍ତାରେ ଚାଷୀମାନେ ଚିନ୍ତାରେ ପଡ଼ିଛନ୍ତି। ରାଜ୍ୟ ସରକାର ତୁରନ୍ତ କ୍ଷତିଗ୍ରସ୍ତ ଚାଷୀଙ୍କ ଋଣ ଛାଡ କରନ୍ତୁ, ନଚେତ ଗାଦି ଛାଡନ୍ତୁ ବୋଲି ଭାଜପା ନେତୃବୃନ୍ଦ ଆହ୍ୱାନ ଦେଇଥିଲେ। କୃଷି ଋଣ ଛାଡ, କ୍ଷୟକ୍ଷତିର ଆକଳନ କରାଯାଇ ଚାଷୀକୁ ତୁରନ୍ତ କ୍ଷତିପୂରଣ ପ୍ରଦାନ କରିବା, ସମସ୍ତ ଉତ୍ପାଦିତ କୃଷିଜାତ ଦ୍ରବ୍ୟ କିଣିବା ଦାୟିତ୍ୱ ସରକାର ନେବା ଓ ଜଳବନ୍ଦୀ ଜମିରୁ ଜଳ ନିଷ୍କାସନର ସ୍ଥାୟୀ ସମାଧାନ କରିବା ୪ଦଫା ଦାବିରେ ଏହି ହରତାଳ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ୧ନଂ. ଜୋନ ମଣ୍ଡଳ ସଭାପତି ମନୀଷା ଜେନା, ୨ନଂ. ଜୋନ ସଭାପତି ଶରତ ଜଗଦେବ, ୩ନଂ. ଜୋନର ଅରୁଣ ରାଉତ, ୪ ନଂ. ଜୋନର ରତ୍ନାକର ମହାନ୍ତି, ବାଦଲ ନନ୍ଦ, ତୁଷାର ସାହୁ, ତନୁଜ ପଲାଇ, ସୁବାସ ପାତ୍ର, ଅଭୟ ତରାଇ, ଇନ୍ଦ୍ରମଣି ସାହୁ, ରମାକାନ୍ତ ସୁତାର, କ୍ଷୀରୋଦ ପାଣ୍ଡବ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ମହାକାଳପଡ଼ା ବ୍ଲକ ଭାଜପା ନେତୃବୃନ୍ଦ କୃଷି ଋଣ ଛାଡ଼ ଦାବିରେ ମହାକାଳପଡ଼ା କଲେଜ ଛକ, ଛପାଲି ଛକ, ଓରତ ଛକ ଆଦି ସ୍ଥାନରେ ହରତାଳ କରିଥିଲେ। ଏଥିରେ ଭାଜପା ନେତା ଭୁବନମୋହନ ଜେନା, ଅବସରପ୍ରାପ୍ତ ସେନା କର୍ମଚାରୀ ଭାବଗ୍ରାହୀ ଝଟକସିଂ, ଜିଲା କୃଷକ ମୋର୍ଚ୍ଚା ସଭାପତି ପବିତ୍ର ପରିଡ଼ା ପ୍ରମୁଖ ସାମିଲ ଥିଲେ। ସେହିଭଳି ଗରଦପୁର ବ୍ଲକ ଭାଜପା ପକ୍ଷରୁ ତହସିଲ ଅଫିସ୍ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଭାଜପାର ପୂର୍ବତନ ରାଜ୍ୟ ମୋର୍ଚ୍ଚା ସଭାପତି ଉମାକାନ୍ତ ପଟ୍ଟନାୟକଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ବିକ୍ଷୋଭ ସମାବେଶରେ ଶତାଧିକ କର୍ମୀ ସାମିଲ ହୋଇଥିଲେ।

**ମାର୍ଶାଘାଇ,(ଡିଏନଏ)**-ଲଗାଣ ବର୍ଷାରେ ମାର୍ଶାଘାଇ ବ୍ଲକରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ବିଶେଷ କରି ଚାଷଜମିରେ ବର୍ଷା ପାଣି ଜମି ରହିବା ଦ୍ୱାରା ଫସଲ ହାନି ଘଟିବା ସାଙ୍ଗକୁ ଗୋସଂପଦ ପାଇଁ ଖାଦ୍ୟାଭାବ ଦେଖାଦେଇଛି। ଚାଷଜମିରୁ ବର୍ଷା ଜଳ ନିଷ୍କାସନ କରିବା ଓ ଚାଷୀଙ୍କ ଋଣ ଛାଡ ଦାବିରେ ଭାଜପା ତରଫରୁ ମାର୍ଶାଘାଇ ବ୍ଲକର ବିଭିନ୍ନ ସ୍ଥାନରେ ୬ ଘଣ୍ଟିଆ ହରତାଳ କରାଯାଇଥିଲା । କାନ୍ଧରେ ଲଙ୍ଗଳ,ମହି ଏବଂ ଧାନ ତଳି ଧରି କର୍ମୀମାନେ ହରତାଳରେ ସାମିଲ ହୋଇଥିଲେ। ଏହି ପରିପ୍ରେକ୍ଷୀରେ ମାର୍ଶାଘାଇ ଜୁଣଛକ ଗାନ୍ଧିମୂର୍ତ୍ତି ନିକଟରେ ମାର୍ଶାଘାଇ ମଣ୍ଡଳ ସଭାପତି ଇଂ ପ୍ରକାଶ ଦାସଙ୍କ ନେତୃତ୍ୱରେ ଭାଜପା କର୍ମୀମାନେ ହରତାଳ କରିଥିଲେ । ଏଥିରେ ବରିଷ୍ଠ ଭାଜପା ନେତା ଭରତ ଯେନା, ଶୁକଦେବ ସ୍ୱାଇଁ, ଘନଶ୍ୟାମ ପ୍ରଧାନ, ପ୍ରଦୀପ୍ତ ବେହେରା, ଲଛମନ ବେହେରା, ସୁଶାନ୍ତ ସାହୁ, ଛତିଶ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ଅଙ୍ଗୁଳାଇ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ନିକଟ, କୁହୁଡି ପଞ୍ଚାୟତର ଥାଉରୀ, ହିନ୍ଦୁଳିଆ ପଞ୍ଚାୟତ ଶ୍ୟାମବଜାର, କରିଲୋପାଟଣାର ବ୍ରିଜ ଛକରେ ଭାଜପା କର୍ମମାନେ ହରତାଳ କରିଥିଲେ ।

**ରାଜନଗର,(ଡି.ଏନ.ଏ.)**-କୃଷି ଋଣ ଛାଡ, ପାଟରୁ ଜଳ ନିଷ୍କାସନର ସ୍ଥାୟୀ ସମାଧାନ ପ୍ରଭୃତି ଦାବି ନେଇ କେନ୍ଦ୍ରାପଡା ଜିଲା ଭାଜପା ଡାକରାରେ ବୁଧବାର ଏଠାରେ ୬ ଘଣ୍ଟିଆ ହରତାଳ କରାଯାଇଥିଲା । ଭାଜପା ମିଡିଆ ପ୍ରଭାରୀ ବିଜୟ ନାୟକଙ୍କ ନେତୃତ୍ୱରେ ଭାଜପା କର୍ମୀମାନେ ରାଜନଗରର ତ୍ରିନାଥ ବଜାରରୁ ବାହାରି ବୀଣାପାଣି ବଜାର, ରାଜନଗର ବଜାର ପରିକ୍ରମା କରିଥିଲେ । ସକାଳ ୬ରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ହରତାଳ ଚାଲିଥିଲା । ଏଥିରେ ପୂର୍ବତନ ବିଧାୟକ ଅଲେଖ କୁମାର ଜେନା, ବରିଷ୍ଠ ନେତା ନୀଳମଣି ସାହାଣୀ, ନଗେନ୍ଦ୍ର ପାତ୍ର, ଦେବଦତ୍ତ ରାଉଳ, ବସନ୍ତ ମିଶ୍ର, କୈଳାସ ପରିଡା, ଦିଲିପ ପାତ୍ର, ବିଜୟ ବଳ, ରମାକାନ୍ତ ଦାସ, ସନ୍ତୋଷ ନାୟକ, ବ୍ରହ୍ମାନନ୍ଦ ଦାସ, ଭାଗବତ ପ୍ରସାଦ ରଥ, ଲକ୍ଷ୍ମୀକାନ୍ତ ବାରିକ, ଅଶୋକ ଜାନା, ଜନ୍ମେଜୟ ରାଉତ, ଗୀତାଞ୍ଜଳି ଦାସ, ଫୁଲରାଣୀ ମାଝି, ଗାୟତ୍ରୀ ମାଝି, ସସ୍ମିତା ରାଉତଙ୍କ ସମେତ ଶତାଧିକ କର୍ମୀ ଓ ନେତା ହରତାଳରେ ସାମିଲ ହୋଇଥିଲେ । ଏହି ଅବସରରେ ତ୍ରିନାଥ ବଜାର ଛକଠାରେ ଆୟୋଜିତ ସଭାରେ ମିଡିଆ ପ୍ରଭାରୀ ନାୟକ ସଭାପତିତ୍ୱ କରି ଚାଷୀମାନଙ୍କ ମୌଳିକ ସମସ୍ୟା ସଂପର୍କରେ ଆଲୋକପାତ କରିଥିଲେ।

# ତୁଳସୀକ୍ଷେତ୍ରରେ ଅବହେଳିତ ପର୍ଯ୍ୟଟନସ୍ଥଳୀ

**ବିଶ୍ୱ ପର୍ଯ୍ୟଟନ ଦିବସ**

**କେନ୍ଦ୍ରାପଡ଼ା ଜିଲା**
- ଉନ୍ନତୀକରଣ ଓ ପ୍ରଚାର ପ୍ରସାରରେ ଅବହେଳା
- ପ୍ରହସନ ପାଲଟିଛି ବିଶ୍ୱ ପର୍ଯ୍ୟଟନ ଦିବସ ପାଳନ

କେନ୍ଦ୍ରାପଡା ଅଫିସ୍, ୨୬।୯

ଗୁରୁବାର ବିଶ୍ୱ ପର୍ଯ୍ୟଟନ ଦିବସ । ଏହି ଦିବସ ପାଳନ ପାଇଁ କେନ୍ଦ୍ରାପଡ଼ା ଜିଲା ପ୍ରଶାସନ ଯେତେ ବ୍ୟଗ୍ରତା ଦେଖାଉଛନ୍ତି, ସେଭଳି ବ୍ୟଗ୍ରତା ପର୍ଯ୍ୟଟନ କ୍ଷେତ୍ରର ଭିତ୍ତିଭୂମି ବିକାଶରେ ଦେଖାଯାଉନାହିଁ। ରେଳ ଓ ଶିଳ୍ପ ବିହୀନ ଏହି ଜିଲାବାସୀଙ୍କ ପାଇଁ କୃଷି ଏକମାତ୍ର ଜୀବିକା । ଭିତ୍ତିଭୂମି ଅଭାବ ଯୋଗୁ ତାହା ମଧ୍ୟ ଆର୍ଥିକ ବିକାଶରେ ସଫଳ ହୋଇପାରିନି। ତେବେ ଜିଲାର ବିଭିନ୍ନ ସ୍ଥାନରେ ଅବହେଳିତ ଭାବେ ପଡି ରହିଥିବା କଳାକୀର୍ତ୍ତି, ଧାର୍ମିକ ସ୍ଥାନ, ଐତିହ୍ୟ ବହନ କରୁଥିବା ସ୍ମାରକୀ କ୍ଷେତ୍ରର ଉନ୍ନତୀକରଣ ଓ ପ୍ରଚାରପ୍ରସାର କରାଗଲେ ପର୍ଯ୍ୟଟନ ଶିଳ୍ପରେ ପ୍ରଚୁର ଅର୍ଥ ଆସିପାରିବ ।

୨୦୧୨ ପୂର୍ବରୁ କେନ୍ଦ୍ରାପଡା ସହର ଅଧୀନ ଶ୍ରୀବଳଦେବଜୀଉ ମନ୍ଦିର, ଗୋବିନ୍ଦଜୀଉ, ତମାଳଶାସନର ଶ୍ରୀ ଦଧିବାମନଜୀଉ, ସନ୍ଥପୁରାର ଶିବ ମନ୍ଦିର, ଆଳିର ଲକ୍ଷ୍ମୀବରାହଜୀଉ ମନ୍ଦିରକୁ ରାଜ୍ୟ ପର୍ଯ୍ୟଟସ୍ଥଳୀ ଓ ଭିତରକନିକାକୁ ଜାତୀୟ ପର୍ଯ୍ୟଟନସ୍ଥଳୀର ମାନ୍ୟତା ମିଳିଛି। ଏହାବ୍ୟତୀତ ୨୦୧୨ରେ କୁଦାନଗରୀ, ସଖୀବଟ, ୨୦୧୩ରେ ଗଦାଧର ପୀଠ, କର୍ଣ୍ଣେଶ୍ୱର ପୀଠ, ୨୦୧୪ରେ ଅନ୍ଧବର ଓ ଗୋଠେଶ୍ୱର ପୀଠକୁ ପର୍ଯ୍ୟଟନକ୍ଷେତ୍ର ମାନ୍ୟତା ପ୍ରଦାନ କରାଯାଇଛି। ତେବେ କେତେକ ସ୍ଥାନକୁ ଯିବାଆସିବା ପାଇଁ ରାସ୍ତାର ଉନ୍ନତୀକରଣ ହୋଇ ନଥିବାରୁ ପର୍ଯ୍ୟଟକ ଯାଉନାହାନ୍ତି। ମହାକାଳପଡ଼ା ବ୍ଲକ ଖରିନାସୀ ନଦୀକୂଳରେ ଥିବା ୧୨୫ଫୁଟ ଉଚ୍ଚର ବତିଘର ପର୍ଯ୍ୟଟନସ୍ଥଳୀ ୧୮୩୬ ମସିହାରେ ନିର୍ମିତ। ଏହାକୁ ଅନ୍ତର୍ଜାତୀୟ ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦେବା ପାଇଁ ୨୦୧୩ରେ କେନ୍ଦ୍ର ବେସାମରିକ ଜାହାଜ ଚଳାଚଳ ବିଭାଗ ପକ୍ଷରୁ ପ୍ରସ୍ତାବ ଆସିଥିଲା । ମାତ୍ର ଏଠାକୁ ଯିବା ପାଇଁ ସେତୁ ନଥିବାରୁ ଏହା ବାଦ ପଡିଥିଲା ।

ସେହିଭଳି ରାଜନଗର ବ୍ଲକ ଅଧୀନ ଜାତୀୟ ଉଦ୍ୟାନ ଭିତରକନିକା ଅଳିଭରିଡଲେ କଇଁଛ ଓ କୁମ୍ଭୀରଙ୍କ ପାଇଁ ବେଶ ଚର୍ଚ୍ଚିତ। ୧୯୭୫ରୁ ଏହାକୁ ଅଭୟାରଣ୍ୟ ଘୋଷଣା କରାଯାଇଥିଲେ ମଧ ଏଠାକୁ ସିଧାସଳଖ ପର୍ଯ୍ୟଟକ ଯିବା ସମ୍ଭବ ନୁହେଁ। କନିକା ରାଜମହଲ ପର୍ଯ୍ୟଟକଙ୍କ ପାଇଁ ଅନ୍ୟ ଏକ ଆକର୍ଷଣସ୍ଥଳୀ। ୪ ଏକର ପରିମିତ ଓ ୭୫ ଫୁଟ ଉଚ୍ଚର ଏହି ବିଶାଳ ପ୍ରାସାଦରେ ଭରି ରହିଛି ବହୁ ଦର୍ଶନୀୟ ସାମଗ୍ରୀ। ମହାକାଳପଡ଼ାର ହୁକିଟୋଲା, ବତିଘର, ଫଲସ୍‌ପଏଣ୍ଟ, କେନ୍ଦ୍ରପଡ଼ା କେନାଲ, ପେଣ୍ଠ ଆଦି ନୌବାଣିଜ୍ୟର ସ୍ମାରକୀ ଏବେ ଅବହେଳିତ। ସହରର ଅନତି ଦୂରରେ ଗୁପ୍ତକ୍ଷେତ୍ରରେ ସଖୀବଟ ଅବସ୍ଥିତ। ରାଜ୍ୟ ସରକାର ଏହାକୁ ମଧ୍ୟ ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦେଇଛନ୍ତି। କିନ୍ତୁ ଏଠାକୁ ଯିବା ପାଇଁ କଂକ୍ରିଟ ରୋଡ୍ ନାହିଁ। ରାଜନଗର ବ୍ଲକ ରିଘାଗଡ଼ର ବଳଦେବଜୀଉ ମନ୍ଦିର, ରାଜକନିକାର ଗୋକର୍ଣ୍ଣେଶ୍ୱର ମନ୍ଦିର, ସିକୋ ଅଷ୍ଟଶମ୍ଭୁ, ପଟ୍ଟାମୁଣ୍ଡାଇ ବ୍ଲକ ଚଉଦକୁଲାଟର ଦଧିବାମନଜୀଉ, ଡେରାବିଶର ଦଧିବାମନଜୀଉ ଭଳି ବହୁ ମନ୍ଦିର ଏବେ ଅବହେଳିତ। ନାଥ ଧର୍ମର ବହୁ ପ୍ରଚାରକଙ୍କ ପ୍ରତିମୂର୍ତ୍ତି ଡେରାବିଶ ଓ ରାଜନଗର ବ୍ଲକ ଅଞ୍ଚଳରେ ରହିଛି। ମତ୍ସ୍ୟେନ୍ଦ୍ରନାଥ, ଶୈଳନାଥ ସମାଧି, ଇଚ୍ଛାନାଥ ସମାଧିସ୍ଥଳ ସହିତ ଜିଲାରେ ବୌଦ୍ଧ ଧର୍ମର ପ୍ରତୀକ ଚକ୍ରପାଣି, ସ୍ଥିରଚକ୍ର ମଞ୍ଜୁଶ୍ରୀ, ଅବଲୋକିତେଶ୍ୱର ତାରା ଆଦି ମୂର୍ତ୍ତିର ରକ୍ଷଣାବେକ୍ଷଣ କରାଯାଉନି। ସନ୍ଥ ଗୋପ ଦାସ ମଠ, ଆଳିର ଲକ୍ଷ୍ମୀବରାହ ମନ୍ଦିର, ରାଜନଗରର ପଞ୍ଚୁବରାହୀ ମନ୍ଦିରର କଳାକୀର୍ତ୍ତି ଲୋକଙ୍କ ପାଇଁ ଅନନ୍ୟ ଥିଲେ ମଧ୍ୟ ପ୍ରଶାସନ ପାଇଁ ଅଲୋଡ଼ା ହୋଇଛି। ସେହିପରି ରାଜ୍ୟର ସର୍ବପ୍ରଥମ ଡାଇମଣ୍ଡ ଜୁବୁଲି ପାଠାଗାର ଓ କନିକା ଲାଇବ୍ରେରିରେ ବୁଦ୍ଧିଜୀବୀଙ୍କ ଭିଡ଼ ଦେଖା ଯାଉଥିଲେ ମଧ୍ୟ କୌଣସି ଆଖିଦୃଶିଆ ଉନ୍ନତି ନାହିଁ। ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଥିବା ୪ ଫୁଟ ଉଚ୍ଚ ଓ ୧୦ ଫୁଟ ବ୍ୟାସ ବିଶିଷ୍ଟ ଗୋଲାକାର ସୂର୍ଯ୍ୟଘଡ଼ି, ଆଳି ରାଜାଙ୍କ ଡେ଼ରାବିଶ ବ୍ଲକ ଅଧୀନ ନୋଳସାହି ରାଜନଅର, ଆଳିନଅର, ଜମ୍ବୁ ଦ୍ୱୀପ ନଅର ଜିଲାରେ ଥିଲାବେଳେ ପର୍ଯ୍ୟଟନ ବିଭାଗ ଏଥିପ୍ରତି ଅବହେଳା କରିଚାଲିଛନ୍ତି। ତୁଳସୀ କ୍ଷେତ୍ରର ଆରାଧ୍ୟ ଦେବତା ଇଚ୍ଛାପୁରର ଶ୍ରୀ ବଳଦେବଜୀଉ। ଦେବୋତ୍ତର ବିଭାଗ ଏହାର ଦାୟିତ୍ୱ ନେଇଛନ୍ତି। ଆର୍ଥିକ ଦୁର୍ଗତି ଶ୍ରୀଜୀଉଙ୍କ ନୀତିକାନ୍ତିରେ ବାଧା ସାଜୁଛି। ଏ ସମ୍ପର୍କରେ ଜିଲା ପର୍ଯ୍ୟଟନ ଅଧିକାରୀ ବିଜୟ କୁମାର ମହାନ୍ତି କୁହନ୍ତି, ଗତ ୫ ବର୍ଷ ମଧ୍ୟରେ ପ୍ରାୟ ୧୫ କୋଟି ଟଙ୍କା ଅନୁଦାନରେ ପର୍ଯ୍ୟଟନ କ୍ଷେତ୍ରଗୁଡିକର ଉନ୍ନତି ଚାଲିଛି। ଚଳିତ ଆର୍ଥିକବର୍ଷ ଶେଷ ସୁଦ୍ଧା ଆହୁରି ୧୫ କୋଟି ଟଙ୍କା ଆସିବା ପାଇଁ ପ୍ରସ୍ତାବ ଯାଇଛି। ପର୍ଯ୍ୟଟକଙ୍କୁ ଆକୃଷ୍ଟ ପାଇଁ ବହୁବିଧ ଯୋଜନା କାର୍ଯ୍ୟକାରୀ ହେଉଛି।

### ନିଯୁକ୍ତିରେ ଅନିୟମିତତା ଦର୍ଶାଇ ଅଧ୍ୟାପକଙ୍କ ଅନଶନ



ଅନଶନରତ ଅଧ୍ୟାପକ ଶ୍ରୀଧର ।

କେନ୍ଦ୍ରାପଡା ଅଫିସ, ୨୬।୯

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ମହିଳା କଲେଜରେ ଅଧ୍ୟାପକ ନିଯୁକ୍ତିରେ ଅନିୟମିତତା ହୋଇଛି। ଏଭଳି ଅଭିଯୋଗ ଆଣି କଲେଜ ଅଧ୍ୟାପକ ଶ୍ରୀଧର ବେହେରା ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବୁଧବାର ଅନଶନରେ ବସିଛନ୍ତି। ଅଧ୍ୟାପକ ବେହେରା କହିଛନ୍ତି, ପଟ୍ଟାମୁଣ୍ଡାଇ ଯୁକ୍ତ ୩ ମହିଳା କଲେଜରେ ୨୦୧୩ ଅଗଷ୍ଟ ୧୪ ତାରିଖରେ ତାଙ୍କୁ ଅଧ୍ୟାପକ ଭାବେ ନିଯୁକ୍ତି ମିଳିଛି। ମାତ୍ର ନିଯୁକ୍ତିରେ ତାଙ୍କ ବରିଷ୍ଠତାକୁ ଗଣନା କରାଯାଇନାହିଁ। ଏ ନେଇ ୨୦୧୭ ଜୁନ ମାସରେ କଲେଜ ଅଧକ୍ଷାଙ୍କୁ ଅଭିଯୋଗ କରିଥିଲେ ମଧ ସୁଫଳ ମିଳି ନ ଥିଲା। ସେହିପରି ଅନ୍ୟ ଜଣେ ଅଧ୍ୟାପିକାଙ୍କୁ ବରିଷ୍ଠ ବୋଲି କଲେଜର କାଗଜପତ୍ରରେ ଦର୍ଶାଯାଇଛି। ୨୦୧୮ଜାନୁଆରୀ ମାସରୁ ଦରମା ବନ୍ଦ ହୋଇଥିବା ଅଧ୍ୟାପକ ବେହେରା ସୂଚନା ଦେଇଛନ୍ତି।

### ■ ଆଇନଜୀବୀଙ୍କୁ ମାଡ଼ ଘଟଣା

# ସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ ବନ୍ଦ କଲେ ଆଇନଜୀବୀ

ଆଳି, ୨୬।୯ (ଡି.ଏନ୍.ଏ.)




ଆନ୍ଦୋଳନରତ ଆଇନଜୀବୀମାନେ।

ଓଡ଼ିଶା ହାଇକୋର୍ଟ ଆଇନଜୀବୀଙ୍କୁ ପୋଲିସର ମାଡ଼ ଘଟଣାକୁ ନେଇ ଆଇନଜୀବୀଙ୍କ ଆନ୍ଦୋଳନ ଦିନକୁ ଦିନ ତୀବ୍ର ହେଉଛି। ସମ୍ପୃକ୍ତ ପୋଲିସ କର୍ମଚାରୀଙ୍କୁ ତୁରନ୍ତ ଗିରଫ କରିବା ପାଇଁ ହାଇକୋର୍ଟ ବାର ଆସୋସିଏଶନ ଦେଇଥିବା ଆନ୍ଦୋଳନ ଡାକରାକୁ ସମର୍ଥନ କରି ଆଇନଜୀବୀମାନେ ବୁଧବାର ପୂର୍ବାହ୍ନରେ ରାଜରାସ୍ତାକୁ ଓହ୍ଲାଇଛନ୍ତି। ଆଳି ବାର ଆସୋସିଏଶନ ସଭାପତି ପ୍ରମୋଦ ରାୟ ଓ ସମ୍ପାଦକ ନୃସିଂହ ଦୀକ୍ଷିତଙ୍କ ନେତୃତ୍ୱରେ ଶତାଧିକ ଆଇନଜୀବୀ ଆଳିର ସମସ୍ତ ସରକାରୀ କାର୍ଯ୍ୟାଳୟ ସମେତ ବ୍ୟାଙ୍କଗୁଡ଼ିକୁ ବନ୍ଦ କରାଇଥିଲେ। ସେମାନେ ଏକ ପଦଯାତ୍ରାରେ ବାହାରି ପ୍ରଥମେ ଆଳି କୋର୍ଟ ବନ୍ଦ କରିବା ପରେ ତହସିଲ, ବ୍ଲକ, ସିଡିପିଓ ଅଫିସ, କୃଷି କାର୍ଯ୍ୟାଳୟ, ତଟବନ୍ଧ ବିଭାଗ, ଆଳି ପୋଷ୍ଟ ଅଫିସ ସମେତ ସମସ୍ତ ବ୍ୟାଙ୍କକୁ ମଧ ବନ୍ଦ କରିଦେଇଥିଲେ। ଏହାପରେ କୋର୍ଟ ପରିସରରେ ଏକ ପଥପ୍ରାନ୍ତ ସଭାର ଆୟୋଜନ କରାଯାଇଥିଲା। ଏଥିରେ ଆଇନଜୀବୀମାନେ ପୋଲିସର ଏତାଦୃଶ୍ୟ କାର୍ଯ୍ୟକୁ ଘୋର ନିନ୍ଦା କରିବା ସହିତ ଦୋଷୀଙ୍କୁ ଗିରଫ କରିବାକୁ ଦାବି କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆସୋସିଏଶନର ଉପ ସଭାପତି ଆଇନଜୀବୀ ବିଦ୍ୟାଧର ଦାସ, ସହ ସମ୍ପାଦକ ନଳିନୀ ରଞ୍ଜନ ରାୟ, କୋଷାଧ୍ୟକ୍ଷ ବସନ୍ତ କୁମାର ଘଡେଇ, ବରିଷ୍ଠ ଆଇନଜୀବୀ ବୃନ୍ଦାବନ ନନ୍ଦ, ଶରତ ଚନ୍ଦ୍ର ମହାନ୍ତି, ଅଭିରାମ ବିଶ୍ୱାଳ, ରାଧାକାନ୍ତ ବିଶ୍ୱାଳ, ନିଗମ ତ୍ରିପାଠୀ, ପ୍ରତିଭା ରାୟ, ଦୟାନିଧି ରାଉତ, ମୃତ୍ୟୁଞ୍ଜୟ ସାମଲ, ଅକ୍ଷୟ ମଲିକଙ୍କ ସମେତ ଶତାଧିକ ଆଇନଜୀବୀ ଏହି ପଥପ୍ରାନ୍ତ ସଭାରେ ସାମିଲ ହୋଇଥିଲେ।

### ବ୍ଲକ କର୍ମଚାରୀଙ୍କ ଆନ୍ଦୋଳନ ତୃତୀୟ ଦିନରେ

ରାଜନଗର,୨୬।୯(ଡି.ଏନ.ଏ.)

ରାଜନଗର ବ୍ଲକ ସାନବଡ ଗୋପାଳପୁର ପଞ୍ଚାୟତ ନିର୍ବାହୀ ଅଧିକାରୀ ବିବେକାନନ୍ଦ ମଲିକ ରାଶନ କାର୍ଡ ପାଇଁ ହିତାଧିକାରୀ ଚୟନ ପାଇଁ ତଦନ୍ତ କରୁଥିବା ବେଳେ ବନ୍ଧପଡା ପଞ୍ଚାୟତ ଗୋବିନ୍ଦପୁର ଗ୍ରାମର ଜଣେ ବ୍ୟକ୍ତି ତାଙ୍କୁ ମାଡ ମାରିଥିଲେ। ଏହାର ପ୍ରତିବାଦରେ ବ୍ଲକର ସମସ୍ତ କର୍ମଚାରୀ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ସୋମବାର ଠାରୁ କଲମ ଛାଡ ଆନ୍ଦୋଳନ ଚଳାଇ ଧାରଣା ଦେଇଛନ୍ତି। ଫଳରେ ବ୍ଲକ ଓ ୨୯ଟି ପଞ୍ଚାୟତରେ କାମ ସଂପୂର୍ଣ୍ଣ ବନ୍ଦ ରହିଛି । ପଞ୍ଚାୟତ ନିର୍ବାହୀ ଅଧିକାରୀ ସଂଘର ସଭାପତି ସ୍ୱାଧୀନ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ଏହି ଆନ୍ଦୋଳନ ଚାଲିଛି । ଧାରଣାରେ ବିଜୟ କୁମାର ସେଠୀ, ଗୁଣସିନ୍ଧୁ ସାମଲ, ରମେଶ ଚନ୍ଦ୍ର ଲେଙ୍କା, ପ୍ରଫୁଲ୍ଲ କୁମାର ସାହୁ, ଇତିଶ୍ରୀ ମିଶ୍ର, ନିର୍ମଳ ବିଶ୍ୱାଳ, ଅଶୋକ ରାଉତ, ଦିପ୍ତୀମୟୀ ବେହେରା, ବର୍ଷାରାଣୀ ରାଉତ, ସ୍ୱର୍ଣ୍ଣପ୍ରଭା ମଣ୍ଡଳ, ମନୋରମା ସାମଲ, ମିନାକ୍ଷୀ ରାଉତ ପ୍ରମୁଖ ସାମିଲ ହୋଇଛନ୍ତି ।

### ଡେରାବିଶରେ ଖୁସି ପ୍ରଶିକ୍ଷଣ କାର୍ଯ୍ୟକ୍ରମ



ଶିବିରରେ ଉପସ୍ଥିତ ଶିକ୍ଷୟିତ୍ରୀମାନେ।

ଡେରାବିଶ, ୨୬।୯ (ସ୍ୱ.ପ୍ର.)

ରାଜ୍ୟ ସରକାରଙ୍କ ଗଣଶିକ୍ଷା ବିଭାଗ ପକ୍ଷରୁ ଆରମ୍ଭ ହୋଇଥିବା ଖୁସି ଯୋଜନା ନିମନ୍ତେ ଡେରାବିଶ ବ୍ଲକ ଅଞ୍ଚଳର ବିଭିନ୍ନ ଶିକ୍ଷାନୁଷ୍ଠାନରେ ବୁଧବାର ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ କିଶୋରୀ, ବାଳିକାମାନଙ୍କୁ ସ୍ୱଚ୍ଛ ପରିମଳ ଓ ସ୍ୱାସ୍ଥ୍ୟର ଯତ୍ନ ଉପରେ ସଚେତନ କରାଇବା ପାଇଁ ଶିକ୍ଷୟିତ୍ରୀମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ଫକୀରାବାଦସ୍ଥିତ ରାମଚନ୍ଦ୍ର ନୋଡ଼ାଲ୍ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ପ୍ରଶିକ୍ଷଣ ଶିବିରରେ ସ୍ଥାନୀୟ ଠାକୁରହାଟସ୍ଥିତ ସୁଦର୍ଶନ ହାଇସ୍କୁଲର ବରିଷ୍ଠ ଶିକ୍ଷୟିତ୍ରୀ ଆରତୀ ଜେନା ପ୍ରଶିକ୍ଷକ ଭାବେ ଯୋଗଦେଇଥିଲେ। ଏଥିରେ ୩୧ଜଣ ଶିକ୍ଷୟିତ୍ରୀ ପ୍ରଶିକ୍ଷଣ ନେଇଥିଲେ। ଯୁଗଜ୍ୟୋତି କ୍ଲଷ୍ଟର ସିଆରସିସି ଅକ୍ଷୟ କୁମାର ମହାପାତ୍ର ଶିବିରରେ ଯୋଗଦେଇଥିଲେ।

### ଭାରସାମ୍ୟ ହରାଇ ଓଲଟିଲା ୧୦୮ ଆମ୍ବୁଲାନ୍ସ



ଦୁର୍ଘଟଣାଗ୍ରସ୍ତ ୧୦୮ ଆମ୍ବୁଲାନ୍ସକୁ ଉଠାଯାଉଛି।

ମାର୍ଶାଘାଇ,୨୬।୯(ଡିଏନଏ)

**ଅଳ୍ପକେ ବର୍ତ୍ତିଲେ ଚାଳକ, ହେଲପର**

କେନ୍ଦ୍ରାପଡା ଜିଲା ମାର୍ଶାଘାଇ ଥାନା ଅଧୀନ କେନାଲ ବ୍ରିଜ ବାଇପାସ ନିକଟରେ ଗୁରୁବାର ଭୋର ସମୟରେ ଏକ ୧୦୮ ଆମ୍ବଲାନ୍ସ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଛି । ଆମ୍ବୁଲାନ୍ସଟି ୨୦ ଫୁଟ ତଳକୁ ଖସି ପଡିଥିଲେ ହେଁ ଚାଳକ ଓ ହେଲପର ଅଳ୍ପକେ ବର୍ତ୍ତି ଯାଇଛନ୍ତି ।

ପ୍ରକାଶ ଯେ, ମହାକାଳପଡା ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧୀନରେ ଥିବା (ଓଡି ୦୨– ଜେ ୯୨୧୦) ନଂ ୧୦୮ ଆମ୍ବଲାନ୍ସ ବୁଧବାର ରାତି ପ୍ରାୟ ସାଢେ ଗୋଟାଏ ସମୟରେ ତନ୍ତିଆପାଳ ସାମୁଦ୍ରିକ ଥାନା ଅନ୍ତର୍ଗତ ସାନ ରାହାମା ଗ୍ରାମରୁ ଜଣେ ରୋଗୀକୁ ନେଇ କେନ୍ଦ୍ରାପଡା ମେଡିକାଲକୁ ଯାଇଥିଲା । ସେଠାରେ ରୋଗୀକୁ ଛାଡି ମହାକାଳପଡା ଅଭିମୁଖେ ଫେରୁଥିବା ସମୟରେ ଭୋର ୩ଟା ୪୦ରେ କେନାଲ ବ୍ରିଜ ବାଇପାସ ବାଙ୍କ ନିକଟରେ ପ୍ରାୟ ୨୦ ଫୁଟ ଖାଲକୁ ଓଲଟି ପଡିଥିଲା । ଏହି ଦୁର୍ଘଟଣାରେ ଗାଡି ଚାଳକ ତିଖିରୀ ଗ୍ରାମର ଦେବବ୍ରତ ଦାସ ଓ ହେଲପର ମଙ୍ଗଳପୁର ଗ୍ରାମର ଅଲେଖ ଦାଣ୍ଡିଆ ସୌଭାଗ୍ୟବଶତଃ ରକ୍ଷା ପାଇ ଯାଇଛନ୍ତି । ତେବେ ବିଳମ୍ବିତ ରାତ୍ରିରେ ମଦ୍ୟପାନ କରି ଗାଡି ଚଳାଇବା କିମ୍ବା ନିଦ ଲାଗିଯାଇଥିବା ଯୋଗୁ ଏହି ଦୁର୍ଘଟଣା ଘଟିଥାଇପାରେ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି । ଖବରପାଇ ଦାୟିତ୍ୱରେ ଥିବା ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ଆମ୍ବୁଲାନ୍ସକୁ ଖାଲରୁ ଉଠାଇ ନେଇ ଯାଇଥିବା ଜଣାପଡିଛି।

### ■ ମହାକାଳପଡା ଥାନା ହାଜତ ମୃତ୍ୟୁ ଘଟଣା

# ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ ପାଇଁ ପଦଯାତ୍ରା

କେନ୍ଦ୍ରାପଡା ଅଫିସ/ମାର୍ଶାଘାଇ (ଡି.ଏନ୍.ଏ.), ୨୬।୯




ବାଲଣା ଗ୍ରାମରୁ ପଦଯାତ୍ରୀ ଦଳ ଭୁବନେଶ୍ୱର ଅଭିମୁଖେ ବାହାରୁଛନ୍ତି।

ମହାକାଳପଡା ଥାନା ହାଜତ ମୃତ୍ୟୁ ଘଟଣାରେ ଅଭିଯୁକ୍ତ ଆଇଆଇସି ଶ୍ୟାମଘନ ବେହେରାଙ୍କୁ ଗିରଫ, ପରିବାର ସଦସ୍ୟଙ୍କୁ ୩୦ ଲକ୍ଷ ଟଙ୍କା କ୍ଷତିପୂରଣ ଓ ପରିବାରର ଜଣଙ୍କୁ ଚାକିରି ଦାବି କରି ସମୂହ ଗଣ ସଂଗଠନ ପକ୍ଷରୁ ଗୁରୁବାର ଭୁବନେଶ୍ୱଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯିବ। ଏହି ପରିପ୍ରେକ୍ଷୀରେ ମାର୍ଶାଘାଇ ଥାନା ବାଲଣା ଗ୍ରାମରୁ ସଂଗଠନ ପକ୍ଷରୁ ପଦଯାତ୍ରା ବୁଧବାର ଆରମ୍ଭ ହୋଇଛି। ଏଥିରେ ୩୦ରୁ ଉର୍ଦ୍ଧ୍ୱ ସାମାଜିକ କର୍ମୀ ଯୋଗ ଦେଇଛନ୍ତି। ଏ ସମ୍ପର୍କରେ ପଦଯାତ୍ରୀ ଶ୍ରୀକାନ୍ତ ନାୟକ କହିଛନ୍ତି ଯେ, ବାଲଣା ଗ୍ରାମର ମୂଷା ଓରଫ ଅବିନାଶ ପାଇଟାଳଙ୍କ ମୃତ୍ୟୁର ପାରିପାର୍ଶ୍ୱିକ ସ୍ଥିତି ଦେଖିଲେ ଅଭିଯୁକ୍ତ ଇନ୍‌ସପେକ୍ଟର ବେହେରାଙ୍କୁ ତୁରନ୍ତ ଗିରଫ କରିବା ଆବଶ୍ୟକ। ଗତ ଅଗଷ୍ଟ ୨୫ ତାରିଖରେ ଏହି ଅଧିକାରୀ ନିଜ କ୍ୱାର୍ଟରକୁ ନେଇ ମାଡ଼ ମାରି ବେହାଲ କରିଥିବା ଥାନା କନ୍‌ଷ୍ଟେବଳ ବୁଲୁ ନାୟକ ବୟାନ ଦେଇଥିବା ବେଳେ ମୂଷା ବେକରେ ପୋଲିସ ରଶି ଏହି ସନ୍ଦେହକୁ ବଢ଼ାଇଛି। ଏଥିସହ ଜିଲା ପୋଲିସ ମଧ୍ୟ ପ୍ରାଥମିକ ତଦନ୍ତ କରି ଅଭିଯୁକ୍ତ ଅଧିକାରୀଙ୍କ ବିରୋଧରେ ହତ୍ୟା ଅଭିଯୋଗରେ ମାମଲା ରୁଜୁ କରିଛନ୍ତି। ଏହାସତ୍ତ୍ୱେ ଅଭିଯୁକ୍ତ ଆଇଆଇସି ବେହେରାଙ୍କୁ ଜିଲା ଓ ପୋଲିସ ପ୍ରଶାସନ ଘଣ୍ଟ ଘୋଡାଇ ଚାଲିଥିବାରୁ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ ପାଇଁ ଦାବିପତ୍ର ଦିଆଯିବ ବୋଲି ସେ ପ୍ରକାଶ କରିଛନ୍ତି।

ଅପରପକ୍ଷରେ ମୂଷାଙ୍କ ହାଜତ ମୃତ୍ୟୁକୁ ନେଇ ଜିଲାରେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହୋଇଛି। ମୂଷାଙ୍କ ପରିବାର ନ୍ୟାୟ ପାଇଁ ଗତ ୧୨ ତାରିଖରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନଶନ ଓ ଗଣଧାରଣାରେ ଥିବା ବେଳେ ନ୍ୟାୟ ନ ମିଳିବାରୁ ଆମ୍ ଆଦ୍‌ମୀ ପାର୍ଟି ପକ୍ଷରୁ ସଚେତନତା ରଥ ଜିଲାସାରା ପରିକ୍ରମା କରୁଛି। ମହାକାଳପଡ଼ା ଖଡିଅଣ୍ଟାଠାରେ ଏହି ରଥକୁ ଭାଙ୍ଗିବା ସହିତ ସହଯାତ୍ରୀଙ୍କୁ ମାଡ଼ ମରାଯାଇଥିବା ନେଇ ମଙ୍ଗଳବାର ଆରଡିସି କାର୍ଯ୍ୟାଳୟ ସମ୍ମୁଖରେ ରାଜ୍ୟ ଆପ୍ ପକ୍ଷରୁ ବିକ୍ଷୋଭ କରାଯାଇଥିଲା। ବୁଧବାର ଏ ନେଇ ସାମୁଦ୍ରିକ ଥାନାରେ ଏକ ଅଭିଯୋଗ ପତ୍ର ଦିଆଯାଇଛି। ମହାକାଳପଡା ଥାନା ଚଢ଼େଇଗୁଆଁ ଗ୍ରାମରୁ ହୋଇଥିବା ଏକ ଚୋରି ଘଟଣାରେ ପୋଲିସ ମୂଷାଙ୍କୁ ଗତ ଅଗଷ୍ଟ ୨୫ ତାରିଖରେ ଉଠାଇ ନେଇଥିଲା। ସେହିଦିନ ରାତିରେ ମୂଷା ହାଜତରୁ ଫେରାର ହୋଇଯାଇଥିବା ପୋଲିସ କହୁଥିବା ବେଳେ ପରଦିନ ସକାଳେ ଥାନାଠାରୁ ୨୦୦ ମିଟର ଦୂରରୁ ତାଙ୍କ ଶବ ଉଦ୍ଧାର କରାଯାଇଥିଲା। ମୂଷାଙ୍କୁ ପୋଲିସ ପିଟିପିଟି ମାରି ଦେଇଥିବା ତାଙ୍କ ବଡବାପା ଦୈତାରୀ ପାଇଟାଳ ଅଭିଯୋଗ କରିଥିଲେ। ଏ ନେଇ ଥାନାରେ ୯୧/୧୮ନଂ.ରେ ଏକ ମାମଲା ରୁଜୁ ହୋଇଛି। ପରେ ପରିସ୍ଥିତିକୁ ଅନୁଧ୍ୟାନ କରା ଯାଇ ଆଇଆଇସି ବେହେରାଙ୍କୁ ନିଲମ୍ବିତ କରାଯାଇଛି।





ଧରିତ୍ରୀ ଓ ଓଡ଼ିଶାପୋଷ୍ଟ ପକ୍ଷରୁ ଆରମ୍ଭ ହୋଇଥିବା 'ପ୍ଲାଷ୍ଟିକମୁକ୍ତ ଓଡ଼ିଶା' ଅଭିଯାନକୁ ଡେରାବିଶ ବ୍ଲକ କୁରୁଜଙ୍ଗା ପଞ୍ଚାୟତ ହାଇସ୍କୁଲ ଓ ପ୍ରାଥମିକ ବିଦ୍ୟାଳୟ ଏବଂ ଆଳି ବ୍ଲକ ମହୁ ପଞ୍ଚାୟତ ଅଧୀନ ମହୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ର ସମର୍ଥନ ଜଣାଉଛନ୍ତି।



ଏ ସଂସାରରେ ଯଦି ଜଣେ ହେଲେ ଲୋକ ଉପରେ ତୁମେ ବିଶ୍ୱାସ ସ୍ଥାପନ କରିପାରିଛ, ତେବେ ତୁମେ କେବେହେଲେ ଅସହାୟ ନୁହଁ।
- ଜର୍ଜ ଏଲିଏଟ୍

## ସଂକ୍ଷେପରେ

### ବିଜେଡି ମହିଳା ସମାବେଶ ପୂର୍ବରୁ ଦାମ ଅନୁଗତଙ୍କ ବୈଠକ

**କୁଜଙ୍ଗ,୨୬।୯(ସ୍ୱ.ପ୍ର.):** ଆସନ୍ତା ୩୦ ତାରିଖରେ କୁଜଙ୍ଗରେ ବିଜେଡି ମହିଳା ସମାବେଶ ଆଳରେ ଶକ୍ତି ତାର ପ୍ରଦର୍ଶନ କରିବା ଏ ନେଇ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି। ଏପରି କି ଗତ ସୋମବାର ଏମ୍‌ପି କୁଳମଣି ସାମଲଙ୍କ ବାସଭବନରେ ଦଳୀୟ କର୍ମୀଙ୍କୁ ନେଇ ଏ ସଂକ୍ରାନ୍ତରେ ବୈଠକ ବସିଥିଲା। ଅନ୍ୟପକ୍ଷରେ ପରାଦୀପ ନିର୍ବାଚନମଣ୍ଡଳୀରେ ବିଜେଡି ଓ ଦଳରୁ ବହିଷ୍କୃତ ବିଧାୟକ ଡା. ଦାମୋଦର ରାଉତ କର୍ମୀଙ୍କୁ ଏକାଠି କରିବାକୁ ଏକ ରକମ ପ୍ରତିଯୋଗିତା ଆରମ୍ଭ କରିଛନ୍ତି। ବୁଧବାର ସନ୍ଧ୍ୟାରେ କୁଜଙ୍ଗ ପଞ୍ଚାୟତରେ ଦାମ ଅନୁଗତଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଛି। କୁଜଙ୍ଗ ପଞ୍ଚାୟତ ବଳରାମପୁର, ଜଗନ୍ନାଥପୁର, ଭଣ୍ଡୁଆ, ନବାଡିଆ ଗ୍ରାମର ଦାମଙ୍କ ବହୁ ଅନୁଗତ ଏକତ୍ରିତ ହୋଇ ଦାମଙ୍କ ପ୍ରତି ଆସ୍ଥା ପ୍ରକଟ କରିଥିଲେ। ବୈଠକରେ ମଧୁମଙ୍ଗଳ ସ୍ୱାଇଁ, କୁଜଙ୍ଗ ପଞ୍ଚାୟତ ସମିତି ଅଧକ୍ଷ ସ୍ମିତିରଞ୍ଜନ ବେହେରା, ସରପଞ୍ଚ ଭାରତ ଭୂଷଣ ନାୟକ, ଭାରତ ଭୂଷଣ ଦାସ, ସତ୍ୟାନନ୍ଦ ବିଶ୍ୱାଳ, ମହେଶ୍ୱର ସ୍ୱାଇଁ, ଅଦୈତଚରଣ ସ୍ୱାଇଁ, ସତ୍ୟନାରାୟଣ ଦାସ, ବିଚିତ୍ରାନନ୍ଦ ପ୍ରଧାନ, ବ୍ରଜବନ୍ଧୁ ଦାସ ଓ ରାଜକିଶୋର ନାଥ ପ୍ରମୁଖ ଉପସ୍ଥିତ ଥିଲେ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥାହେଲା ଏମ୍‌ପିଙ୍କ ଘରେ ହୋଇଥିବା ବୈଠକରେ ଉପସ୍ଥିତ ଥିବା ବହୁ କର୍ମୀ ମଧ ଏହି ବୈଠକରେ ଉପସ୍ଥିତ ଥିବା ଦେଖିବାକୁ ମିଳିଥିଲା।

### ଜୁଏଲାରୀ ଦୋକାନରୁ ଚୋରି

**ନାଉଗାଁ,୨୬।୯(ସ୍ୱ.ପ୍ର.):** ନାଉଗାଁ ବ୍ଲକ ଅଲଣାହାଟରେ ଥିବା ମନୋରମା ଜୁଏଲାରୀ ଦୋକାନରୁ ବୁଧବାର ସକାଳେ ଚୋରି ହୋଇଛି। ଏ ନେଇ ଦୋକାନ ମାଲିକ ବଟକୃଷ୍ଣ ସାହୁ ନାଉଗାଁ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁସାରେ, ବଟକୃଷ୍ଣ ଦୈନିକ ଦୋକାନରେ ଥିବା ଗହଣା ଓ ଟଙ୍କା ରାତିରେ ଘରକୁ ନେଇ ଯାଆନ୍ତି। ପୁଣି ସକାଳେ ତାହାକୁ ଆଣିଥାନ୍ତି। ସେହି ଅନୁସାରେ ସକାଳୁ କିଛି ଟଙ୍କା ସହିତ ୭ ଲକ୍ଷ ଟଙ୍କାର ଦାମୀ ଗହଣା ଆଣି ଦୋକାନରେ ରଖି ପଛପଟକୁ ଠାକୁର ପୂଜା ପାଇଁ ପାଣି ଆଣିବାକୁ ଯାଇଥିଲେ। ତେବେ ସେ ଫେରିବାବେଳେକୁ ଦୋକାନରେ ରଖିଥିବା ଟଙ୍କା ଓ ସୁନା ନ ଥିବା ଦେଖିବାକୁ ପାଇଥିଲେ। ପରେ ଥାନାରେ ଆସି ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ଥାନା ଅଧିକାରୀ ପ୍ରଜ୍ଞା ରିତାମ୍ବର କର ଘଟଣାସ୍ଥଳକୁ ଯାଇ ତଦନ୍ତ କରିଛନ୍ତି। ତେବେ କେହି ଜଣାଶୁଣାଲୋକ ଏଭଳି କାର୍ଯ୍ୟ କରିଥିବା ପୋଲିସ ଅନୁମାନ କରୁଛି।

### ମଦ ଜବତ, ୨ ଗିରଫ

**ବାଲିକୁଦା,୨୬।୯(ସ୍ୱ.ପ୍ର.):** ବାଲିକୁଦା ଅବକାରୀ ବିଭାଗ ପକ୍ଷରୁ ବୁଧବାର ବାହରାଣାରେ ଚଢ଼ାଉ କରାଯାଇ ଶୁକଦେବ ରାଉତ ନାମକ ଜଣେ ଚୋରା ମଦ ବ୍ୟବସାୟୀଙ୍କୁ ଗିରଫ କରାଯାଇଛି। ଏଥିସହ ତାଙ୍କଠାରୁ ୩ ଲିଟର ବିଦେଶୀ ମଦ ଜବତ କରାଯାଇଛି। ସେହିପରି ତେନ୍ତୁଳି ବେଲାରୀର କୈଳାସ ବେହେରାଙ୍କୁ ଗିରଫ କରାଯାଇଛି। ତାଙ୍କଠାରୁ ମଧ ୩ ଲିଟର ଦେଶୀ ମଦ ଜବତ କରାଯାଇ ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି। ରାହାଣ ପ୍ରସନପୁର ଗାଁର ଶୁକାନ୍ତ ପ୍ରଧାନ ଓ ଅନନ୍ତପୁର ଭୁଆଷୁଣୀ ଗାଁର ବାବୁରାମ ବେହେରା ଚଢ଼ାଉ ସମୟରେ ଖସି ପଳାଇଥିବା ସୂଚନା ମିଳିଛି।

### ପୋଖରୀରେ ବୁଡ଼ି ଶିଶୁ ମୃତ

**ରାଜକନିକା, ୨୬।୯ (ଡି.ଏନ.ଏ.)**
ରାଜକନିକା ବ୍ଲକ ଅଧୀନ ଦେଉଳତରା ଗ୍ରାମର କାଳନ୍ଦୀ ମଳିକଙ୍କ ପୁଅ ସୂର୍ଯ୍ୟକାନ୍ତ (୩) ବୁଧବାର ଘର ପଛପଟେ ଥିବା ଏକ ପୋଖରୀରେ ବୁଡ଼ି ମୃତ୍ୟୁବରଣ କରିଛନ୍ତି। ଘର ନିକଟରେ ଖେଳୁଥିବା ବେଳେ ପରିବାର ଲୋକଙ୍କ ଅଜାଣତରେ ସୂର୍ଯ୍ୟକାନ୍ତ ପୋଖରୀକୁ ଚାଲିଯାଇଥିଲେ। କିଛି ସମୟ ପରେ ଘର ଲୋକେ ଖୋଜାଖୋଜି କରିବା ପରେ ପୋଖରୀରେ ତାଙ୍କ ଶବ ଭାସୁଥିବା ଦେଖାଯାଇଥିଲା। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ଦୁର୍ଘଟଣାରେ ମହିଳା ମୃତ

**ପାଟକୁରା,୨୬।୯(ଡି.ଏନ୍.ଏ.):**
ଗରଦପୁର ବ୍ଲକ ଭଗବାନପୁର ପଞ୍ଚାୟତର ତୀର୍ଥାନନ୍ଦ ସ୍ୱାଇଁଙ୍କ ସ୍ତ୍ରୀ କବିତାଙ୍କ (୪୫)ଙ୍କର ବୁଧବାର ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। କବିତା ତାଙ୍କ ପୁତୁରାଙ୍କ ସହ ସ୍କୁଟିରେ ଗରଦପୁର ଯିବା ବେଳେ ବରହମପୁର ପ୍ରାଥମିକ ବିଦ୍ୟାଳୟ ନିକଟରେ ଖସିପଡ଼ିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଗରଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ■ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପରିଚାଳନା ମଣ୍ଡଳୀର ୫୩ତମ ବୈଠକ

# ଗ୍ରାମ୍ୟ ଉନ୍ନୟନ, ପୂର୍ତ୍ତ ବିଭାଗ ଉପରେ ବର୍ଷିଲେ ସଭ୍ୟାସଭ୍ୟ

■ ତାଗିଦ ସତ୍ତ୍ୱେ ରାସ୍ତା କାମ ସମ୍ପର୍କରେ ଲୋକ ପ୍ରତିନିଧିଙ୍କ ପରାମର୍ଶ ନିଆଯାଉନି: ଏମ୍‌ପି
■ ଡାଇଲୋ ସମିତି ସମ୍ପାଦକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଷ୍ପତ୍ତି
■ ଶୀଘ୍ର ନଳକୂପ ବସାଇବାକୁ ନିର୍ଦ୍ଦେଶ

**ଜଗତ୍‌ସିଂହପୁର ଅଫିସ, ୨୬।୯**

ସ୍ଥାନୀୟ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ବୁଧବାର ଏହି ସଂସ୍ଥା ପରିଚାଳନା ମଣ୍ଡଳୀର ୫୩ତମ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ନେଇ ଉପସ୍ଥିତ ଜିଲା ପରିଷଦ ସଭ୍ୟାସଭ୍ୟ, ସମିତି ସଭ୍ୟାସଭ୍ୟ ଏପରି କି ବିଧାୟକ, ଏମ୍‌ପି ମଧ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ। ବିଶେଷକରି ଜଗତ୍‌ସିଂହପୁର ଗ୍ରାମ୍ୟ ଉନ୍ନୟନ (ଆର୍‌ଡି) ସଂସ୍ଥା ନିର୍ବାହୀ ଯନ୍ତ୍ରୀ, ପୂର୍ତ୍ତ ବିଭାଗ (ପିଡବ୍ଲ୍ୟୁଡି) ନିର୍ବାହୀ ଯନ୍ତ୍ରୀ ଓ ଏଆର୍‌ସିଏସ୍ (ଆସିଷ୍ଟାଣ୍ଟ ରେଜିଷ୍ଟ୍ରାର କୋ ଅପରେଟିଭ୍ ସୋସାଇଟି)ଙ୍କ ଉପରେ ଲୋକ ପ୍ରତିନିଧିମାନେ ବର୍ଷିଥିଲେ।

ରଘୁନାଥପୁର-ଧରାଧରପୁର ରାସ୍ତା କାମ ଶେଷ ହେଉ ନ ଥିବା ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା। ରାସ୍ତା ଖରାପ ସାଙ୍ଗକୁ ଏହା ଉପରୁ ବିଦ୍ୟୁତ ଖୁଣ୍ଟ ଉଠାଯାଉନି। ଠିକାଦାର କାମ ନ କରି ବେଧଡ଼କରେ ବସିଛନ୍ତି। ଏ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ନିର୍ବାହୀ ଯନ୍ତ୍ରୀଙ୍କୁ ବାରମ୍ବାର ଅବଗତ କରାଯାଇଥିଲେ ସୁଦ୍ଧା କୌଣସି ପ୍ରତିକାର ହେଉନାହିଁ । କାହିଁକି ଏବଂ କେଉଁ ମହତ ଲକ୍ଷ୍ୟ ରଖି ନିର୍ବାହୀ ଯନ୍ତ୍ରୀ ଚୁପ ବସିଛନ୍ତି ବୋଲି ପ୍ରଶ୍ନ ହେବାରୁ କୌଣସି ସନ୍ତୋଷଜନକ ଉତ୍ତର ମିଳିପାରି ନ ଥିଲା। ନିଜ ଉପରୁ ଦୋଷ ଛଡାଇବା ପାଇଁ ନିର୍ବାହୀ ଯନ୍ତ୍ରୀ ଉଦ୍ୟମ କରିଥିଲେ। ତେବେ ଆଶ୍ଚର୍ଯ୍ୟର କଥା ହେଲା ଠିକାଦାର ମାତ୍ର ୨୮% କାମ କରିଥିବା ନିର୍ବାହୀ ଯନ୍ତ୍ରୀ ସ୍ୱୀକାର କରିଥିବା ବେଳେ କାର୍ଯ୍ୟାନୁଷ୍ଠାନ ନେବାରେ ଜାଣିଶୁଣି ବିଳମ୍ବ କରୁଥିବା ବାରି ହୋଇ ପଡିଥିଲା। ତେବେ ଶୀଘ୍ର ସମ୍ପୃକ୍ତ ଠିକାଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସହ ରାସ୍ତା କାମ କରିବାକୁ ନିର୍ଦ୍ଦେଶ ହେବାରୁ ନିର୍ବାହୀ ଯନ୍ତ୍ରୀ ନରମି ଥିଲେ। ଅନୁରୂପ ଭାବେ କେତେଗୁଡିଏ ପଞ୍ଚାୟତ ରାସ୍ତା ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତା ସହ ସଂଯୋଗ ପାଇଁ ପ୍ରସ୍ତାବ ଦିଆଯାଇଛି। ତାହା କରାଯିବାରେ ମଧ ବିଳମ୍ବ ହେଉଛି। ଯେଉଁଠି ରାସ୍ତା ଖରାପ ରହିଛି ସେ ସ୍ଥାନରେ ମରାମତି ହେଉଛି।

ଏରସମା ବଜାରରୁ ଆର୍‌ଡି କାର୍ଯ୍ୟାଳୟ ଦେଇ ଯାଇଥିବା ରାସ୍ତା ଶୋଚନୀୟ। ଏ ସମ୍ପର୍କରେ ଆର୍‌ଡି ନିର୍ବାହୀ ଯନ୍ତ୍ରୀ ବେପରୁଆ ମନ୍ତବ୍ୟ ଦେଇ ହଟହଟା ହୋଇଥିଲେ। ସେ କହିଥିଲେ, ବର୍ଷା ଯୋଗୁ ରାସ୍ତା କାମ କରାଯିବା ସମ୍ଭବ ହେଉନି । କିନ୍ତୁ ଏହା କଂକ୍ରିଟ ରାସ୍ତା ହେବାର ଥିବାରୁ ବର୍ଷା ଦିନେ କୌଣସି ଅସୁବିଧା ନ ଥିବା କୁହାଗଲା ପରେ ସେ ଚୁପ୍ ହୋଇଥିଲେ। ମୁଖ୍ୟମନ୍ତ୍ରୀ ସଡକ ଯୋଜନାରେ ପଲ୍ଲିକଣ୍ଟା ଛକ ନିକଟରୁ ଷଣ୍ଢପୁର ଦେଇ ଯାଇଥିବା ରାସ୍ତା କାମ ମଧ ଅନୁରୂପ। ଠିକାଦାର କାହିଁକି କାମ କରୁନାହାନ୍ତି ଏବଂ ବିଭାଗ କ'ଣ କରୁଛି ବୋଲି ପ୍ରଶ୍ନ ସାଙ୍ଗକୁ କେତେଜଣ ସଭ୍ୟ ହୋହଲ୍ଲା କରିବାରୁ ଆର୍‌ଡି ନିର୍ବାହୀ ଯନ୍ତ୍ରୀ ପୁଣିଥରେ ଭୁଲ କଥା କହି ହଟହଟା ହୋଇଥିଲେ। ସେ କହିଥିଲେ ଶୀଘ୍ର କାମ ସରିଯିବ। କିନ୍ତୁ ପାଖାପାଖି ଦେଢ କୋଟି ଟଙ୍କା ବ୍ୟୟ ଅଟକଳରେ ୩ ବର୍ଷ ପୂର୍ବରୁ ଆରମ୍ଭ ହୋଇଥିବା ଏହି ରାସ୍ତା କାମ ଶେଷ ହେବାର ଅବଧି ଏଥିମଧ୍ୟରେ ଅତିକ୍ରାନ୍ତ ହୋଇଗଲାଣି। ଏହାର ଅଗ୍ରଗତି ହେଉ ନ ଥିବା ବେଳେ ନିର୍ବାହୀ ଯନ୍ତ୍ରୀ କାହିଁକି ଭୁଲ କଥା କହିଲେ ବୋଲି ପାଟିତୁଣ୍ଡ ହୋଇଥିଲା। ରଘୁନାଥପୁର ବ୍ଲକ ଏରଡ଼ଙ୍ଗା ପଞ୍ଚାୟତ ଧଳତଙ୍ଗଗଡ଼ ଜଙ୍ଗଲ ଭିତରେ ଯାଇଥିବା ଏକ ରାସ୍ତା ପାର୍ଶ୍ୱରେ ୩/୪ଟି ମୃତ ଗଛ କଟା ହୋଇ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ମଣିଜଙ୍ଗା-ଆମ୍ବିକି ରାସ୍ତା ଗତ ବର୍ଷାରେ ଶୋଚନୀୟ ହୋଇପଡିଛି। ବାରମ୍ବାର କୁହାଯିବା ସତ୍ତ୍ୱେ ବିଭାଗ ଚୁପ ରହିଛି। ଏରସମା ଓସକଣା ସ୍ୱାସ୍ଥ୍ୟକେନ୍ଦ୍ର କାମ ୩ ବର୍ଷ ହେଲା ଅଧାରେ ଅଟକିଛି। ଏହିଭଳି ଅନେକ ଅଭିଯୋଗରେ ଆର୍‌ଡି ନିର୍ବାହୀ ଯନ୍ତ୍ରୀ ଘାଇଲା ହୋଇଥିଲେ। ଏପରି କି ଏମ୍‌ପି ଡା. ସାମଲ ମଧ ଛାଡି ନ ଥିଲେ। କହିଥିଲେ ପିଏମ୍‌ଜିଏସ୍‌ୱାଇ ରାସ୍ତା କାମ ହେଉଛି ଅଥଚ ତାଙ୍କୁ ଜଣାଯାଉନାହିଁ। ପୂର୍ତ୍ତ ବିଭାଗ ଅଧୀନରେ ଥିବା ଚଟୁଆ-ନୂଆଗାଁ ରାସ୍ତା ଅତି ନିମ୍ନ ମାନର। ଏରସମା-ବାଘାଡି ରାସ୍ତା ମରାମତି ହେଉନାହିଁ। ତେଣୁ ଏହା ଉପରେ ପଦକ୍ଷେପ ନିଆଯାଉ ବୋଲି ଦାବି ହୋଇଥିଲା। ସେହିପରି ଡାଇଲୋ ସମିତି ସମ୍ପାଦକଙ୍କ କାର୍ଯ୍ୟକଳାପକୁ ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା। ସମ୍ପୃକ୍ତ ସମ୍ପାଦକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନ ହେଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ତିର୍ତ୍ତୋଲ ବିଧାୟିକା ରାଜଶ୍ରୀ ମଲ୍ଲିକ ଚେତାବନୀ ଦେଇଥିଲେ। ବିଧାୟକ ପ୍ରଶାନ୍ତ ମୁଦୁଲି ଏଥିରେ ହସ୍ତକ୍ଷେପ କରିବାରୁ ପରିବେଶ ଶାନ୍ତ ହୋଇଥିଲା। ଜଣେ ଗୋମିତ୍ରଙ୍କ କାର୍ଯ୍ୟକଳାପକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ତେବେ ସମ୍ପୃକ୍ତ ଗୋ ମିତ୍ରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ସିଡିଭିଓ କହିଥିଲେ। ସନ୍ତରା ଉଚ୍ଚପ୍ରାଥମିକ ବିଦ୍ୟାଳୟ ଅସୁରକ୍ଷିତ ଅବସ୍ଥାରେ ଅଛି। ଏହା ଭଙ୍ଗାଯାଉ, ନଚେତ ଛାତ କାମ କରାଯାଉ ବୋଲି ଦାବି ହୋଇଥିଲା। ବୈଠକରେ ଜିଲା ପରିଷଦ ସଭାପତି ପ୍ରିୟଦର୍ଶିନୀ ବିଶ୍ୱାଳ ପୌରୋହିତ୍ୟ କରିଥିଲେ। ଜଗତ୍‌ସିଂହପୁର ବିଧାୟକ ଚିରଞ୍ଜୀବ ବିଶ୍ୱାଳ, ବାଲିକୁଦା-ଏରସମା ବିଧାୟକ ମୁଦୁଲି, ଏମ୍‌ପି ଡ. ସାମଲ, ତିର୍ତ୍ତୋଲ ବିଧାୟିକା ମଲ୍ଲିକ, ଜିଲାପାଳ ଯାମିନୀ ଷଡ଼ଙ୍ଗୀ, ଜିଲା ପରିଷଦ ଉପସଭାପତି ଲିଙ୍ଗରାଜ ସ୍ୱାଇଁ, ଜିଲା ପରିଷଦ ସଭ୍ୟାସଭ୍ୟ ଓ ପଞ୍ଚାୟତ ସମିତି ସଭ୍ୟାସଭ୍ୟ ଉପସ୍ଥିତ ଥିଲେ।



ବୈଠକରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

## ■ କଲଭର୍ଟ ନିର୍ମାଣକୁ ନେଇ କୋଟକଣାବାସୀଙ୍କ ଧାରଣା ୨ୟ ଦିନରେ

# ପୋଲିସ ସୁରକ୍ଷାରେ କାର୍ଯ୍ୟ ଆରମ୍ଭ ଦାବି

**ରଘୁନାଥପୁର, ୨୬।୯( ଡି.ଏନ.ଏ.)**

ଦୁଇବର୍ଷ ତଳୁ ରଘୁନାଥପୁର ବ୍ଲକ ଧରାଧରପୁର ପଞ୍ଚାୟତ କୋଟକଣାସ୍ଥିତ ଫଗୁ ସାହୁ ଘର ନିକଟ ଦାଣ୍ଡଗାଡ଼ିଆ ବନ୍ଧ ରାସ୍ତାରେ ଖୋଳି ଦିଆଯାଇଥିବା ସ୍ଥାନରେ କଲଭର୍ଟ ନିର୍ମାଣ ଦାବି ନେଇ ଗ୍ରାମବାସୀଙ୍କ ଧାରଣା ୨ୟ ଦିନରେ ପହଞ୍ଚିଛି। ଗ୍ରାମବାସୀ ଉକ୍ତ ସ୍ଥାନରେ ପୋଲିସ ସୁରକ୍ଷାରେ କାର୍ଯ୍ୟ ଆରମ୍ଭ ପାଇଁ ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ ବି ଗ୍ରାମବାସୀ ଏହାକୁ ଗ୍ରହଣ କରିନାହାନ୍ତି। ଗ୍ରାମର ପ୍ରଭଞ୍ଜନ ବିଶ୍ୱାଳ, ପୂର୍ବତନ ସରପଞ୍ଚ କୃଷ୍ଣ ଚନ୍ଦ୍ର ଜେନା କୁହନ୍ତି ଯେ, କଲଭର୍ଟ ପାଇଁ ୱାର୍କ ଅର୍ଡର ଦିଆଯିବା ପରେ ଜଣେ ମାତ୍ର ବ୍ୟକ୍ତି ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟ ଆରମ୍ଭ କରାଇ ଦେଉ ନାହାନ୍ତି। ଦୁଇବର୍ଷ ହେଲା ରାସ୍ତା ଖୋଳା ହୋଇପଡ଼ିଛି। ଆଉ କେତେଦିନ ଗଲେ ବ୍ଲକ ପ୍ରଶାସନ କାର୍ଯ୍ୟ ସାରିବ ବୋଲି ଧାରଣାକାରୀ ପ୍ରଶ୍ନ ରଖିଛନ୍ତି। ଅନ୍ୟପକ୍ଷରେ କେତେଜଣ ବ୍ୟକ୍ତି, ଗ୍ରାମବାସୀ ପୋଲିସ ସୁରକ୍ଷାରେ କାର୍ଯ୍ୟ ଆରମ୍ଭ କରିବାକୁ ଲିଖିତ ଜଣାଇଥିଲେ ସୁଦ୍ଧା ବିଡିଓ କ'ଣ ପାଇଁ ପଛଘୁଞ୍ଚା ଦେଉଛନ୍ତି ତାହାର କାରଣ ଜଣାପଡୁନି ବୋଲି ପ୍ରକାଶ କରିଛନ୍ତି। ମାମୁଲି ସମସ୍ୟା ଧୀରେ ଧୀରେ ଜଟିଳ ରୂପ ନେବାରେ ଲାଗିଛି। ଗୋଟେ ପଟେ ଗ୍ରାମବାସୀ ଅହୋରାତ୍ର ଧାରଣାରେ ବସି ରହିବା ପାଇଁ ବ୍ୟବସ୍ଥା କରିଥିବାବେଳେ, ବ୍ଲକ ପ୍ରଶାସନ କାର୍ଯ୍ୟଧାରା ପ୍ରତି ସନ୍ଦେହ ପ୍ରକାଶ ପାଇଛି। ଏ ସମ୍ପର୍କରେ ବିଡିଓ ପଞ୍ଚାନନ ପଟ୍ଟାୟତଙ୍କ ସହ ଯୋଗାଯୋଗ କରିବାରେ ସେମାନଙ୍କୁ ସମସ୍ତ ପ୍ରକାର ବୁଝାଇଥିଲେ ବି ସେମାନେ ମାନିବାକୁ ନାରାଜ। କିଛିଦିନ ସମୟ ଦେବାକୁ କହିଲେ ବି ଶୁଣୁନାହାନ୍ତି। ମୁଁ ଆଉ କ'ଣ କରିପାରିବି ବୋଲି କହି ବିଡିଓ ପଟ୍ଟାୟତ ଅସହାୟତା ପ୍ରକାଶ କରିଛନ୍ତି। ତେବେ ଜିଲାପାଳ ଏଥିପ୍ରତି ଦୃଷ୍ଟି ଦେବା ପାଇଁ ସାଧାରଣରେ ଦାବି ହେଉଛି।




କଲଭର୍ଟ ନିର୍ମାଣ ଦାବିରେ ଧାରଣା ଦେଇଥିବା ଗ୍ରାମବାସୀ।

### ବ୍ଲକସ୍ତରୀୟ ନିଯୁକ୍ତି ପରାମର୍ଶ ଶିବିର

**ବାଲିକୁଦା,୨୬।୯(ସ୍ୱ.ପ୍ର.)**
ବାଲିକୁଦା ବ୍ଲକ କାର୍ଯ୍ୟାଳୟ ପରିସରରେ ବୁଧବାର ବ୍ଲକସ୍ତରୀୟ ନିଯୁକ୍ତି ପରାମର୍ଶ ଶିବିର ଅନୁଷ୍ଠିତ ହୋଇଛି। ଏହାକୁ ବିଡିଓ କଲ୍ୟାଣୀ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଓଡ଼ିଶା ଜୀବିକା ମିଶନ ବାଲିକୁଦା ବ୍ଲକ ପରିଚାଳକ ପ୍ରତାପରୁଦ୍ର ନନ୍ଦଙ୍କ ଅଧ୍ୟକ୍ଷତାରେ ଏକ ସଭା ଆୟୋଜନ କରାଯାଇଥିଲା। ଏବିଡିଓ ଅଜୟ ବେହେରା, ଦକ୍ଷତା ବିକାଶ ଜିଲା ସଂଯୋଜକ ଶୁଭାଶିଷ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ବ୍ଲକର ୫୫୦ଜଣ ବେକାର ଯୁବତୀଯୁବକ ଅଂଶଗ୍ରହଣ କରିଥିଲେ। ବ୍ଲକ ଜୀବିକା ସଂଯୋଜିକା ପ୍ରତିମୟୀ ମହାନ୍ତି, ରାଜଲକ୍ଷ୍ମୀ ସ୍ୱାଇଁ, ରଶ୍ମିତା ଦାସ, ସ୍ମିତିରାଣୀ ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ। ଶିବିରରେ ଏଏସଏମଏସିଏସ, ଗ୍ରାମ ତରଙ୍ଗ, ଉପାସନା, ଆଇଏଲ ଆଣ୍ଡ ଏଫସ୍, ଆଇସିଏ ଏଜୁକେଶନ ସ୍କିଲ, ନିମ୍, ସନ୍ଧ, ଗ୍ରାମେଶ୍ୱର ଶିକ୍ଷକତା ଆଦି ସଂସ୍ଥା ଯୋଗଦେଇ ବେକାର ଯୁବତୀଯୁବଙ୍କୁ ସ୍ୱାବଲମ୍ବୀ କରିବା କ୍ଷେତ୍ରରେ ସହଯୋଗ କରିଥିଲେ। ଚୟନ ଯୁବତୀଯୁବକଙ୍କୁ ଟ୍ରେନିଂ ସମୟର ଅର୍ଥ, ହଷ୍ଟେଲ ସୁବିଧା ଓ ଷ୍ଟାଇପେଣ୍ଡ ଆଦି ସରକାର ଯୋଗାଇଦେବେ ବୋଲି କୁହାଯାଇଥିଲା।

# ମିଳିତ ସମରାଭ୍ୟାସ ସାଗରକବଚ ଆରମ୍ଭ

**ପାରାଦୀପ,୨୬।୯(ସ୍ୱ.ପ୍ର.)**

ଓଡ଼ିଶା ଓ ଆନ୍ଧ୍ର ଉପକୂଳରେ ଦୁଇଦିନିଆ ମିଳିତ ଉପକୂଳ ସମରାଭ୍ୟାସ ସାଗରକବଚ(ଓଡି-ଏପି-୦୧) ବୁଧବାରଠାରୁ ଆରମ୍ଭ ହୋଇଛି। ଏଥିରେ ସୁରକ୍ଷା ବାହିନୀ ପକ୍ଷରୁ ମିଳିତଭାବେ ଛଦ୍ମବେଶୀ ଆତଙ୍କବାଦୀ ଅନୁପ୍ରବେଶ ଉଦ୍ୟମ ଓ ତାଙ୍କୁ ଧରିବା ଅଭିଯାନ କଳାକୌଶଳ ପ୍ରଦର୍ଶନ କରାଯାଉଛି। ନୌସେନା, ଭାରତୀୟ ତଟରକ୍ଷୀ ବାହନୀ, ସିଆଇଏସଏଫ୍, ଓଡ଼ିଶା ପୋଲିସ, ମେରାଇନ ପୋଲିସ, ଇମିଗ୍ରେସନ, ମତ୍ସ୍ୟବିଭାଗ, କଷ୍ଟମ୍ସ, ପାରାଦୀପ ବନ୍ଦର ଓ ବନବିଭାଗ ଆଦି ସୁରକ୍ଷା କର୍ମଚାରୀ ସତର୍କତା ଭାବେ ଡ୍ୟୁଟିରେ ରହିଛନ୍ତି। ଏହି ମିଳିତ ସମରାଭ୍ୟାସ ୧୮ତମ ଭାବେ ପାଳନ କରାଯାଉଛି। ସୂଚନାଯୋଗ୍ୟ, ୨୦୦୮ ନଭେମ୍ବର ୨୬ରେ ଉପକୂଳ ସୀମା ଦେଇ ପାକିସ୍ତାନ ଆତଙ୍କବାଦୀମାନେ ବମ୍ବେ ସହରରେ ପଶି ଆକ୍ରମଣ କରିଥିଲେ। ସେତେବେଳେ ଆତଙ୍କବାଦୀଙ୍କୁ ମୁକାବିଲା କରିବାବେଳେ ସୁରକ୍ଷା ଅଧିକାରୀଙ୍କ ମଧ୍ୟରେ ତାଳମେଳ ରହି ନ ଥିଲା। ତେବେ ସେହିଭଳି ଘଟଣାର ମୁକାବିଲା କରିବା ପାଇଁ ୨୦୦୯ ଜୁଲାଇ ୨୯ରୁ ଉପକୂଳ ସମରାଭ୍ୟାସ କରାଯାଉଛି। ପ୍ରତିବର୍ଷ ଦୁଇଥର ଲେଖାଏ ଏଭଳି ସମରାଭ୍ୟାସ କରାଯାଉଛି। ସେହି ଘଟଣା ପରେ ପୂର୍ବ ଉପକୂଳରେ ସାମୁଦ୍ରିକ ଥାନା କରାଯାଇଛି। ଓଡ଼ିଶାର ୪୮୦ କି.ମି. ପୂର୍ବ ଉପକୂଳରେ ୧୮ଟି ସାମୁଦ୍ରିକ ଥାନା ୨୦୦୯ରୁ ଏବେ ସୁଦ୍ଧା ହୋଇଛି। ସମରାଭ୍ୟାସ ସମୟରେ ଧାମରା, ପାରାଦୀପ, ପୁରୀ, ଗୋପାଳପୁର ଅଞ୍ଚଳରେ ଛଦ୍ମବେଶୀ ଆତଙ୍କବାଦୀ ପ୍ରବେଶ କରିଥିଲେ। ସେମାନଙ୍କୁ ସୁରକ୍ଷା ବଳ ଠାବ କରିଥିଲେ।

**ମହାକାଳପଡ଼ା, (ଡି.ଏନ୍.ଏ.)-** ଆତଙ୍କବାଦ ଦମନ ପାଇଁ ଗଭୀର ସମୁଦ୍ରରେ ମିଳିତ ସୁରକ୍ଷା ବାହିନୀ ପକ୍ଷରୁ ସମରାଭ୍ୟାସ ଅନୁଷ୍ଠିତ ହୋଇଥିଲା। ଏଥିରେ ଓଡ଼ିଶା ପୋଲିସ, ମେରାଇନ୍ ପୋଲିସ, ତଟରକ୍ଷା ବାହିନୀର ସୁରକ୍ଷା କର୍ମୀମାନେ ସାମିଲ ହୋଇଥିଲେ। ଗଭୀର ସମୁଦ୍ରରେ ଆତଙ୍କବାଦୀଙ୍କୁ ଆତର୍କିତ ଆକ୍ରମଣ କରିବା ଏହି ସମରାଭ୍ୟାସର ମୂଳଲକ୍ଷ୍ୟ। ଜମ୍ବୁ ମେରାଇନ୍ ଥାନା ଆଇଆଇସି ପ୍ରିୟବ୍ରତ ଦାଶଙ୍କ ସମେତ ଏପିଆର୍ ଫୋର୍ସ ଓ ଅନ୍ୟ ସୁରକ୍ଷା କର୍ମୀମାନେ ହୁକିଟୋଲା, ବରୁଣେଇ ମୁହାଣ, ମହାନଦୀ ମୁହାଣ ସମେତ ବିଭିନ୍ନ ସ୍ଥାନରେ ସମରାଭ୍ୟାସ କରିଥିଲେ।

# ୬ରୁ ଜିଲାସ୍ତରୀୟ ଡାକ ଟିକେଟ ପ୍ରଦର୍ଶନୀ

## ଲୋକଙ୍କ ନିକଟତର ହେବାକୁ ପ୍ରୟାସ

**ପାରାଦୀପ,୨୬।୯(ସ୍ୱ.ପ୍ର.)**

ଏକଦା ଲୋକଙ୍କ ଜୀବନ ଶୈଳୀରେ ଡାକ ବିଭାଗ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଥିଲା। ସୂଚନାପ୍ରଯୁକ୍ତି ବିଦ୍ୟାର ସଫଳତା ଯୋଗୁ ଡାକ ଧୀରେଧୀରେ ମାନସପଟରୁ ଲିଭିବାକୁ ବସିଛି। ତେବେ ସେହି ଡାକଘର ପୁଣି ଲୋକଙ୍କ ନିକଟତର ହେବାକୁ ପ୍ରୟାସ ଆରମ୍ଭ କରିଛି। ଏହି କ୍ରମରେ ଅକ୍ଟୋବର ୬ ଓ ୭ରେ ଜିଲାସ୍ତରୀୟ ଡାକ ଟିକେଟ ପ୍ରଦର୍ଶନୀ ଅନୁଷ୍ଠିତ ହେବ। ଜଗତ୍‌ସିଂହପୁର ଜିଲା ପାଇଁ ପାରାଦୀପ କଲେଜ ପରିସରରେ ଛାତ୍ରୀଛାତ୍ରମାନେ ଡାକ ଟିକେଟ ସଂଗ୍ରହ କରିପାରିବେ। ଯୁବପିଢ଼ି ଏଠାରେ ୧୫୦ ବର୍ଷର ଡାକଟିକେଟ ସଂଗ୍ରହ କରପାରିବେ। ଏହାଦ୍ୱାରା ସେମାନଙ୍କ ଜ୍ଞାନର ବିକାଶ ହେବ ବୋଲି ଡାକ ବିଭାଗ ପକ୍ଷରୁ କୁହାଯାଇଛି। ବୁଧବାର ଅପରାହ୍ନରେ ପାରାଦୀପ ମୁଖ୍ୟ ଡାକଘର ବଡପଡିଆରେ ନିୟମାବଳି ପୁସ୍ତିକା ଲୋକାର୍ପଣ କରାଯାଇଛି। କାର୍ଯ୍ୟକ୍ରମରେ ଅତିଥିଭାବେ କଲେଜ ଅଧକ୍ଷ ସୁରେନ୍ଦ୍ର ମୋହନ ମିଶ୍ର, କଟକ ଦକ୍ଷିଣ ମଣ୍ଡଳ ଡାକ ଅଧୀକ୍ଷକ କୃଷ୍ଣଚନ୍ଦ୍ର ଚିନାରା, ପରମାନନ୍ଦ କଣ୍ଡ, ଭୀମସିନ୍ ନାୟକ, ସତ୍ୟବ୍ରତ ଗାହାଣ ଓ ଦିବ୍ୟସିଂହ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ଜିଲାସ୍ତରୀୟ ଡାକ ଟିକେଟରେ ଜଗତ୍‌ସିଂହପୁର ଜିଲାର ପ୍ରସିଦ୍ଧ ଝଙ୍କଡ ଶାରଳା ମନ୍ଦିର, ପାରାଦୀପ ବନ୍ଦର ଜାହାଜ ଓ ବତିଘର ରହିଛି।




ଅତିଥି ନିୟମାବଳୀ ପୁସ୍ତିକା ଲୋକାର୍ପଣ କରୁଛନ୍ତି।

## ■ ନାନା ସମସ୍ୟାରେ ତିରୁଣା କୃଷି ସମବାୟ ସମିତି

# କର୍ମଚାରୀଙ୍କୁ ନ ପାଇ ତାଲା ପକାଇଲେ ଚାଷୀ

**ନାଉଗାଁ,୨୬।୯(ସ୍ୱ.ପ୍ର.)**

ନାଉଗାଁ ବ୍ଲକରେ ଥିବା ତିରୁଣା କୃଷି ସମବାୟ ସମିତିରେ ଦୀର୍ଘଦିନ ହେବ ନାନା ସମସ୍ୟା ଲାଗି ରହିଛି। ଫଳରେ ଏହା ଉପରେ ନିର୍ଭର କରୁଥିବା ଚାଷୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗତ ମେ' ମାସରେ ସମିତି ଚାଷୀଙ୍କଠାରୁ ଧାନ କ୍ରୟ କରିବା ସମୟରେ ଅର୍ଥ ତୋଷାରପାତ ଓ ଅଣପଞ୍ଜୀକୃତ ଚାଷୀଙ୍କଠାରୁ ଧାନ କ୍ରୟ କରିଥିବା ନେଇ ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଥିଲା। ପରେ ଜିଲା ପ୍ରଶସାନ ପକ୍ଷରୁ ତଦନ୍ତ କରାଯାଇ ସମିତି ସମ୍ପାଦକ ମାଧବାନନ୍ଦ ନାୟକ ଓ ହିସାବ ରକ୍ଷକ ଜୟନ୍ତ କୁମାର ଲେଙ୍କାଙ୍କୁ ସମବାୟ ସମିତି ଇନସପେକ୍ଟର ନିବେଦିତା ସାମଲ କାର୍ଯ୍ୟରୁ ବହିଷ୍କୃତ କରିଥିଲେ। ସେହି ଦିନଠାରୁ ଏହି ସମିତିରେ ସମସ୍ୟା ଲାଗି ରହିଛି। ସମିତି ଉପରେ ତିରୁଣା ଓ ଡାବର ପଞ୍ଚାୟତର ଚାଷୀ ନର୍ଭର କରୁଥିବାବେଳେ ସ୍ଥାୟୀ ସମ୍ପାଦକ ନ ଥିବାରୁ ଚାଷୀ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବର୍ତ୍ତମାନ ଚାଷୀଙ୍କ ନାମ ପଞ୍ଜୀକୃତ ଚାଲିଥିବା ବେଳେ ଖରିଫ ଚାଷ ପାଇଁ ଋଣ ପ୍ରଦାନ କରାଯାଉଛି। କିନ୍ତୁ ଉକ୍ତ ସମିତିର ଶାଖା ପରିଚାଳକ ନ ଥିବାରୁ ଏହାର କାର୍ଯ୍ୟ ଠିକ୍ ଭାବେ ହୋଇ ପାରୁ ନ ଥିବା ଚାଷୀ ଅଭିଯେଗା କରିଛନ୍ତି। ଅନ୍ୟପକ୍ଷରେ ଚାଷୀଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ଦୁଇ ମାସ ହେବ ନାଉଗାଁ ସେବା ସମବାୟ ସମିତି ସମ୍ପାଦକ ଜ୍ୟୋତି ପ୍ରକାଶ ଲେଙ୍କାଙ୍କୁ ଏଠାକାର ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ୨ ସମବାୟ ସମିତିର ଦାୟିତ୍ୱ ଜଣଙ୍କ ଉପରେ ନ୍ୟସ୍ତ ଥିବାରୁ ଉଭୟ ସମିତିରେ ଚାଷୀଙ୍କ ପାଇଁ ସମସ୍ୟା ସୃଷ୍ଟି ହେଉଛି। ସପ୍ତାହକୁ ୨ ଥର ଓ ଜରୁରିକାଳିନ ପରିସ୍ଥିତିରେ ସପ୍ତାହକୁ ୪ ଥର ଜ୍ୟୋତି ପ୍ରକାଶ ତିରୁଣା କୃଷି ସମବାୟ ସମିତିକୁ ଆସୁଥିବା ପ୍ରକାଶ କରିଛନ୍ତି। ତେବେ ବଡ଼ ସମସ୍ୟା ସୃଷ୍ଟି କରୁଛନ୍ତି ସମିତିରେ କାର୍ଯ୍ୟ କରୁଥିବା ଓ ବହିଷ୍କୃତ ହୋଇଥିବା କର୍ମଚାରୀ। ୨ଦିନ ହେବ ସମିତି ପିଅନ ସୋବନୀ ମଳିକ ଓ ପୂର୍ବତନ ହିସାବରକ୍ଷକ ଜୟନ୍ତ ଲେଙ୍କାଙ୍କ ମଧ୍ୟରେ ବିବାଦ ସୃଷ୍ଟି ହୋଇଛି। ପିଅନ ସୋବନୀଙ୍କୁ ଗତ ୨୪ ତାରିଖରେ ତିରୁଣା ଗ୍ରାମର ଜଣେ ଚାଷୀ ଜାତିଆଣ ଆକ୍ଷେପ କରି ଗାଳି ଗୁଲଜ କରିଥିବା ଗାରୋଇ ଫାଣ୍ଡିରେ ଅଭିଯୋଗ ହୋଇଛି। ସେହିପରି ଜୟନ୍ତ ୨୪ ତାରିଖ ରାତିରେ ତାଙ୍କ ସମ୍ପର୍କୀୟଙ୍କ ଘର ନନ୍ଦିଗ୍ରାମକୁ ଯାଉଥିବାବେଳେ ସୋବନୀ ଓ ତାଙ୍କର ଜଣେ ସହଯୋଗୀ ତିରୁଣା ଲଳିତା ବନ୍ଧ ନିକଟରେ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ସେ ନାଉଗାଁ ଥାନାରେ ଅଭିଯୋଗ କରିଛନ୍ତି। ସୋବନୀଙ୍କ ସ୍ତ୍ରୀ କବିତା ମଳିକ ସମ୍ପୃକ୍ତ ଚାଷୀ ଓ ଜୟନ୍ତ ତାଙ୍କ ଘର ସମ୍ମୁଖରେ ମାରଣାସ୍ତ୍ର ଦେଖାଇ ଧମକ ଦେଉଥିବା ଅଭିଯେଗା କରିଛନ୍ତି। ଅଭିଯୋଗ ପାଇବା ପରେ ପୋଲିସ ତଦନ୍ତ ଜାରି ରଖିଛି। ଏହା ମଧ୍ୟରେ ବୁଧବାର ଉକ୍ତ ସମିତିକୁ କେତେଜଣ ଚାଷୀ ନାମ ପଞ୍ଜୀକୃତ ଓ ଅନ୍ୟ କାର୍ଯ୍ୟ ପାଇଁ ଆସିଥିବା ବେଳେ କାର୍ଯ୍ୟାଳୟରେ କେହି ନ ଥିବା ଦେଖିଥିଲେ। ଫଳରେ ଏଥିରେ ଉତ୍ତ୍ୟକ୍ତ ହୋଇ କାର୍ଯ୍ୟାଳୟ ମୁଖ୍ୟ ଫାଟକରେ ତାଲା ପକାଇ ପ୍ରତିବାଦ କରିଥିଲେ। ଖବର ସମିତି ସମ୍ପାଦକ ଦାୟିତ୍ୱରେ ଥିବା ଜ୍ୟୋତିପ୍ରକାଶ ଲେଙ୍କା ଘଟଣାସ୍ଥଳକୁ ଆସି ଚାଷୀଙ୍କ ସହ ସେମାନଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରି ତୁରନ୍ତ ଏ ଦିଗରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଥିଲେ। ପରେ ଚାଷୀମାନେ ପ୍ରତିବାଦ ଆନ୍ଦୋଳନରୁ ଓହରି ଯାଇଥିଲେ। ଶୀଘ୍ର ସମିତିରେ ସ୍ଥାୟୀ ସମ୍ପାଦକ ନିଯୁକ୍ତି ସହ କାର୍ଯ୍ୟ ଠିକଭାବେ କରିବାକୁ ଚାଷୀମାନେ ପ୍ରଶସାନ ନିକଟରେ ଦାବି କରିଛନ୍ତି। ଏ ସମ୍ପର୍କରେ ଜିଲାପାଳ ଯାମିନୀ ଷଡ଼ଙ୍ଗୀ କହିଛନ୍ତି, ସମିତିରେ ଲାଗିରହିଥିବା ସମସ୍ୟାର ଶୀଘ୍ର ସମାଧାନ କରାଯିବ। ଏଥିସହ ଚାଷୀଙ୍କୁ ଉପଯୁକ୍ତ ସେବା ଯୋଗାଇ ଦିଆଯିବ।



ସମବାୟ ସମିତିରେ ତାଲା ପକାଇଛନ୍ତି ଚାଷୀ।

■ ନାହାନ୍ତି ସ୍ଥାୟୀ ସମ୍ପାଦକ
■ ବାଧାପ୍ରାପ୍ତ ହେଉଛି କାର୍ଯ୍ୟ

■ ବର୍ଷା ପାଣି ନିଷ୍କାସନ, ପିଇବା ପାଣି ଯୋଗାଣ ଦାବି

# ରଙ୍ଗିଆଗଡ଼ରେ ଗ୍ରାମବାସୀଙ୍କ ରାସ୍ତାରୋକୋ

ପାରାଦୀପ,୨୬।୯(ସ୍ୱ.ପ୍ର.)

ପାରାଦୀପ ତୈଳ ବିଶୋଧନାଗାରର ମୁଖ୍ୟରାସ୍ତା ରଙ୍ଗିଆଗଡ଼ ପୋଲ ନିକଟରେ ବୁଧବାର ୮ରୁ ଅଧିକ ଗ୍ରାମବାସୀ ରାସ୍ତାରୋକୋ କରିଥିଲେ। ସମ୍ପୃକ୍ତ ଗ୍ରାମରେ ଏବେ ଜମି ରହିଥିବା ବର୍ଷା ପାଣିକୁ ନିଷ୍କାସନ କରିବା ଏବଂ ଗ୍ରାମକୁ ପାଇପ ଯୋଗେ ଶୁଦ୍ଧ ପାନୀୟଜଳ ଯୋଗାଇ ଦେବାକୁ ସେମାନେ ଦାବି କରିଥିଲେ। ସୂଚନାଯୋଗ୍ୟ, ବିଶୋଧନାଗାର ପ୍ରକଳ୍ପ ଓ ଟାଉନଶିପ୍ ପାଇଁ ୭ରୁ ଅଧିକ ଜଳପଥ ଅବରୋଧ ହୋଇଛି। ଫଳରେ ବର୍ଷା ପାଣି ନିଷ୍କାସନ ପାଇଁ ଟାଉନଶିପ୍ ପଛପଟ ନିହାରୁଣୀ କନ୍ଦଠାରେ ଦୁଇଟି ଛୋଟ ଡ୍ରେନ୍ ହୋଇଛି। ତେବେ ଚଳିତ ମାସରେ ଅଧିକ ବର୍ଷା ହେବାଦ୍ୱାରା ରଙ୍ଗିଆଗଡ, ଚାନ୍ଦିନୀ, ସିଜୁ, କୋଠି, ବଗଦିଆ, ଝିମାଣୀ, କତକୁଲା ଓ ଗଡ଼ ଗ୍ରାମର ଚାଷ ଜମିରୁ ପାଣି ନିଷ୍କାସନ ହୋଇ ପାରୁନାହିଁ। ତେଣୁ ସେହିସବୁ ସ୍ଥାନରୁ ତୁରନ୍ତ ପାଣି ନିଷ୍କାସନ କରିବାକୁ ଗ୍ରାମର ମୁରବୀ ବାଳା ଜେନାଙ୍କ ସମେତ ସମ୍ପୃକ୍ତ ଗ୍ରାମବାସୀମାନେ ଦାବି କରିଛନ୍ତି। ଶିଳ୍ପ ପ୍ରଭାବିତ ଏହି ଗ୍ରାମରେ ତୈଳବିଶୋଧନାଗାର କର୍ତ୍ତୃପକ୍ଷ ଶୁଦ୍ଧ ପାନୀୟ ଜଳ ସ୍ଥାୟୀ ଭାବେ ଦେବେ ବୋଲି କହିଥିଲେ। କିନ୍ତୁ ୫ ବର୍ଷ ହେଲା ଗାଡିରେ ପାଣି ଦିଆଯାଉଛି। ଏହା ଅଶୁଦ୍ଧ ପାଣି ଏବଂ ପର୍ଯ୍ୟାପ୍ତ ହେଉନାହିଁ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ରାସ୍ତାରୋକୋ ହେବା ଯୋଗୁ ଗାଡି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଖବର ପାଇ ଘଟଣା ସ୍ଥଳରେ ଜଗତ୍‌ସିଂହପୁର ଏମ୍‌ପି କୁଳମଣି ସାମଲ ଓ ଅନ୍ୟ ନେତୃବୃନ୍ଦ ପହଞ୍ଚି ବିଶୋଧନାଗାର କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ। ସମସ୍ୟାର ଶୀଘ୍ର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯିବା ପରେ ରାସ୍ତାରୋକୋ ହଟିଥିଲା।


## ପରିବହନ ଆୟୁକ୍ତଙ୍କ କାର୍ଯ୍ୟାଳୟ, ଓଡିଶା, କଟକ

## ବିଜ୍ଞାପନ

ଏତଦ୍ୱାରା ବିଭିନ୍ନ ମାର୍ଗରେ ନୂତନ ପରମିଟ୍ ପ୍ରାପ୍ତି ନିମନ୍ତେ ଆବେଦନ କରିଥିବା ବସ୍ ମାଲିକ ତଥା ଆପତ୍ତି ଦାଖଲ କରିଥିବା ପ୍ରତିପକ୍ଷଙ୍କୁ ଜଣାଇ ଦିଆଯାଉଅଛି ଯେ, କ୍ରମିକ ସଂଖ୍ୟା ୧ ରୁ ୬୦ ଏବଂ ୬୧ ରୁ ୧୨୦ ପର୍ଯ୍ୟନ୍ତ ଶୁଣାଣି ଧାର୍ଯ୍ୟ ତାରିଖ ୨୭.୦୯.୧୮ ଓ ୨୮.୦୯.୦୯.୧୮କୁ ଆଇନଜୀବୀ ଙ୍କ କାର୍ଯ୍ୟାଳୟ ବନ୍ଦ ଆନ୍ଦୋଳନ ପରିପ୍ରେକ୍ଷୀରେ ସ୍ଥଗିତ ରଖାଗଲା।
ଏହାର ଶୁଣାଣି ନିମନ୍ତେ ପୁନଃ ତାରିଖ ନିର୍ଦ୍ଧାରଣ ପରେ ଦୈନିକ ଖବର କାଗଜ ମାଧ୍ୟମରେ ସୂଚାଇ ଦିଆଯିବ।

ସଚିବ
ରାଜ୍ୟ ପରିବହନ ପ୍ରାଧିକାରୀ
ଓଡିଶା, କଟକ




ପାରାଦୀପ ତୈଳ ବିଶୋଧନାଗାରର ମୁଖ୍ୟରାସ୍ତା ରଙ୍ଗିଆଗଡ଼ ପୋଲ ନିକଟରେ ଗ୍ରାମବାସୀ ରାସ୍ତାରୋକୋ କରିଛନ୍ତି।

# ଡାକ୍ତରଙ୍କ ଅବହେଳାରୁ ଶିଶୁ ମୃତ୍ୟୁ, ଥାନାରେ ଅଭିଯୋଗ

କେନ୍ଦ୍ରାପଡା ଅଫିସ,୨୬।୯

ଡାକ୍ତରଙ୍କ ଅବହେଳା ଯୋଗୁ ବୁଧବାର ଜିଲା ମୁଖ୍ୟ ଚିକିତ୍ସାଳୟରେ ଶୁଭକାନ୍ତ ମଲ୍ଲିକ (୨୨ ମାସ) ନାମକ ଜଣେ ଶିଶୁର ମୃତ୍ୟୁ ଘଟବା ନେଇ ଉତ୍ତେଜନା ପ୍ରକାଶ ପାଇଛି । ମୃତ ଶିଶୁ ହେଲେ ରାଜନଗର ଥାନା ଗୋବିନ୍ଦପୁର ଗ୍ରାମର ହେମନ୍ତ ମଲ୍ଲିକଙ୍କ ପୁଅ । ଏ ନେଇ ହେମନ୍ତ ବୁଧବାର ବିଳମ୍ବିତ ରାତିରେ ଟାଉନ ଥାନାରେ ଅଭିଯୋଗ କରିଛନ୍ତି । ଅଭିଯୋଗ ଅନୁଯାୟୀ, ଶୁଭକାନ୍ତ ଝାଡାବାନ୍ତିରେ ଆକ୍ରାନ୍ତ ହୋଇଥିଲେ । ଏହା ନ କମିବାରୁ ପରିବାର ଲୋକେ ସନ୍ଧ୍ୟାରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ଏହି ସମୟରେ ଦାୟିତ୍ୱରେ ଥିବା ଡାକ୍ତର ନିଜ ଘରେ ରୋଗୀ ଦେଖୁଥିବା ଖବର ପାଇ ଶୁଭକାନ୍ତଙ୍କୁ ନେଇ ସେଠାକୁ ଯାଇଥିଲେ । ତେବେ ସଂପୃକ୍ତ ଡାକ୍ତର ଶିଶୁକୁ ଡାକ୍ତରଖାନାରେ ଦେଖିବେ କହି ଫେରାଇ ଦେଇଥିଲେ । ଦୀର୍ଘ ୪ ଘଣ୍ଟା ଧରି ଡାକ୍ତର ନ ଆସିବାରୁ ଶୁଭକାନ୍ତଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗପତ୍ରରେ ହେମନ୍ତ ଦର୍ଶାଇଛନ୍ତି । ଫଳରେ ଏହାକୁ ନେଇ ଡାକ୍ତରଖାନାରେ ପ୍ରବଳ ଉତ୍ତେଜନା ସୃଷ୍ଟି ହୋଇଥିଲା । ପରେ ସ୍ଥାନୀୟ ଲୋକଙ୍କ ହସ୍ତକ୍ଷେପ ପରେ ହେମନ୍ତ ଥାନାରେ ଅଭିଯୋଗ କରିଥିଲେ । ଏ ସମ୍ପର୍କରେ ସିଡିଏମଓ ଡା. ବୈଷ୍ଣବ ଚରଣ ସାହୁ କହିଛନ୍ତି ଯେ, ଘଟଣାର ଅନୁସନ୍ଧାନ କରି ସଂପୃକ୍ତ ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।









3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ-ତଥାଗତ ସତପଥୀ

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୨୭ ସେପ୍ଟେମ୍ବର, ୨୦୧୮



ଉପକାର କରି କୌଣସି ଆଶା ରଖିବା ନିଜର ସତ୍କର୍ମ ଉପରେ ଆଞ୍ଚ ଆଣିବା ଛଡ଼ା ଅନ୍ୟ କିଛି ନୁହେଁ।
- ମହାତ୍ମା ଗାନ୍ଧୀ



## ସଂକ୍ଷେପରେ

### ବିଦେଶୀ ମଦ ଜବତ, ୧ କୋର୍ଟ ଚାଲାଣ

**ଭାପୁର,୨୬।୯(ଡି.ଏନ୍.ଏ.):** ନୟାଗଡ଼ ଜିଲା ଫତେଗଡ଼ ଥାନା ଜଗନ୍ନାଥପ୍ରସାଦ ଫାଣ୍ଡି ଅଧିକାରୀ ବୁଧବାର ଜଣେ ବ୍ୟକ୍ତିଙ୍କଠାରୁ ୩୭ ବୋତଲ ବିଦେଶୀ ମଦ ଜବତ କରି ତାଙ୍କୁ ଗିରଫ କରିଛନ୍ତି। ସେ ହେଲେ ଖୋର୍ଦ୍ଧା ଜିଲା ବୋଲଗଡ଼ ଥାନା ମାଣିକଗୋଡ଼ା ପଞ୍ଚାୟତ ଗିରିଶ ଚନ୍ଦ୍ର ପ୍ରସାଦ ଗ୍ରାମର ମଧୁ ପ୍ରଧାନ (୪୯)। ସେ ଏକ ସ୍କୁଟିରେ ଚୋରାରେ ମଦ ନେଇ ଜଗନ୍ନାଥପ୍ରସାଦ ଫାଣ୍ଡି ଅଞ୍ଚଳକୁ ଆସିଥିବା ବେଳେ କୌଣସି ସୂତ୍ରରୁ ଖବର ପାଇ ଜଗନ୍ନାଥପ୍ରସାଦ ଫାଣ୍ଡି ଅଧିକାରୀ ରବୀନ୍ଦ୍ର ପଲେଇ ତାଙ୍କୁ ମହୁଲପଡ଼ା ଅଞ୍ଚଳରେ ଅଟକାଇ ଥିଲେ। ସେ ଚୋରାରେ ମଦ ଚାଲାଣ କରିବା ପାଇଁ ନେଉଥିବା ଜାଣିବା ପରେ ତାଙ୍କୁ ଗିରଫ କରି ଫତେଗଡ଼ ଥାନାକୁ ହସ୍ତାନ୍ତର କରିଥିଲେ। ଫତେଗଡ଼ ଥାନାରେ ୧୮୪/୧୮ରେ ମାମଲା ରୁଜୁ କରି ମଧୁଙ୍କୁ ଖଣ୍ଡପଡ଼ା କୋର୍ଟ ଚାଲାଣ କରାଯାଇଛି।

### ମହିଳାଙ୍କ ଭ୍ୟାନିଟ୍ ଲୁଟ୍ ଘଟଣା, ୨ଗିରଫ

**ଦଶପଲ୍ଲା,୨୬।୯(ଡି.ଏନ.ଏ.):** ସ୍ୱାମୀଙ୍କ ସହ ବାଇକରେ ଯାଉଥିବା ଜଣେ ମହିଳାଙ୍କ ଠାରୁ ଭ୍ୟାନିଟ୍ ଛଡାଇ ନେଇ ଫେରାର ହୋଇଯାଇଥିବା ୨ ଲୁଟେରାଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ କଟକ ଜିଲା ନରସିଂହପୁର ଜୁଡୁମ୍ ଗ୍ରାମର ରଞ୍ଜିତ ନାୟକ(୨୪) ଓ ଅନୁଗୁଳ ଚିତଲ୍‌ପୁର ଗ୍ରାମର ଧନଞ୍ଜୟ ଲାଗୁରୀ(୨୦)। ସୂଚନାଯୋଗ୍ୟ, ଗତ ଅଗଷ୍ଟ ମାସ ୨୨ ତାରିଖରେ ଡିଗିରି ଗ୍ରାମର ବାପୁନି ସେଠି ତାଙ୍କ ସ୍ତ୍ରୀଙ୍କ ସହ ବାଇକ୍‌ରେ ଯାଉଥିଲେ। ଖୋର୍ଦ୍ଧା-ବଲାଙ୍ଗିର ୫୭ ନମ୍ବର ଜାତୀୟ ରାଜପଥର ଡମାହାଣ୍ଡି ଛକ ନିକଟରେ ତାଙ୍କୁ ପିଛା କରି ଆସୁଥିବା ସମ୍ପୃକ୍ତ ୨ଲୁଟେରା ହଠାତ୍ ମହିଳା ଧରିଥିବା ଭ୍ୟାନିଟ ବ୍ୟାଗକୁ ଛଡାଇ ଦ୍ରୁତବେଗରେ ବାଇକରେ ପଳାଇ ଯାଇଥିଲେ। ସେଥିରେ ଟଙ୍କା ଓ ଅନ୍ୟାନ୍ୟ ଜିନିଷ ଥିଲା। ପରେ ଏ ସମ୍ପର୍କରେ ବାପୁନି ଦଶପଲ୍ଲା ଥାନାରେ ଅଭିଯୋଗ କରିଥିବା ବେଳେ ପୋଲିସ ଘଟଣାର ତଦନ୍ତ ଚଳାଇଥିଲା। ସିସିଟିଭିରେ ଧନଞ୍ଜୟ ଓ ରଞ୍ଜିତଙ୍କ ଫଟୋ ଓ ଭିଡିଓ ଫୁଟେଜ୍‌କୁ ଭିତ୍ତି କରି ପୋଲିସ ତଦନ୍ତ ଆରମ୍ଭ କରିଥିଲା। ଗତ ୨ଦିନ ତଳେ ସେମାନେ ଦଶପଲ୍ଲାରେ ବୁଲୁଥିବା ବେଳେ ଥାନା ଅଧିକାରୀ ବିଶ୍ୱଜିତ୍ ରାଉତରାୟ ସନ୍ଦେହ କରି ସେମାନଙ୍କୁ ଥାନାକୁ ଆଣି ପଚରାଉଚରା କରିଥିଲେ। ସେମାନେ ଏହି ଲୁଟ୍ କରିଥିବା ଜଣାପଡିବା ପରେ ସେମାନଙ୍କ ନାମରେ ମକଦ୍ଦମା ରୁଜୁ କରି ଉଭୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।

### ରାମଲୀଳା କଳାକାରଙ୍କ ପରଲୋକ

**ଖଣ୍ଡପଡା,୨୬।୯(ସ୍ୱ.ପ୍ର.):** ରଘୁନାଥ ନାଟ୍ୟ ସମିତି କଣ୍ଟିଲୋର ବିଶିଷ୍ଟ ରାମଲୀଳା କଳାକାର ଶ୍ରୀଧର ମହାପାତ୍ର(୮୭)ଙ୍କ ବୁଧବାର ଅପରାହ୍ନରେ ପରଲୋକ ହୋଇଯାଇଛି। ସ୍ଥାନୀୟ ଅଞ୍ଚଳର ବହୁ ଲୋକ ତାଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ କରିଥିଲେ। ସୂଚନାଯୋଗ୍ୟ, ସ୍ୱର୍ଗତ ମହାପାତ୍ର ରାମଲୀଳାରେ ଦୀର୍ଘ ବର୍ଷ ହେବ ମନ୍ଥରା ଭୂମିକାରେ ଅଭିନୟ କରି ଲୋକାଦୃତ ହୋଇଥିଲେ। ଫଳରେ ତାଙ୍କ ପରଲୋକରେ ସ୍ଥାନୀୟ ଅଞ୍ଚଳରେ ମନ୍ଥରା ଚାଲିଗଲା ବୋଲି ଚର୍ଚ୍ଚା ହେଉଛି। ସେ ଜଣେ ସୁନାମଧନ୍ୟ କଳାକାର ଏବଂ ତାଙ୍କର ଅଭିନୟ ଦେଖିବା ପାଇଁ ହଜାର ହଜାର ରାମଲୀଳାପ୍ରେମୀ ଦର୍ଶକ ଦୀର୍ଘ ସମୟ ଧରି ଅପେକ୍ଷା କରି ଥାନ୍ତି। ସେ ଚିଲ ମହାପାତ୍ର ଭାବରେ ବେଶ୍ ପରିଚିତ। ଗ୍ରାମ ନିକଟ ଶଙ୍ଖ ତୋଟା ଶ୍ମଶାନ ଘାଟରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।

# ସ୍ଥାଣୁ ପାଲଟିଛି ଜିଲା ପର୍ଯ୍ୟଟନ କାର୍ଯ୍ୟାଳୟ

**ଆଜି ବିଶ୍ୱ ପର୍ଯ୍ୟଟନ ଦିବସ**

ନୟାଗଡ଼ ଅଫିସ,୨୬।୯

ଗୁରୁବାର ପାଳନ କରାଯିବ ବିଶ୍ୱ ପର୍ଯ୍ୟଟନ ଦିବସ । ଏଥିପାଇଁ ରାଜ୍ୟର ବିଭିନ୍ନ ଅଞ୍ଚଳ ତଥା ରାଜଧାନୀଠାରୁ ଆରମ୍ଭକରି ଜିଲାର ବିଭିନ୍ନ ସ୍ଥାନରେ କାର୍ଯ୍ୟକ୍ରମମାନ କରାଯିବ। ତେବେ ଶିଳ୍ପବିହୀନ ନୟାଗଡ଼ ଜିଲାରେ ପ୍ରତିବର୍ଷ ଭଳି ଶୋଭାଯାତ୍ରାରେ ସୀମିତ ରହିବ ଉକ୍ତ ଦିବସ ପାଳନ। ଯାହାକୁ ନେଇ ପ୍ରତିବର୍ଷ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇ ଆସୁଛି। ଏହିଭଳି କାମଚଳା ଭାବେ ଚାଲିଛି ନୟାଗଡ଼ ଜିଲା ପର୍ଯ୍ୟଟନର ଉନ୍ନତି।

ପ୍ରକାଶ ଯେ, ନୟାଗଡ଼ ଜିଲାର ୮ଟି ବ୍ଲକରେ ୧୪ଟି ସ୍ୱୀକୃତିପ୍ରାପ୍ତ ପର୍ଯ୍ୟଟନ ସ୍ଥଳୀ ଅଛି। ଗଣିଆର ବରମୂଳ, ଓଡ଼ଗାଁର ରଘୁନାଥଜୀଉ ମନ୍ଦିର, ଜାମୁପାଟଣାର ଦ୍ୱିତୀକେଶ୍ୱର ମନ୍ଦିର, କଣ୍ଟିଲୋ ନୀଳମାଧବ ମନ୍ଦିର, କୁଟୁରୀ ଡାକବଙ୍ଗଳା, କୁଆଁରିଆ ଡ୍ୟାମ୍, ନୟାଗଡ଼ ସହରର ଦକ୍ଷିଣକାଳୀ ମନ୍ଦିର, ରଣପୁରର ମଣିନାଗ ମନ୍ଦିର, ଶରଣକୁଳ ଲଡୁବାବା ମନ୍ଦିର, ନୂଆଗାଁ ବ୍ଲକ ଉଦୟପୁର ଲାଇବ୍ରେରୀ, ଭାପୁର ବ୍ଲକ ନୀଳକନ୍ଦର, ସିଧାମୂଳା ଗୋକୁଳାନନ୍ଦ ପୀଠ, ଗଣିଆର ପଞ୍ଚୁପଲ୍ଲୀ ପ୍ରଜ୍ଞା ଓ ଏକମାତ୍ର ବୌଦ୍ଧପୀଠ ଯୋଗୀଯୋଗିଆଣୀ ପୀଠକୁ ରାଜ୍ୟ ସରକାରଙ୍କ ତରଫରୁ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ଦିଆଯାଇଛି। ଏହା ସହିତ ଦଶପଲ୍ଲା ମହାବୀର ମନ୍ଦିର, ଖଣ୍ଡପଡ଼ା ସୁନାମୁହିଁ, ନୟାଗଡ଼ରେ ଥିବା ଝରଦେଈ ପୀଠ ଭଳି ଆହୁରି ପର୍ଯ୍ୟଟନସ୍ଥଳୀ ରହିଛି। ଜିଲାର ଅନେକ ଅଞ୍ଚଳ ପର୍ଯ୍ୟଟନରେ ଭରପୂର ରହିଥିବା ବେଳେ ଯେଉଁଭଳି ଭାବେ ଏହାର ଉନ୍ନତି ହେବା କଥା କରାଯାଉ ନାହିଁ। କୁହାଯାଏ ଗୋଟିଏ ଦେଶ ବା ଅଞ୍ଚଳର ଉନ୍ନତି ତା'ର ପର୍ଯ୍ୟଟନ କ୍ଷେତ୍ରର ଉନ୍ନତି ଉପରେ ନିର୍ଭର କରିଥାଏ। ଜିଲାରେ ପର୍ଯ୍ୟଟନ



ଜିଲାରେ ଥିବା ଅସୁରକୁମାରୀ ପୀଠ ।

କ୍ଷେତ୍ରର ସେହିଭଳି କୌଣସି ଉନ୍ନତି କରାଯାଉ ନ ଥିବାରୁ ଜିଲା ଅବହେଳିତ ହୋଇ ପଡ଼ିରହିଛି। ରାଜନୈତିକ ବ୍ୟକ୍ତିବିଶେଷଙ୍କଠାରୁ ଆରମ୍ଭକରି ପ୍ରଶାସନିକ ଅବହେଳା ଏଥିପାଇଁ ବିଶେଷକରି ଦାୟୀ ବୋଲି ଅଭିଯୋଗ ହେଉଛି। ଅନ୍ୟପକ୍ଷେ ପର୍ଯ୍ୟଟନସ୍ଥଳୀର ଉନ୍ନତି ପାଇଁ ଲକ୍ଷାଧିକ ଟଙ୍କା ଆସୁଥିଲେ ମଧ୍ୟ କେବଳ କାଗଜ କଲମରେ ଏହାର କାର୍ଯ୍ୟ ହୋଇ ଟଙ୍କା ହରିଲୁଟ କରାଯାଉଛି। ଆଗକୁ ପର୍ଯ୍ୟଟନ ଋତୁ ଆସୁଥିବାରୁ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଏହାର ସମାଧାନ କଲେ ଜିଲାର ଉନ୍ନତି ହୋଇପାରନ୍ତା ବୋଲି ଦାବି ହେଉଛି।

### ଦିନରାତି ଝୁଲୁଛି ତାଲା

ଜିଲାରେ ପର୍ଯ୍ୟଟନ ପ୍ରତି ରାଜ୍ୟ ସରକାରଙ୍କ ଦରଦ କେତେ ତାହା ଜିଲା ପର୍ଯ୍ୟଟନ ଅଧିକାରୀଙ୍କ କାର୍ଯ୍ୟାଳୟରୁ ଜଣାପଡ଼େ। ପଠାଣି ସାମନ୍ତ ସଂସ୍କୃତି ଭବନର ଏକ ଛୋଟିଆ କୋଠରିରେ ଚାଲୁଛି ପର୍ଯ୍ୟଟନ କାର୍ଯ୍ୟାଳୟ। ଯେଉଁଠାରେ ଦିନରାତି ତାଲା ଝୁଲୁଥିବା ଦେଖିବାକୁ ମିଳିଛି। ବିଭାଗୀୟ ଅଧିକାରୀ କାର୍ଯ୍ୟରେ ଯୋଗ ଦେଲା ପରଠାରୁ କେବଳ କାଁ ଭାଁ ଏଠାକୁ ଆସୁଛନ୍ତି। ଏହିଭଳି ସ୍ଥାଣୁ ଭାବେ ଚାଲିଛି ଜିଲାର ପର୍ଯ୍ୟଟନ କାର୍ଯ୍ୟାଳୟ।

### ନାମଫଳକରେ ତ୍ରୁଟି

ପର୍ଯ୍ୟଟନ କାର୍ଯ୍ୟାଳୟଠାରେ ଥିବା ନାମଫଳକ ବୋର୍ଡରେ ଓଡ଼ିଆରେ ଜିଲା ପର୍ଯ୍ୟଟନ କାର୍ଯ୍ୟାଳୟ ଲେଖା ଯାଇଥିବା ବେଳେ ଇଂଲିଶରେ ଭୁଲ ଶବ୍ଦ ଲେଖା ହୋଇଥିବା ଦେଖିବାକୁ ମିଳିଛି। ଟୁରିଜମ୍ ଅଫିସ ବଦଳରେ ଟୁରିଷ୍ଟ ଅଫିସ ଲେଖାଯାଇଛି। ହେଲେ ଏହାକୁ ସଂଶୋଧନ କରିବା ପାଇଁ କେହି ଧ୍ୟାନ ଦେଉନାହାନ୍ତି।

### ସିମେଣ୍ଟ ଚେୟାରରେ ସୀମିତ

ନୟାଗଡ଼ ସହର ଉପକଣ୍ଠରେ ଥିବା ବଲାଙ୍ଗୀବନ୍ଧ ପାଇଁ କୋଟି କୋଟି ଟଙ୍କା ଆସୁଥିଲେ ମଧ୍ୟ ଦୁଇ ବର୍ଷ ହେଲାଣି ଖାଲି କିଛି ସିମେଣ୍ଟ ଚେୟାର(ପିଣ୍ଡି)ରେ ସୀମିତ ହୋଇଛି ପର୍ଯ୍ୟଟନସ୍ଥଳୀର ବିକାଶ। ଏନ୍‌ଏସି ପକ୍ଷରୁ ଟଙ୍କା ଆସି କାମ



ନୟାଗଡ଼ ସହରସ୍ଥିତ ବଲାଙ୍ଗୀବନ୍ଧ।

କରାଯାଉଥିବା କୁହାଯାଉଥିବା ବେଳେ କାମ କେଉଁଠୁ ହେଉଛି ତାହା ଦେଖିବାକୁ ମିଳୁନାହିଁ। ତେଣୁ କେତେବେଳେ ବଲାଙ୍ଗୀବନ୍ଧ ପୂର୍ଣ୍ଣତା ପାଇବ ତାହାକୁ ନେଇ ସହରବାସୀ ଚାହିଁ ରହିଛନ୍ତି। ଅନ୍ୟପକ୍ଷେ ସେହିଭଳି ଏକ ବର୍ଷ ତଳେ ପଞ୍ଚୁପାଣ୍ଡବ ପାହାଡ଼ଠାରେ ପର୍ଯ୍ୟଟନସ୍ଥଳୀ କରାଯିବା ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିବା ବେଳେ ତାହାର କାର୍ଯ୍ୟ ଏ ଯାଏଁ ଆରମ୍ଭ ହୋଇନାହିଁ।

### ୪ ବର୍ଷ ଭିତରେ ଆସିନାହାନ୍ତି ଜଣେ ବିଦେଶୀ ପର୍ଯ୍ୟଟକ

ଗଣିଆଠାରେ ବଡ଼ମୂଳ ସାତକୋଶିଆ ରିସର୍ଟ ରହିଛି, ଯାହାକି ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଭରପୂର ଉପଭୋଗ କରିବାର ପ୍ରକୃଷ୍ଟ ଜାଗା। ଏହିଭଳି ସ୍ଥାନ ବିରଳ। ହେଲେ ପ୍ରଚାର ପ୍ରସାର ଅଭାଗ ନା କର୍ମଚାରୀଙ୍କ ଅବହେଳା ଯୋଗୁ ୪ ବର୍ଷରେ ଜିଲାରେ ଜଣେ ବି ବିଦେଶୀ ପର୍ଯ୍ୟଟକଙ୍କ ପାଦ ପଡ଼ି ନ ଥିବା ଜଣାପଡ଼ିଛି।





ଇଂଲିଶରେ ଟୁରିଜିମ୍ ବଦଳରେ ଟୁରିଷ୍ଟ ଲେଖାଯାଇଛି।

### କର୍ମଚାରୀ ଅଭାବର ଆଳ

ଜିଲାରେ ପର୍ଯ୍ୟଟନ କାର୍ଯ୍ୟାଳୟ କରାଯାଇ ସେଥିରେ ଲୋକଙ୍କୁ ସୂଚନା ଦିଆଯିବା କଥା। ମାତ୍ର ସେଠାରେ କର୍ମଚାରୀ ନ ରହିବାରୁ ତାଲା ଝୁଲୁଛି। ଅଧିକାରୀଙ୍କୁ ପଚାରିଲେ କହୁଛନ୍ତି, କର୍ମଚାରୀ ଅଭାବ, ତେଣୁ ତାଲା ପଡ଼ି ରହୁଛି। ତେବେ କେଉଁଠି ରହୁଛି ଅସୁବିଧା ତାହାକୁ ଖୋଜି ସମାଧାନ କରିବାକୁ ଦାବି ହେଉଛି।

### ଶୋଭାଯାତ୍ରାରେ ସୀମିତ ଦିବସ ପାଳନ

କିଛି ବର୍ଷ ହେଲାଣି କେବଳ ଶୋଭାଯାତ୍ରା ଓ ବ୍ୟାନରରେ ସୀମିତ ହେଉଛି ବିଶ୍ୱ ପର୍ଯ୍ୟଟନ ଦିବସ ପାଳନ। ଅନ୍ୟ ଜିଲାଗୁଡ଼ିକରେ ଏହି ଦିବସରେ ଭ୍ରାମ୍ୟମାଣ ଗାଡ଼ି କରି ଜିଲାର ବିଭିନ୍ନ ପର୍ଯ୍ୟଟନସ୍ଥଳୀ ବିଷୟରେ ସୂଚନା ଦିଆଯାଏ। ମାତ୍ର ଜିଲାରେ ତାହା କରାଯାଉନାହିଁ। ଏ ନେଇ ନୟାଗଡ଼ ଜିଲା ପର୍ଯ୍ୟଟନ ଅଧିକାରୀ ଦେବଦତ୍ତ ରଥଙ୍କୁ ପଚାରିବାରୁ କୁହନ୍ତି, ଚଳିତ ବର୍ଷ ଏକ ସଫେଇ କାର୍ଯ୍ୟକ୍ରମ କରାଯିବା ସହିତ ଶୋଭାଯାତ୍ରା ମାଧ୍ୟମରେ ସଚେତନ କରାଯିବ। ଯାହା ନିର୍ଦ୍ଦେଶ ଆସୁଛି, ତାହା ପାଳନ କରାଯାଉଥିବା ରଥ ସୂଚନା ଦେଇଥିଲେ। କର୍ମଚାରୀ ଅଭାବ ମଧ୍ୟ ସମସ୍ୟା ବୋଲି କହିଥିଲେ। ଏ ନେଇ ବିଭାଗକୁ ଜଣାଇଥିଲେ ମଧ୍ୟ କୌଣସି ପ୍ରତିକାର ହେଉ ନ ଥିବା କହିଥିଲେ।

## ଜିଲାରେ ପ୍ରଥମଥର ପାଇଁ ଭଏସ୍ ଅଫ ନୟାଗଡ଼

ନୟାଗଡ଼ ଅଫିସ,୨୬।୯

ନୟାଗଡ଼ କ୍ଲବ ଅନୁଷ୍ଠାନ ଆନୁକୂଲ୍ୟରେ ପ୍ରଥମ ଥର ପାଇଁ ନୟାଗଡ଼ ଜିଲାର ସଙ୍ଗୀତ ପ୍ରତିଭାମାନଙ୍କୁ ନେଇ ଆରମ୍ଭ ହେବାକୁ ଯାଉଛି ଭଏସ୍ ଅଫ୍ ନୟାଗଡ଼ ପ୍ରତିଯୋଗିତା । ଅକ୍ଟୋବର ୭ ତାରିଖରୁ ଏହା ଆରମ୍ଭ ହେବ। କ୍ଲବ ପକ୍ଷରୁ ବୁଧବାର ସ୍ଥାନୀୟ ସାମ୍ବାଦିକ ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦିଆଯାଇଛି। ଜିଲାରେ ପ୍ରଥମଥର ପାଇଁ ହେବାକୁଥିବା ଏହିପ୍ରତିଯୋଗିତା ଅକ୍ଟୋବର ୭ ତାରିଖରେ ନୟାଗଡ଼ ବ୍ଲକ ପଠାଣି ସାମନ୍ତ ସଂସ୍କୃତି ଅଡିଟୋରିୟମଠାରେ ଉଦ୍‌ଘାଟିତ ହେବ। ୭ରେ କେବଳ ନୟାଗଡ ବ୍ଲକର ପ୍ରତିଯୋଗୀମାନେ ଅଂଶଗ୍ରହଣ କରିପାରିବେ। ଏହା ପରେ ୮ ତାରିଖରେ ନୂଆଗାଁ ବ୍ଲକ, ୧୪ରେ ଖଣ୍ଡପଡ଼ା ଓ ଭାପୁର ବ୍ଲକ, ୨୧ରେ ଦଶପଲ୍ଲା ଓ ଗଣିଆ ବ୍ଲକ, ୨୮ରେ ଓଡ଼ଗାଁ ଓ ରଣପୁର ବ୍ଲକରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରେ କେବଳ ୧୪ରୁ ୨୦ ବର୍ଷ ବୟସର ପ୍ରତିଯୋଗୀମାନେ ଭାଗ ନେଇପାରିବେ ବୋଲି କ୍ଲବର ଆବାହକ



ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

- ଭଏସ୍ ଅଫ ନୟାଗଡ଼ ପାଇବେ ୧୦ ହଜାର ଟଙ୍କା
- ଅକ୍ଟୋବର ୭ ରୁ ପ୍ରତିଯୋଗିତା ଆରମ୍ଭ
- ନଭେମ୍ବର ୧୮ରେ ଫାଇନାଲ୍

ଧୀରେନ ପଟ୍ଟନାୟକ ସୂଚନା ଦେଇଛନ୍ତି। ସେହିଭଳି ପ୍ରତିଯୋଗୀମାନେ କେବଳ ଓଡ଼ିଆ ସଙ୍ଗୀତ ଗାନ କରିବା ପାଇଁ ସୂଚନା ଦିଆଯାଇଛି। ପ୍ରତି ବ୍ଲକରୁ ସଫଳତା ହାସଲ କରିଥିବା ପ୍ରତିଯୋଗୀମାନଙ୍କୁ ନେଇ ନଭେମ୍ବର ୧୦ ଓ ୧୧ ତାରିଖରେ ଜିଲା ସଦର ମହକୁମାରେ ଅନ୍ତିମ ପର୍ଯ୍ୟାୟ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହା ପରେ ୨୦ ଜଣ କଣ୍ଠଶିଳ୍ପୀଙ୍କୁ ବଛାଯିବ। ଏହି ୨୦ ଜଣ ନଭେମ୍ବର ୧୮ ତାରିଖରେ ନୟାଗଡ଼ ଖେଳ ପଡ଼ିଆରେ ହେବାକୁ ଥିବା ବର୍ଣ୍ଣାଢ୍ୟ ଉତ୍ସବରେ ସେମାନଙ୍କ ସଙ୍ଗୀତ ପରିବେଷଣ କରିବେ। ରାଜ୍ୟର ବିଶିଷ୍ଟ ସଙ୍ଗୀତଜ୍ଞଙ୍କ ଦ୍ୱାରା ଶ୍ରେଷ୍ଠ ୨୦ ଜଣ ପ୍ରତିଯୋଗୀଙ୍କ ମଧ୍ୟରୁ ଜଣଙ୍କୁ ଭଏସ୍ ଅଫ୍ ନୟାଗଡ଼ ବଛାଯିବ। ଭଏସ୍ ଅଫ ନୟାଗଡ଼କୁ ୧୦ ହଜାର ଟଙ୍କା ପୁରସ୍କାର, ଟ୍ରଫି ଆଦି ପ୍ରଦାନ କରାଯିବ। ଅବଶିଷ୍ଟ ୧୯ ଜଣ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ସୂଚନା ଦିଆଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଏହି ଖବରଦାତା ସମ୍ମିଳନୀରେ କ୍ଲବର ଉପଦେଷ୍ଟା ପ୍ରମୋଦ ପଟ୍ଟନାୟକ, ଡ. ପ୍ରସନ୍ନ କୁମାର ବସନ୍ତିଆ, ସଞ୍ଜୟ କୁମାର ସ୍ୱାଇଁ, ସାହିତ୍ୟିକ ଶରତ ଆଚାର୍ଯ୍ୟ ଉପସ୍ଥିତ ଥିଲେ।

## ଜିଲା ରାସାୟନିକ ବିପର୍ଯ୍ୟୟ ପରିଚାଳନା ସମୂହ ବୈଠକ

ଖୋର୍ଦ୍ଧା ଅଫିସ,୨୬।୯

ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ବୁଧବାର ଜିଲା ରାସାୟନିକ ବିପର୍ଯ୍ୟୟ ପରିଚାଳନା ସମୂହ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ମନୋରଞ୍ଜନ ମଲ୍ଲିକଙ୍କ ନେତୃତ୍ୱରେ ଅନୁଷ୍ଠିତ ବୈଠକରେ ଉପନିର୍ଦ୍ଦେଶକ ଫ୍ୟାକ୍ଟ୍ରି ଆଣ୍ଡ ବ୍ରୟଲର ମଳୟ ପ୍ରଧାନ ଓ ସହକାରୀ ନିର୍ଦ୍ଦେଶକ ସ୍ୱରୂପ ଜେନା ଯୋଗ ଦେଇଥିଲେ। ଫ୍ୟାକ୍ଟ୍ରି ଓ ଡିପୋଗୁଡିକରେ, ରାସ୍ତାରେ ଯାଉଥିବା ବିଷାକ୍ତ ଗ୍ୟାସ ଯାନବାହନ ଲିକ୍ ହେଲେ ଅଥବା ଫାଟି ଗଲେ, କିମ୍ବା କଳକାରଖାନାରେ ସମ୍ପୃକ୍ତ ଗ୍ୟାସ ଲିକ୍ ହେଲେ ବିଭିନ୍ନ ପ୍ରକାର କ୍ଷତି କରିଥାଏ। ମନୁଷ୍ୟ ବିକଳାଙ୍ଗ ହୋଇଯିବା ପରି ବିଭିନ୍ନ ଅଘଟଣ ଘଟିବାର ସମ୍ଭାବନା ରହିଛି। ଏହାର ନିରାକରଣ ଦିଗରେ ଏନଡିଆରଏଫ ଟିମ୍, ଓଡ୍ରାଫ ଟିମ୍, ଅଗ୍ନିଶମ ବିଭାଗ ଦ୍ୱାରା ବିଭିନ୍ନ ରଣକୌଶଳ ଦିଗରେ ଆଲୋଚନା କରିଥିଲେ। ଜିଲା ଜରୁରିକାଳୀନ ଅଧିକାରୀ ସନ୍ଧ୍ୟାରାଣୀ ଗୁରୁ ଧନ୍ୟବାଦ ଦେଇଥିଲେ।

## କୃମିନାଶକ ଔଷଧ ଖାଇ ୩ ଛାତ୍ରୀ ଅସୁସ୍ଥ

ନୟାଗଡ଼ ଅଫିସ,୨୬।୯

ନୟାଗଡ଼ ଜିଲା ସଦର ବ୍ଲକ ପ୍ରତାପପ୍ରସାଦ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବୁଧବାର କୃମିନାଶକ ବଟିକା ଖାଇ ୩ ଜଣ ଛାତ୍ରୀ ଅସୁସ୍ଥ ହୋଇଛନ୍ତି। ସେମାନେ ହେଲେ ସପ୍ତମ ଶ୍ରେଣୀର ଛାତ୍ରୀ ଖୁସି ବଳିୟାରସିଂହ, ସୋନାଲି କଅଁର ଓ ପଞ୍ଚମ ଶ୍ରେଣୀର ପୂଜା ସୁନ୍ଦରା। ପ୍ରକାଶ ଯେ, ଜାତୀୟ କୃମିନାଶକ ଦିବସ ଅବସରରେ ବୁଧବାର ୧ ରୁ ୧୯ ବର୍ଷ ବୟସ ମଧ୍ୟରେ ଥିବା ସମସ୍ତ ଶିଶୁ ଓ ଛାତ୍ରୀଛାତ୍ରଙ୍କୁ ଅଙ୍ଗନୱାଡ଼ି କେନ୍ଦ୍ର ଓ ବିଦ୍ୟାଳୟରେ ମାଗଣାରେ କୃମିନାଶକ ଔଷଧ ବଣ୍ଟନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ପ୍ରତାପପ୍ରସାଦ ସ୍କୁଲରେ ପିଲାମାନେ ମଧ୍ୟାହ୍ନ ଭୋଜନ ଖାଇ ସାରିବା ପରେ କୃମିନାଶକ ବଟିକା ଖାଇଥିଲେ। ବଟିକା ଖାଇ ସାରିବା ପରେ ୩ ଜଣ ଛାତ୍ରୀଙ୍କ ମୁଣ୍ଡ ବୁଲାଇଥିଲା। ପରେ ବିଦ୍ୟାଳୟରୁ ଅଭିଭାବକମାନେ ଅସୁସ୍ଥ ଛାତ୍ରୀମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ଛାତ୍ରୀ ପୂଜାଙ୍କୁ ପ୍ରାଥମିକ ଚିକିତ୍ସା ପରେ ଘରକୁ ଛଡ଼ା ଯାଇଥିଲା। ଖୁସି ଓ ସୋନାଲି ବର୍ତ୍ତମାନ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି।



ଚିକିତ୍ସାଧୀନ ଛାତ୍ରୀ ଖୁସି ଓ ସୋନାଲି ।

## କୁଶଳୀ କାରିଗର ସଂଘ ପକ୍ଷରୁ ସଚେତନତା ଶୋଭାଯାତ୍ରା

ଗଣିଆ,୨୬।୯(ଡି.ଏନ୍.ଏ.)

ଦଶପଲ୍ଲାସ୍ଥିତ ସ୍ୱପ୍ନେଶ୍ୱର ମହାବୀର କୁଶଳୀ କାରିଗର ସଂଘ ପକ୍ଷରୁ ବୁଧବାର ଗଣିଆଠାରେ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ସୁରେଶ ଚନ୍ଦ୍ର ସାହୁ, ସମ୍ପାଦକ ଲିଙ୍ଗରାଜ ସାହୁଙ୍କ ନେତୃତ୍ୱରେ ପୂର୍ଣ୍ଣଚନ୍ଦ୍ର ରାଉଳ, ପବିତ୍ର କୁମାର ମହାପାତ୍ରଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ କୁଶଳୀ କାରିଗର ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଏହି ଶୋଭାଯାତ୍ରା ଗଣିଆ ତହସିଲ କାର୍ଯ୍ୟାଳୟ ସମ୍ମୁଖ ଚଉବଙ୍ଗ ତୋଟାଠାରୁ ବାହାରି ବ୍ଲକ କାର୍ଯ୍ୟାଳୟ ଓ ପୂର୍ତ୍ତବିଭାଗ ଡାକବଙ୍ଗଳା ଦେଇ ବଜାର ପରିକ୍ରମା କରିଥିଲା। କାରିଗରମାନେ ହାତରେ ପ୍ଲାକାର୍ଡ ଓ ବ୍ୟାନର ଧରି ବିଭିନ୍ନ ସ୍ଲୋଗାନ ଦେଇ ପରିବେଶ ସୁରକ୍ଷା ଓ ଟ୍ରାଫିକ୍ ନିୟନ୍ତ୍ରଣ ତଥା ସଡ଼କ ସୁରକ୍ଷା ସମ୍ପର୍କରେ ଜନସଚେତନତା ସୃଷ୍ଟି କରିଥିଲେ। ଦଶପଲ୍ଲା ମହାବୀର କ୍ଷେତ୍ରରୁ ଆରମ୍ଭ ହୋଇଥିବା ଏହି ସଚେତନତା କାର୍ଯ୍ୟକ୍ରମ ପ୍ରତ୍ୟେକ ମାସରେ ବିଭିନ୍ନ ବ୍ଲକମାନଙ୍କରେ ଶୋଭାଯାତ୍ରା ମାଧ୍ୟମରେ ସଚେତନତା ସୃଷ୍ଟି କରାଯିବା ସହିତ ନୟାଗଡ଼ ଜିଲା ତମାମ ଏକ ଜନଜାଗରଣ ସୃଷ୍ଟି କରିବ ବୋଲି ସଂଘର କୋଷାଧକ୍ଷ ପବିତ୍ର କୁମାର ମହାପାତ୍ର ସୂଚନା ଦେଇଛନ୍ତି। ତେବେ ଆଗାମୀ ଦିନରେ ଜିଲାର ସମସ୍ତ କୁଶଳୀ କାରିଗରମାନଙ୍କୁ ନେଇ ସଂଘକୁ ସୁଦୃଢ଼ କରାଯିବ ବୋଲି ସଂଘର ସଭାପତି ସୁରେଶ ଚନ୍ଦ୍ର ସାହୁ କହିଛନ୍ତି।





ସଂଘ ପକ୍ଷରୁ ଆୟୋଜିତ ଶୋଭାଯାତ୍ରା।

### ଗଣିଆ ପଞ୍ଚାୟତ ସମିତି ବୈଠକ

# ଖାଦ୍ୟ ସୁରକ୍ଷା ଉପରେ ଗୁରୁତ୍ୱ

ଗଣିଆ,୨୬।୯(ଡି.ଏନ.ଏ.)

ଗଣିଆ ବ୍ଲକ କାର୍ଯ୍ୟାଳୟ ସଭାଗୃହଠାରେ ବୁଧବାର ୫ମ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷ ଶେଷଦେବ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଦଶପଲ୍ଲା ବିଧାୟକ ପୂର୍ଣ୍ଣଚନ୍ଦ୍ର ନାୟକ, ଜିଲା ପରିଷଦ ସଦସ୍ୟ ମହେଶ୍ୱର ମହାରଣା, ଉପାଧ୍ୟକ୍ଷା ଶାନ୍ତିଲତା ଦାସ ଓ ବିଡିଓ ସରୋଜ କୁମାର ନାୟକ ପ୍ରମୁଖ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମସ୍ତ ସରପଞ୍ଚ ଓ ସମିତି ସଭ୍ୟଙ୍କ ସମେତ ଶିକ୍ଷା, ସ୍ୱାସ୍ଥ୍ୟ, ଗ୍ରାମ୍ୟ ଉନ୍ନୟନ, ଜଳସେଚନ, ମହିଳା ଓ ଶିଶୁ ବିକାଶ, କୃଷି, ଉଦ୍ୟାନକୃଷି, ଜଙ୍ଗଲ ଓ ଜୀବିକା ମିଶନ ଆଦି ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ବୈଠକରେ ଗ୍ରାମପଞ୍ଚାୟତ ଅଧିକାରୀ ରାଜେନ୍ଦ୍ର କୁମାର ବେହେରା



ବୈଠକରେ ଉପସ୍ଥିତ ବିଧାୟକ, ବ୍ଲକ ଅଧ୍ୟକ୍ଷ ଓ ଅନ୍ୟମାନେ।

ପୂର୍ବ ବୈଠକର ବିବରଣୀ ପାଠ କରିବା ପରେ ଗତ ବୈଠକର ପ୍ରସ୍ତାବ ଗୁଡ଼ିକର କାର୍ଯ୍ୟକାରିତା ସମ୍ପର୍କରେ ପ୍ରଶ୍ନୋତ୍ତର ହୋଇଥିଲା। ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ସଠିକ୍ ଭାବେ ଯୋଗ୍ୟ ହିତାଧିକାରୀ ଚୟନ ହୋଇ ନ ଥିବାରୁ ଅନେକ ଯୋଗ୍ୟ ହିତାଧିକାରୀ ଯୋଜନାରୁ ବାଦ୍ ପଡିଛନ୍ତି। ତେବେ ରାଜ୍ୟ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେବାକୁ ଯାଉଥିବା ଖାଦ୍ୟ ସୁରକ୍ଷା ଯୋଜନାରୁ ଯେଭଳି କୌଣସି ଯୋଗ୍ୟ ହିତାଧିକାରୀ ବଞ୍ଚିତ ନ ହେବେ ସେଥିପ୍ରତି ଧ୍ୟାନ ଦେବା ପାଇଁ ବିଧାୟକ ତଦନ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଚୟନ କରାଯାଉଥିବା ଯୋଗ୍ୟ ହିତାଧିକାରୀ ତାଲିକା ନିର୍ବାଚିତ ପ୍ରତିନିଧିମାନଙ୍କୁ ଏକକିତା ନକଲ ଦେବା ପାଇଁ ବିଡିଓ ଖାଦ୍ୟ ଯୋଗାଣ ଅଧିକାରୀଙ୍କୁ କହିଥିଲେ। ସେହିପରି ଯୋଗ୍ୟ ହିତାଧିକାରୀ ଚୟନ ବେଳେ ଜନପ୍ରତିନିଧିମାନଙ୍କୁ ସାମିଲ ଓ ସୂଚନା ଦିଆଯାଇନଥିବା ଜିଲା ପରିଷଦ ସଦସ୍ୟଙ୍କ ସମେତ ସରପଞ୍ଚମାନେ ଅଭିଯୋଗ ଆଣିଥିଲେ। ବିଭିନ୍ନ ପ୍ରସଙ୍ଗର ଆଲୋଚନା ପର୍ଯ୍ୟାଲୋଚନା ପରେ ବିଡିଓ ୨୦୧୭-୧୮ ଆର୍ଥିକ ବର୍ଷର ଅନୁମୋଦନ ଲାଭ କରିଥିବା ପ୍ରକଳ୍ପ ଗୁଡ଼ିକ କାର୍ଯ୍ୟର ଅଗ୍ରଗତି ଓ ସ୍ଥିତି ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଆଗକୁ ନିର୍ବାଚନ ଆସୁଥିବାରୁ କାର୍ଯ୍ୟଗୁଡ଼ିକ ତୁରନ୍ତ ସାରିବା ପାଇଁ ବିଡିଓ କନିଷ୍ଠ ଯନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।



ଏ ସଂସାରରେ ଯଦି ଜଣେ ହେଲେ ଲୋକ ଉପରେ ତୁମେ ବିଶ୍ୱାସ ସ୍ଥାପନ କରିପାରିଛ, ତେବେ ତୁମେ କେବେହେଲେ ଅସହାୟ ନୁହଁ।

- ଜର୍ଜ ଏଲିଏଟ୍



## ସଂକ୍ଷେପରେ

### ବଜ୍ରପାତରେ ୬ ଗାଈ ମୃତ



**ବୋଲଗଡ଼,୨୬।୯(ଡି.ଏନ.ଏ.):** ବୋଲଗଡ଼ ବ୍ଲକରେ ବୁଧବାର ଅପରାହ୍ନରେ ବଜ୍ରପାତ ଘଟି ୬ଟି ଗାଈ ମୃତ୍ୟବରଣ କରିଛନ୍ତି। ସୂଚନା ଅନୁସାରେ, ପିଚୁକୁଲି ପଞ୍ଚାୟତ ଟିକାତାଳ ଗ୍ରାମ ନିକଟ ଆମ୍ବତୋଟାଠାରେ ୫ଟି ଗାଈ ଚରୁଥିବା ବେଳେ ବଜ୍ରପାତ ଯୋଗୁ ସେମାନଙ୍କ ମୃତ୍ୟୁ ଘଟିଛି। ଟିକାତାଳ ଗ୍ରାମର ସୁନିଲ ମହାକୁଡ଼, ସୁରେଶ ମହାକୁଡ଼, ବିରଞ୍ଚି ବେହେରା, ବାବୁଲି ବେହେରା ଓ ମିଛୁ ବେହେରାଙ୍କ ଗୋଟିଏ ଲେଖାଏଁ ଗାଈ ମରିଯାଇଛନ୍ତି । ସେହିପରି ବାଙ୍କୋଇ ଗ୍ରାମ ନିକଟରେ ବଜ୍ରପାତ ଘଟି ସେହି ଗ୍ରାମର ଉଲା ବେହେରାଙ୍କ ଗୋଟିଏ ଗାଈର ମୃତ୍ୟୁ ଘଟିଛି।

### ଦୁର୍ଘଟଣାରେ ବାଇକ୍ ଆରୋହୀଙ୍କ ମୃତ୍ୟୁ

**ଓଡ଼ଗାଁ,୨୬।୯(ସ୍ୱ.ପ୍ର.):** ନୟାଗଡ଼ ଜିଲା ଓଡ଼ଗାଁ ଥାନା ଅନ୍ତର୍ଗତ ୨୧ ନମ୍ବର ରାଜପଥ ପଥରା ଛକଠାରେ ସଡ଼କ ଦୁର୍ଘଟଣା ଘଟି ଜନୈକ ବ୍ୟକ୍ତି ମୃତ୍ୟୁବରଣ କରିଛନ୍ତି। ମୃତକ ହେଉଛନ୍ତି ରଣପୁର ଥାନା ଆରଡ ଗ୍ରାମର ସୁରେଶ ପ୍ରଧାନ(୩୬)। ସୂଚନା ଅନୁସାରେ ଗ୍ଲାସ ଡିଜାଇନର ଭାବେ କାର୍ଯ୍ୟ କରୁଥିବା ସୁରେଶ ବୁଗୁଡ଼ାରୁ ବୁଧବାର ଓଆର୍୦୨ଡବ୍ଲ୍ୟୁ୪୧୩୦ ନମ୍ବର ବିଶିଷ୍ଟ ବାଇକ୍‌ରେ ନିଜ ଗାଁକୁ ଆସୁଥିଲେ । ଅପରାହ୍ନ ପ୍ରାୟ ୩ଟାରେ ରାସ୍ତାପାର୍ଶ୍ୱର ଏକ ବରଗଛରେ ତାଙ୍କ ବାଇକ୍‌ଟି ପିଟି ହେବାରୁ ମୁଣ୍ଡରେ ଗଭୀର ଆଘାତ ପାଇ ସେ ଘଟଣାସ୍ଥଳରେ ହିଁ ମୃତ୍ୟୁବରଣ କରିଥିଲେ। ସ୍ଥାନୀୟ ଆଇଆଇସି ଅନିଲ କୁମାର ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଓ ଦୁର୍ଘଟଣାଗ୍ରସ୍ତ ବାଇକ୍ ଜବତ କରିବା ସହିତ ଏକ ମାମଲା ରୁଜୁ କରିଥିଲେ। ଗୁରୁବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯିବ ବୋଲି ସୂଚନା ମିଳିଛି।

### ଅଗ୍ନିଶମ କର୍ମଚାରୀଙ୍କ ଆନ୍ଦୋଳନ ଜାରି



**ଓଡ଼ଗାଁ,୨୬।୯(ସ୍ୱ.ପ୍ର.)**-ସାରା ରାଜ୍ୟରେ ଅଗ୍ନିଶମ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ସୋମବାରଠାରୁ ଆରମ୍ଭ ହୋଇଥିଲା। ସ୍ଥାନୀୟ ଅଗ୍ନିଶମ କର୍ମଚାରୀଙ୍କ ଆନ୍ଦୋଳନ ବୁଧବାର ତୃତୀୟ ଦିନରେ ପହଞ୍ଚିଛି । ୬ ଦଫା ଦାବି ନେଇ ଅଗ୍ନିଶମ କାର୍ଯ୍ୟାଳୟ ସମ୍ମୁଖରେ ୧୦ ଜଣ କର୍ମଚାରୀ ଧାରଣା ଜାରି ରଖିଥିବା ଦେଖିବାକୁ ମିଳିଛି। ସେମାନଙ୍କ ଦାବି ପୂରଣ ହେଲା ପର୍ଯ୍ୟନ୍ତ ଅନିର୍ଦ୍ଦିଷ୍ଟ କାଳ ପାଇଁ ଆନ୍ଦୋଳନରେ ବସିବେ ବୋଲି କର୍ମଚାରୀମାନେ କହିଛନ୍ତି। ତେବେ ଜରୁରୀ ସେବାରେ ସେମାନଙ୍କ ଅଧିକାରୀ ନିଜେ ଦମକଳ ନେଇ ଉଦ୍ଧାର କାର୍ଯ୍ୟ କରୁଥିବା ଦେଖିବାକୁ ମିଳିଥିଲା । ସେହିପରି ରଣପୁରଠାରେ ଓଡିଶା ଅଗ୍ନିଶମ କର୍ମଚାରୀମାନେ ୬ ଦଫା ଦାବିନେଇ ସୋମବାରଠାରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରଖିଛନ୍ତି । ବୁଧବାର ରଣପୁର ଅଗ୍ନିଶମ ସେବା କେନ୍ଦ୍ର ସମ୍ମୁଖରେ ୧୧ କର୍ମଚାରୀ ଆନ୍ଦୋଳନ କରିଛନ୍ତି । ହାବିଲଦାର ଜଗନ୍ନାଥ ପଣ୍ଡା, ହାବିଲଦାର ପ୍ରତାପ ଲେଙ୍କା, ଡ୍ରାଇଭର ପ୍ରଦୀପ ନାୟକ, ଚିତ୍ରସେନ ମୁଦୁଲି, ଲକ୍ଷ୍ମଣ ନାୟକ ଓ ଜୀବନ ପରିଡ଼ା ପ୍ରମୁଖ କର୍ମଚାରୀ ଧାରଣାରେ ରହିବା ଯୋଗୁ ଜରୁରିକାଳୀନ ସେବାରୁ ଜନସାଧାରଣ ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଛି ।

### ପ୍ରଳମ୍ବାସୁର ନାଟକ ମଞ୍ଚସ୍ଥ

**ଓଡ଼ଗାଁ,୨୬।୯(ସ୍ୱ.ପ୍ର.):** ଓଡ଼ଗାଁ ବ୍ଲକ ରୋହିବାଙ୍କ ପଞ୍ଚାୟତସ୍ଥ ଭଗବତୀ ପ୍ରସାଦ ଗ୍ରାମର ଯୁବ ସଂଗଠନ ଉତ୍କଳମଣୀ ସେବା ସଂଘ ପକ୍ଷରୁ ସୋମବାର ପୌରାଣିକ ନାଟକ ପ୍ରଳମ୍ବାସୁର ବଧ ନାଟକ ମଞ୍ଚସ୍ଥ ହୋଇଥିଲା। ନିଶା ନିବାରଣ, ପ୍ଲାଷ୍ଟିକ ଓ ପଲିଥିନ ବ୍ୟବହାରକୁ ନିଷେଧ କରି ଏଭଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବାରୁ ସର୍ବସାଧାରଣ ଏହାକୁ ସମର୍ଥନ କରିଥିଲେ । ଜିତେନ୍ଦ୍ର କୁମାର ନାୟକ ଓ ବସନ୍ତ ଆଲଟିଆ ନାଟକର ନିର୍ଦ୍ଦେଶନା ଦେଇଥିବା ବେଳେ ସଭାପତି ଜଗନ୍ନାଥ ନାୟକ ପରିଚାଳନା କରିଥିଲେ ।

---

### ଗ୍ରାମଫଣ୍ଡ ଟଙ୍କା ହଡ଼ପ ଘଟଣା

# ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲାପାଳଙ୍କ ନିର୍ଦ୍ଦେଶ

**ରଣପୁର,୨୬।୯(ସ୍ୱ.ପ୍ର.)**

ନୟାଗଡ଼ ଜିଲା ରଣପୁର ବ୍ଲକ ଅନ୍ତର୍ଗତ ଖଇରପଲ୍ଲୀ ଗ୍ରାମ ପଞ୍ଚାୟତରେ ଏମ୍‌ଜିଏନ୍‌ଆରଇଜିଏସ୍ ଓ ଗ୍ରାମଫଣ୍ଡ ଟଙ୍କା ହଡ଼ପ ଅଭିଯୋଗ ହୋଇଛି। କର୍ମଚାରୀମାନେ କାର୍ଯ୍ୟ ନ କରି ମୃତ୍ୟୁବରଣ କରିଥିବା ଲୋକଙ୍କ ନାମରେ ଚଞ୍ଚକତା ପୂର୍ବକ ଲକ୍ଷ ଲକ୍ଷ ଟଙ୍କା ହଡ଼ପ କରିଥିବା ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିମନ୍ତେ ହାଇକୋର୍ଟଙ୍କ ନିର୍ଦ୍ଦେଶ ଜାରି ହୋଇଛି। ଘଟଣାର ତଦନ୍ତ କରି ନୟାଗଡ଼ ଜିଲାପାଳ ଏନ୍ ତିରୁମାଲା ନାୟକ ପଞ୍ଚାୟତର ଜିଆର୍‌ଏସି ନିହାରରଞ୍ଜନ ପାଇକରାୟଙ୍କ ସମେତ ଗ୍ରାମର ୫ ପ୍ରକଳ୍ପ ଗ୍ରାମସାଥିଙ୍କୁ ଚାକିରିରୁ ବହିଷ୍କାର କରିଛନ୍ତି। ଏହାସହିତ ପୂର୍ବତନ ପଞ୍ଚାୟତ ଅଧିକାରୀ ରମେଶ ନାୟକଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ସହ ବ୍ଲକର ସହକାରୀ ଯନ୍ତ୍ରୀଙ୍କ ବିରୋଧରେ ରଣପୁର ଥାନାରେ ଲିଖିତ ଏତଲା ଦାଖଲ କରିବା ପାଇଁ ଜିଲାପାଳ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଜିଲାପାଳଙ୍କ ଏହି ପଦକ୍ଷେପକୁ ଖଇରପଲ୍ଲୀ ପଞ୍ଚାୟତବାସୀଙ୍କ ତରଫରୁ ସ୍ୱାଗତ କରାଯାଇଛି । ପ୍ରକାଶ ଯେ ଖଇରପଲ୍ଲୀ ପଞ୍ଚାୟତରେ ପଲ୍ଲୀସଭା ଓ ଗ୍ରାମସଭା ପଞ୍ଚାୟତ ବୈଠକ ଅନୁଷ୍ଠିତ ନ ହୋଇ ଏମ୍‌ଜିଏନ୍‌ଆରଇଜିଏସ୍, ଗ୍ରାମଫଣ୍ଡ ଏସ୍‌ଏଫ୍‌ସି, ଓ ସିଏଫ୍‌ସି ଟଙ୍କାକୁ ରାସ୍ତାବନ୍ଧ କାର୍ଯ୍ୟ ନ କରାଇ ହଡ଼ପ ହୋଇଥିବା ବିରୋଧରେ ପଞ୍ଚାୟତବାସୀ ବିଭାଗୀୟ ଅଧିକାରୀମାନଙ୍କୁ ଜଣାଇଥିଲେ। ତେବେ ସେମାନେ କୌଣସି ପଦକ୍ଷେପ ନ ନେବାରୁ ଶେଷରେ ପଞ୍ଚାୟତବାସୀ ଫେବୃୟାରୀ ୬ରେ ସମିତି ସଭ୍ୟ ଦୁଃଶାସନ ଜେନାଙ୍କ ନେତୃତ୍ୱରେ ପଞ୍ଚାୟତ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ । ଏହାପରେ ଘଟଣାର ତଦନ୍ତ କରିବା ପାଇଁ ଜିଲା ପ୍ରକଳ୍ପ ଅଧିକାରୀ ରଣପୁର ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ । ପୂର୍ବତନ ବିଡିଓ ଲଗ୍ନଜିତ୍ ରାଉତରାୟ ଏହାର ତଦନ୍ତ କରିଥିଲେ। ତଦନ୍ତରୁ କାର୍ଯ୍ୟ ନ କରି ଅର୍ଥ ହଡ଼ପ ହୋଇଥିବା ଜଣାପଡିଥିଲା। ତେବେ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନ ହେବାରୁ ପଞ୍ଚାୟତବାସୀ ଧାରଣା ମଧ୍ୟ ଦେଇଥିଲେ। ତେବେ ଏଥିରେ ସୁଫଳ ନ ମିଳିବାରୁ ଶେଷରେ ସମିତିସଭ୍ୟ ଦୁଃଶାସନ ଯେନା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏ ନେଇ ଏକ ମାମଲା ଡବ୍ଲ୍ୟୁପିସି ୮୩୮୦/୧୮ ରେ ରୁଜୁ ହୋଇଥିଲା। ମାମଲାର ବିଚାର କରି ହାଇକୋର୍ଟ ଘଟଣାର ତଦନ୍ତ କରି ଦୋଷୀମାନଙ୍କ ବିରୋଧରେ ୩ ମାସ ଭିତରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ତତ୍କାଳୀନ ଜିଲାପାଳ ଅରିନ୍ଦମ ଡାକୁଆଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସେ ଅନ୍ୟତ୍ର ବଦଳି ହୋଇ ଯାଇଥିବାରୁ ବର୍ତ୍ତମାନର ଜିଲାପାଳ ଏନ୍ ତିରୁମାଳା ନାୟକ ଘଟଣାର ତଦନ୍ତରୁ ଅର୍ଥ ହଡ଼ପ ବିଷୟ ଜାଣିଥିଲେ। ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜିଲାପାଳ କେସ୍ ନଂ ୩୪/୧୮ରେ ନୟାଗଡ଼ ପ୍ରକଳ୍ପ ଅଧିକାରୀଙ୍କ ସମେତ ରଣପୁର ବିଡିଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ପ୍ରଶିକ୍ଷକଙ୍କୁ ପ୍ରଶିକ୍ଷଣ ପ୍ରଦାନ

**ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନା**




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

**ଗଣିଆ,୨୬।୯(ଡି.ଏନ୍.ଏ.)**

ଦକ୍ଷତା ବିକାଶ ଓ ରୋଜଗାର ସହାୟତା ପ୍ରଦାନ ପାଇଁ କାର୍ଯ୍ୟରତ ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନା ବା ଡିଡିୟୁ ଜିକେୱାଇ ତରଫରୁ ମଙ୍ଗଳବାର ଗଣିଆ ବ୍ଲକ ବହୁମୁଖୀ ଗୋଷ୍ଠୀ କେନ୍ଦ୍ରଠାରେ ପ୍ରଶିକ୍ଷକମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲା ସଂଯୋଜକ ଅଭିନାଶ ଜେନା, ଜିଲା ପ୍ରଶିକ୍ଷକ ଗିରିଶ ଚନ୍ଦ୍ର ଦାସ, ଦିଲୀପ କୁମାର ପ୍ରଧାନ, ଓଡ଼ିଶା ଜୀବିକା ମିଶନର ବିପିଏମ୍ କାଦମ୍ବିନୀ ନାୟକ, ବିଏଲସି ସୁନୀତା କୁମାରୀ ମହାରଣା, ଅମ୍ବିକା ପ୍ରସାଦ ମିଶ୍ର ଓ ଜିତେନ୍ଦ୍ର କୁମାର ସାମନ୍ତ ପ୍ରମୁଖ ଯୋଗଦେଇଥିଲେ। ଏହି ପ୍ରଶିକ୍ଷକ କାର୍ଯ୍ୟକ୍ରମରେ ବ୍ଲକର ବିଭିନ୍ନ ପଞ୍ଚାୟତରେ କାର୍ଯ୍ୟରତ ୪୬ଜଣ ସିଆରପି, ଏମ୍‌ବିକେ ଓ ଭିଆଇପିମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଗ୍ରାମାଞ୍ଚଳରେ ବସବାସ କରୁଥିବା ୧୮ରୁ ୩୫ ବର୍ଷ ପର୍ଯ୍ୟନ୍ତ ବେରୋଜଗାର ଯୁବତୀଯୁବକମାନଙ୍କୁ ଦକ୍ଷତା ବିକାଶ କରାଇ ସେମାନଙ୍କୁ ରୋଜଗାରକ୍ଷମ କରାଇବା ଏହି ତାଲିମର ମୂଳଲକ୍ଷ୍ୟ। ଆଞ୍ଚଳିକ ମଞ୍ଚ ଓ ଗ୍ରାମପଞ୍ଚାୟତସ୍ତରୀୟ ସଂଘ ଜରିଆରେ ବେରୋଜଗାର ଯୁବତୀଯୁବକଙ୍କୁ ଚିହ୍ନଟ କରିବା, ସଂଗଠିତ କରିବା, ପଞ୍ଜିକରଣ ପରାମର୍ଶ ଶିବିରମାନ ଆୟୋଜନ କରିବା ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଏହି ଯୋଜନା ଜରିଆରେ ୨୦୨୦ ମସିହା ସୁଦ୍ଧା ଗ୍ରାମାଞ୍ଚଳର ୨୦ଲକ୍ଷ ବେକାର ଯୁବତୀଯୁବକମାନଙ୍କୁ ଦକ୍ଷତା ବିକାଶ ପାଇଁ ତାଲିମ ପ୍ରଦାନ କରି ସେମାନଙ୍କୁ ଆତ୍ମନିର୍ଭରଶୀଳ କରାଇବା ଡିଡିୟୁ-ଜିକେୱାଇର ଲକ୍ଷ୍ୟ ବୋଲି ପ୍ରଶିକ୍ଷକମାନେ କହିଥିଲେ।

## ରାଶନ କାର୍ଡ ହିତାଧିକାରୀ ଚୟନରେ ଅନିୟମିତତା

### ଯୋଗ୍ୟ ଲୋକଙ୍କୁ ଚୟନ ଓ ଅଯୋଗ୍ୟଙ୍କୁ ବାଦ ଦିଆଯିବା ଦାବି

**ନୂଆଗାଁ,୨୬।୯(ଡି.ଏନ.ଏ.)**

ନୟାଗଡ଼ ଜିଲା ନୂଆଗାଁ ବ୍ଲକର ବିଭିନ୍ନ ପଞ୍ଚାୟତରେ ଖାଦ୍ୟ ସୁରକ୍ଷା ଆଇନ ଉଲ୍ଲଂଘନ ଅଭିଯୋଗ ହୋଇଛି। ରାଶନ କାର୍ଡ ପାଇଁ ହିତାଧିକାରୀ ଚୟନରେ ଅନିୟମିତତା ନେଇ ଗରିବ ଲୋକଙ୍କ ମଧ୍ୟରେ ଘୋର ଅସନ୍ତୋଷ ସୃଷ୍ଟି ହୋଇଛି। ରାଶନ କାର୍ଡ ହିତାଧିକାରୀ ତାଲିକାରୁ ବଞ୍ଚିତ ଜନସାଧାରଣ ନୂଆଗାଁ ବିଡିଓ, ନୟାଗଡ଼ ଜିଲାପାଳ, ମୁଖ୍ୟ ଶାସନ ସଚିବ ଓ ଖାଦ୍ୟ ସୁରକ୍ଷା କମିଶନରଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ପ୍ରକୃତ ହିତାଧିକାରୀଙ୍କୁ ରାଶନ କାର୍ଡ ମାଧ୍ୟମରେ ଚାଉଳ ଓ କିରୋସିନ୍ ଯୋଗାଇ ଦେବା କଥା। ଯୋଗ୍ୟ ଲୋକଙ୍କୁ ଚୟନ କରି ସେମାନଙ୍କର ଏକ ତାଲିକା ପ୍ରସ୍ତୁତ କରିବା ପାଇଁ ପ୍ରତି ପଞ୍ଚାୟତରେ ୩ ଜଣ ସରକାରୀ କର୍ମଚାରୀଙ୍କୁ ଦାୟିତ୍ୱ ଦିଆଯାଇଥିଲା, ତେବେ ସେହି କର୍ମଚାରୀମାନେ କଣ୍ଟ୍ରୋଲ ଦୋକାନୀ, ଯୋଗାଣ ଅଧିକାରୀ ଓ ନେତାମାନଙ୍କ ହାତବାରିଶି ସାଜିଥିଲେ। ତାଲିକା ପ୍ରସ୍ତୁତି ଦାୟିତ୍ୱରେ ଥିବା କର୍ମଚାରୀ ନିଜେ ଯାଇ ଆବେଦନକାରୀଙ୍କ ଘର ସର୍ଭେ କରି ତାଲିକା ପ୍ରସ୍ତୁତ କରିବା ବଦଳରେ ଡିଲର, ଯୋଗାଣ ଅଧିକାରୀ ଓ ନେତାଙ୍କ ନିର୍ଦ୍ଦେଶରେ ତାଲିକା ପ୍ରସ୍ତୁତ କରିଛନ୍ତି, ଯାହାଫଳରେ ଅନେକ ଯୋଗ୍ୟ ହିତାଧିକାରୀ ତାଲିକାରୁ ବାଦ ପଡିଛନ୍ତି। କୋଠାଘର, ୪ ଚକିଆ ଯାନ, ସରକାରୀ ପେନସନ ସୁବିଧା ପାଉଥିବା ଲୋକଙ୍କ ନାମ ତାଲିକାରେ ସ୍ଥାନ ପାଇଥିବା ଅଭିଯୋଗ ହୋଇଛି। ତେଣୁ ନିର୍ଭୁଲ ଭାବେ ପୁନଃ ସର୍ଭେ କରାଯାଇ ଯୋଗ୍ୟ ହିତାଧିକାରୀ ଚୟନ କରିବା ସହ ଅଯୋଗ୍ୟ ହିତାଧିକାରୀଙ୍କୁ ତାଲିକାରୁ ବାଦ୍ ଦିଆଯାଉ। ଯେଉଁ ସରକାରୀ କର୍ମଚାରୀ ଦୁର୍ନୀତି କରିଛନ୍ତି ସେମାନଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଦାବି ହୋଇଛି । ଏନେଇ ନୂଆଗାଁ ବିଡିଓ ଶିରିୟାଲ ଏସ. ପଟେଲଙ୍କୁ ପଚାରିବାରୁ ସେ କହିଥିଲେ ଯେ, ମୁଁ ଏ ଅଭିଯୋଗ ପାଇଛି । ଅନେକ ଲୋକ ମଧ୍ୟ ସମାନ ଅଭିଯୋଗ ଆଣିଛନ୍ତି। ଆମେ ଯେଉଁ ତାଲିକା ପ୍ରସ୍ତୁତ କରିଛୁ ତାହା ଫାଇନାଲ ତାଲିକା ନୁହେଁ। ଅକ୍ଟୋବର ୨ ତାରିଖ ପୂର୍ବରୁ ଚୂଡାନ୍ତ ତାଲିକା ପ୍ରସ୍ତୁତ କରିବା ନିର୍ଦ୍ଦେଶ ଥିବାରୁ ଏହା କରାଯାଇଛି । ତେଣୁ ଲୋକମାନେ ଯେଉଁ ଅଭିଯୋଗ ଆଣିଛନ୍ତି ତାହାକୁ ବିଚାର କରି ପ୍ରକୃତ ଗରିବ ଲୋକଙ୍କୁ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ କରିବା ପାଇଁ ଚେଷ୍ଟା କରିବୁ ବୋଲି ସେ କହିଛନ୍ତି। ଅନ୍ୟପକ୍ଷେ ବୁଧବାର ବିଡିଓ ପଟେଲଙ୍କ ନିର୍ଦ୍ଦେଶକ୍ରମେ ଏକ ୪ଜଣିଆ ଟିମ୍ ନୂଆଗାଁ ବ୍ଲକରେ ବୁଲି ସର୍ଭେ ଆରମ୍ଭ କରିଥିବା ଜଣାପଡିଛି।

### ଶାଶୁବୋହୂ ମତାନ୍ତର ଘଟଣାରେ ଶ୍ୱଶୁରଙ୍କୁ ହତ୍ୟା

**ନିରାକାରପୁର,୨୬।୯ (ଡି.ଏନ.ଏ.):** ଖୋର୍ଦ୍ଧା ଜିଲା ବଡପୋଖରିଆରେ ଏକ ଅଭାବନୀୟ ଘଟଣା ଘଟିଛି। ଶାଶୁ ବୋହୂଙ୍କ ମତାନ୍ତର ଯୋଗୁ ଶ୍ୱଶୁରଙ୍କୁ ଆକ୍ରମଣ କରିବା ଫଳରେ ବୁଧବାର ଶ୍ୱଶୁର ଡାକ୍ତରଖାନାରେ ମୃତ୍ୟୁବରଣ କରିଛନ୍ତି। ମୃତକ ହେଉଛନ୍ତି ବଡପୋଖରିଆ ପଶ୍ଚିମସାହିର କେଦାରନାଥ ଜେନା (୬୧)। ସୋମବାର ଅପରାହ୍ନ ପ୍ରାୟ ୨ଟା ସମୟରେ ଗାଁ ଦାଣ୍ଡରେ ଏହି ବୃଦ୍ଧବ୍ୟକ୍ତିଙ୍କୁ ସଂଘବଦ୍ଧ ଭାବେ ଆକ୍ରମଣ କରାଯାଇଥିଲା । ତେବେ ପରିବାର ପକ୍ଷରୁ ପ୍ରଥମେ ଖୋର୍ଦ୍ଧା, ଭୁବନେଶ୍ୱର ଓ ପରେ କଟକ ବଡ଼ ମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା । ସେଠାରେ ଡାକ୍ତର ମଙ୍ଗଳବାର ତାଙ୍କୁ ଫେରେଇ ଦେବାରୁ ସେ ଭୁବନେଶ୍ୱର କ୍ୟାପିଟାଲ ହସପିଟାଲରେ ଭର୍ତ୍ତି ହୋଇଥିଲେ । ବୁଧବାର ସକାଳ ୭.୧୫ରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ନିରାକାରପୁର ପୋଲିସଠାରୁ ପ୍ରକାଶ ଯେ, କେଦାରନାଥଙ୍କ ପୁଅ କିଛି ମାସ ତଳେ ବିବାହ କରିଥିଲେ। ତେବେ ଶାଶୁବୋହୂଙ୍କ ମଧ୍ୟରେ ମତାନ୍ତର ଲାଗି ରହୁଥିଲା। କୌଣସି ଘଟଣାକୁ କେନ୍ଦ୍ରକରି ଝିଅ ଓ ପୁଅଘର ଉଭୟ ପରିବାର ମଧ୍ୟରେ ପାଟିତୁଣ୍ଡ ହେଉଥିବା ସମୟରେ କେଦାରନାଥ ବିଲରୁ ଘରକୁ ଆସିଥିଲେ। ଏ ସମୟରେ ତାଙ୍କୁ ଆକ୍ରମଣ କରାଯାଇଥିଲା। ମୃତକଙ୍କ ସ୍ତ୍ରୀ କେତକୀ ଜେନା ମଙ୍ଗଳବାର ଘଟଣା ନେଇ ୧୦ଜଣଙ୍କ ନାମରେ ସ୍ଥାନୀୟ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ନିରାକାରପୁର ପୋଲିସ ୮୩/୧୮ରେ ମାମଲା ରୁଜୁ କରିଛି।

### ଖଣ୍ଡପଡା ବ୍ଲକରେ ସମୀକ୍ଷା ବୈଠକ

## ୧୯୫୫୦ ପରିବାରକୁ ଦିଆଯାଇଛି ଜବ୍‌କାର୍ଡ



ସମୀକ୍ଷା ବୈଠକରେ ଅତିଥି ଓ ଅନ୍ୟମାନେ।

**ଖଣ୍ଡପଡା,୨୬।୯(ସ୍ୱ.ପ୍ର.)**

ଖଣ୍ଡପଡା ବ୍ଲକ ସମ୍ମିଳନୀ କକ୍ଷରେ ୨୦୧୮-୧୯ ଆର୍ଥିକ ବର୍ଷ ପାଇଁ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ସମ୍ପର୍କିତ ଏକ ସମୀକ୍ଷା ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ନୟାଗଡ ଅତିରିକ୍ତ ଜିଲାପାଳ ପ୍ରସନ୍ନ କୁମାର ଦାଶ, ଜିଲା ସାମାଜିକ ସମୀକ୍ଷକ ବିଜୟ ନାରାୟଣ ବଳିଆରସିଂ, ବିଡିଓ ଶିବାନନ୍ଦ ସ୍ୱାଇଁ, ଏବିଡିଓ ରତନଲାଲ ଲୋହରା, ଖଣ୍ଡପଡା ବ୍ଲକ ରାଣୀପଡା ପଞ୍ଚାୟତର ଶ୍ରମିକ ନେତା ବିଶ୍ୱନାଥ ଗୋଛି ପ୍ରମୁଖ ଯୋଗଦେଇ ଖଣ୍ଡପଡା ବ୍ଲକ ଅଞ୍ଚଳରେ ଉକ୍ତ ଯୋଜନାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିବା ସହ ସମୀକ୍ଷା କରିଥିଲେ। ଚଳିତବର୍ଷ ଏହି ଯୋଜନାରେ ଖଣ୍ଡପଡା ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତରେ ଉନ୍ନୟନମୂଳକ କାର୍ଯ୍ୟ ବାବଦରେ ସର୍ବମୋଟ ୫ କୋଟି ୬ ଲକ୍ଷ ୬୨ ହଜାର ଟଙ୍କା ଖର୍ଚ୍ଚ ହୋଇଥିବା ସମ୍ପର୍କରେ ବ୍ଲକ ସହକାରୀ ପ୍ରକଳ୍ପ ଅଧିକାରୀ କାଳୁଚରଣ ସାହୁ ସୂଚନା ପ୍ରଦାନ କରିଥିଲେ। ଏହି ଯୋଜନାରେ ସର୍ବମୋଟ ୧୯୫୫୦ ଗୋଟି ପରିବାରକୁ ବ୍ଲକ ପ୍ରଶାସନ ପକ୍ଷରୁ ଜବ୍‌କାର୍ଡ ପ୍ରଦାନ କରାଯାଇଥିବା ବେଳେ ତନ୍ମଧ୍ୟରୁ ୩୧୭୦ଅନୁସୂଚିତ ଜାତି ଓ ୬୪୯ ଅନୁସୂଚିତ ଜନଜାତି ଏବଂ ୧୫୭୩୧ ସାଧାରଣବର୍ଗ ପରିବାରବର୍ଗଙ୍କୁ ଜବ୍‌କାର୍ଡ ପ୍ରଦାନ କରାଯାଇଥିବା ଜଣାପଡିଛି। ସେହିପରି ଚଳିତଆର୍ଥିକ ବର୍ଷରେ ୭୦୯୧ ପରିବାରକୁ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ କାମଧନ୍ଦା ଯୋଗାଇ ଦିଆଯାଇଥିବା ବେଳେ ସର୍ବମୋଟ ୨,୪୪,୮୫୪ଟି ଶ୍ରମଦିବସ ସୃଷ୍ଟି କରାଯାଇଥିବା ସମ୍ପର୍କରେ ବୈଠକରେ ସୂଚନା ଦିଆଯାଇଥିଲା। ୨୧ଟି ପରିବାର ୧୦୦ ଦିନର କାମଧନ୍ଦା କରିଥିବା ଜଣାଯାଇଛି। ବ୍ଲକ ଅନ୍ତର୍ଗତ ୨୨ ପଞ୍ଚାୟତରେ ଭାରତ ନିର୍ମାଣ ରାଜୀବଗାନ୍ଧୀ ସେବାକେନ୍ଦ୍ର କାର୍ଯ୍ୟ ସମ୍ପୂର୍ଣ୍ଣ ଶେଷ ହୋଇଥିବା ଜଣାପଡିଛି। ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ଅଧାପନ୍ତରିଆ ଅବସ୍ଥାରେ ପଡିରହିଥିବା ସମସ୍ତ ପ୍ରକଳ୍ପ ଗୁଡିକର କାର୍ଯ୍ୟ ତୁରନ୍ତ ଶେଷ କରିବାକୁ ଅତିରିକ୍ତ ଜିଲାପାଳ ଦାଶ ଖଣ୍ଡପଡା ବିଡିଓ ଓ ପ୍ରକଳ୍ପ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## ସଂଶୋଧିତ ପେନ୍‌ସନ ନିର୍ଦ୍ଧାରଣରେ ବିଳମ୍ବ

**ଟାଙ୍ଗୀ(ଖୋର୍ଦ୍ଧା),୨୬।୯(ଡି.ଏନ.ଏ.):** ଟାଙ୍ଗୀ ୟୁକୋ ବ୍ୟାଙ୍କ ତରଫରୁ ପେନ୍‌ସନଭୋଗୀଙ୍କ ସଂଶୋଧିତ ହାରରେ ପେନ୍‌ସନ୍ ନିର୍ଦ୍ଧାରଣକୁ ବିଳମ୍ବ କରାଯାଉଥିବା ଅଭିଯୋଗ ହେଉଛି। ଅଧିକ ବୟସ୍କ ପେନ୍‌ସନଭୋଗୀମାନେ ମାନସିକସ୍ତରେ ନିଜକୁ ଅସହାୟ ମଣୁଛନ୍ତି। କଣ୍ଟ୍ରୋଲର ଅଫ୍ ଆକାଉଣ୍ଟ୍ସରୁ ସଂଶୋଧିତ ହୋଇ ପେନ୍‌ସନ କାଗଜପତ୍ର ବ୍ୟାଙ୍କକୁ ଆସିଥିଲେ ମଧ୍ୟ ତାହା ନିର୍ଦ୍ଧାରଣ କରାଯାଉନାହିଁ । ଏହି ଘଟଣା ସମ୍ପର୍କରେ ଶାଖା ପରିଚାଳକ ଝିମିଝିମି ରାଉତଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ଏକା ସାଙ୍ଗରେ କରାଯିବ ବୋଲି ସେ ପ୍ରକାଶ କରିଥିଲେ।

## ୧୧୨ ଜଣ ଚାଷୀଙ୍କୁ କୁକୁଡା ଛିଆଁ ବଣ୍ଟନ

**ଖଣ୍ଡପଡା,୨୬।୯(ସ୍ୱ.ପ୍ର)**

ଖଣ୍ଡପଡା ବ୍ଲକ ଅନ୍ତର୍ଗତ କଣ୍ଟିଲୋ, ସିଧାମୂଳା, ବେଣାଗାଡିଆ, କିଆଝର ପ୍ରଭୃତି ୪ଟି ପଞ୍ଚାୟତର ୧୧୨ ଜଣ କ୍ଷତିଗ୍ରସ୍ତ ଚାଷୀଙ୍କୁ ଦ୍ୱିତୀୟ ପର୍ଯ୍ୟାୟରେ ୨୫ଟି ଲେଖାଁଏ କୁକୁଡା ଛିଆଁ ବଣ୍ଟନ କରାଯାଇଛି। ଖଣ୍ଡପଡା ଗୋଷ୍ଠୀ ପ୍ରାଣୀ ଚିକିତ୍ସାଳୟ ପରିସରରେ ବିଧାୟକ ଅନୁଭବ ପଟ୍ଟନାୟକ ଚାଷୀମାନଙ୍କୁ ବୁଧବାର କୁକୁଡା ଛିଆଁ ବଣ୍ଟନ କରିଥିଲେ। ନୟାଗଡ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡଃ. ମୁରଲୀଧର ବେହେରା,ଖଣ୍ଡପଡା ଗୋଷ୍ଠୀ ପ୍ରାଣୀ ଚିକିତ୍ସାଧିକାରୀ ରମେଶ ଚନ୍ଦ୍ର ବେହେରା ଓ ସହକାରୀ ପ୍ରାଣୀ ଚିକିତ୍ସାଧିକାରୀ ଡଃ. ଲିକେଶ କାନୁନ୍‌ଗୋ ପ୍ରମୁଖ ଉପସ୍ଥିତ ଥିଲେ।




ବିଧାୟକ କୁକୁଡ଼ା ଛିଆଁ ବଣ୍ଟନ କରୁଛନ୍ତି।

### ୭ଦଫା ଦାବି ପୂରଣ ନୋହିଲା

## ମତ୍ସ୍ୟଜୀବୀ ଘେରିଲେ ଚିଲିକା ବ୍ଲକ, ତହସିଲ

**ଖୋର୍ଦ୍ଧା ଅଫିସ/ବାଲୁଗାଁ, ୨୬।୯(ଡି.ଏନ.ଏ.)**

**୨୮ ତାରିଖରେ ନିଷେଧାଦେଶ ନଳବଣରେ ସମାବେଶ**



ତହସିଲ କାର୍ଯ୍ୟାଳୟକୁ ଘେରି ରହିଛନ୍ତି ମତ୍ସ୍ୟଜୀବୀମାନେ।

୭ଦଫା ଦାବି ପୂରଣ ନ ହେବାରୁ ଚିଲିକା ମତ୍ସ୍ୟଜୀବୀ ମହାସଂଘ ପକ୍ଷରୁ ବୁଧବାର ଆଇନ ଅମାନ୍ୟ ଆନ୍ଦୋଳନ କରି ଚିଲିକା ବ୍ଲକ ଓ ତହସିଲ ଏକା ସମୟରେ ଘେରାଉ କରିଛନ୍ତି। ଶହଶହ ମତ୍ସ୍ୟଜୀବୀ ମହିଳାପୁରୁଷ ସରକାରୀ ବିରୋଧୀ ସ୍ଲୋଗାନ ଦେଇଥିଲେ। ପୂର୍ବାହ୍ନ ୧୦ଟାରୁ ଆରମ୍ଭ ହୋଇଥିବା ବିକ୍ଷୋଭ ସମାବେଶ ଅପରାହ୍ନ ୩ଟାରେ ଶେଷ ହୋଇଥିଲା। ତେବେ ବ୍ରହ୍ମଗିରି ବିଧାୟକ ସଞ୍ଜୟ ଦାଶବର୍ମାଙ୍କ ଉପରେ ଆନ୍ଦୋଳନକାରୀ ବର୍ଷି ତାଙ୍କ କୁଶପୁତ୍ତଳିକା ଦାହ କରିଛନ୍ତି। ଆନ୍ଦୋଳନକାରୀମାନେ ତହସିଲଦାର ଓ ବିଡିଓଙ୍କୁ ସ୍ମାରକପତ୍ର ଦେଇ ଆନ୍ଦୋଳନ ପ୍ରତ୍ୟାହୃତ କରିଛନ୍ତି। ଏଥିସହ ଘୋଷଣା କରିଛନ୍ତି ଆସନ୍ତା ୨୮ ତାରିଖରେ ନିଷେଧାଦେଶ ନଳବଣରେ ସମାବେଶ ହେବ। ନଇରୀର ଚିଲିକା ଘାଟଠାରୁ ଏକ ବିଶାଳ ନୌଯାତ୍ରାରେ ବିକ୍ଷୋଭ ଶୋଭାଯାତ୍ରା ଆରମ୍ଭ ହୋଇ ନଳବଣରେ ଶେଷ ହେବ। ଅଭିଯୋଗକାରୀମାନେ ପୁରୁଣା ଦାବିକୁ ଦୋହରାଇ ଆନ୍ଦୋଳନକୁ ତ୍ୱରାନ୍ୱିତ କରିଛନ୍ତି।

ଅଭିଯୋଗ ଅନୁସାରେ, ବିଧାନସଭା ମୌସୁମୀ ଅଧିବେଶନରେ ଚିଲିକା ବିଲ୍ ଗୃହୀତ କରାଇବାର ଦାବି ରହିଛି। ସେହିଭଳି ସମୁଦ୍ରରୁ ଚିଲିକାକୁ ସଂଯୋଗ ହୋଇଥିବା ଅରଖକୁଦା ମୁହାଣ, ପାଲୁରୁ କେନାଲରୁ ଆଲିମ ଓ ସରୁ ଜାଲ ଉଚ୍ଛେଦ ପରି ଅନୁରୂପ ଦାବି ରହିଛି। ଅପରପକ୍ଷେ ଦହିଖିଆ ନାଳଠାରୁ ଟାଟା ବନ୍ଧ, ସିଡୁଆ ନାଳଠାରୁ ମଗର ମୁଖ ନାଳ, ସିଆଣ୍ଡି ନାଳଠାରୁ କଳାଖାଇ ନାଳ ଏବଂ ଚିଲିକାରୁ ସରୁ ଓ ମଶାରି ଜାଲ ଉଚ୍ଛେଦ କରି ମତ୍ସ୍ୟ ଉତ୍ପାଦନ ବୃଦ୍ଧି କରାଇବା ଦାବି ମଧ୍ୟ ରହିଛି। ମତ୍ସ୍ୟଜୀବୀଙ୍କର ନ୍ୟାଯ୍ୟ ଦାବି ଚିଲିକାରୁ ବେଆଇନ ଚିଙ୍ଗୁଡି ଘେରି ସୈରାତ ଘୋଷଣା କରିଥିବା ପ୍ରକ୍ରିୟାକୁ ରାଜ୍ୟ ସରକାର ବନ୍ଦ କରିବା, ବେଆଇନ ଚିଙ୍ଗୁଡି ଘେରି ଉଚ୍ଛେଦ ଓ ବନ୍ଧ ଘେରି ଉଚ୍ଛେଦ ଅନୁରୂପ ଦାବି ରହିଛି। ଦାବିଗୁଡିକ ନେଇ ନିକଟରେ ସରକାରଙ୍କୁ ଅବଗତ କରାଯାଇଥିଲେ ମଧ୍ୟ ସୁଫଳ ମିଳିଲା ନାହିଁ। ଦାବି ପୂରଣ ନ ହେବାରୁ ସରକାର ଦାୟୀ ରହିବେ ବୋଲି ଆନ୍ଦୋଳନରତ ମତ୍ସ୍ୟଜୀବୀମାନେ ବୁଧବାର ଚେତାବନୀ ଦେଇଛନ୍ତି। ଆନ୍ଦୋଳନସ୍ଥଳରେ ପ୍ରତିବାଦ ସଭାରେ କହିଥିଲେ, ଚିଲିକାରେ ମାଛ ମାରିବାରେ ମତ୍ସ୍ୟଜୀବୀମାନଙ୍କୁ ଏକକ ଅଧିକାର ଦିଆଯାଉ। ସେହିଭଳି ଚିଲିକାରେ ଚିଙ୍ଗୁଡି ମାଫିଆଙ୍କ ଦୌରାତ୍ମ୍ୟ ଏଯାଏଁ ରହିଛି। ଏହାରି ପଛରେ ନ୍ୟସ୍ତସ୍ୱାର୍ଥ ରାଜନେତା ଓ ପ୍ରଶାସକ ରହିଥିବାରୁ ମତ୍ସ୍ୟଜୀବୀଙ୍କ ଦାବି ପୂରଣରେ ଅନ୍ତରାୟ ସୃଷ୍ଟି ହେଉଛି। ଏଣୁ ମହାସଂଘ ପକ୍ଷରୁ ଆନ୍ଦୋଳନକୁ ତ୍ୱରାନ୍ୱିତ କରାଗଲା। ଚିଲିକା ମତ୍ସ୍ୟଜୀବୀ ମହାସଭାର ସଭାପତି ରବୀନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରତିବାଦ ସଭାରେ ସମ୍ପାଦକ ଦୁଃଖିଶ୍ୟାମ ବେହେରା, ମତ୍ସ୍ୟଜୀବୀ ନେତା ବସନ୍ତ ନାୟକ, ପରେଶ ଜାଲି, ମହାଦେବ ବେହେରା, ପୂର୍ଣ୍ଣଚନ୍ଦ୍ର ବେହେରା, ଇନ୍ଦ୍ରମଣି ବେହେରା, ଦୁଃଖିଶ୍ୟାମ ଜାଲି ଓ ଦୁଃଖିରାମ ବେହେରା ପ୍ରମୁଖ ବକ୍ତବ୍ୟ ରଖିଥିଲେ।

## ସଂକ୍ଷେପରେ

### ମଦ ଜବତ, ଜଣେ ଗିରଫ

ଆସିକା,୨୬।୯ (ଡି.ଏନ୍.ଏ.): ଆସିକା ଥାନାର କୋଟିନଡା ଫାଣ୍ଡି ତରାସିଙ୍ଗି ଗ୍ରାମରୁ ମଙ୍ଗଳବାର ରାତିରେ ଚଢ଼ାଉ କରି ପୋଲିସ ଜଣକୁ ଗିରଫ କରିବା ସହ ୪୦ ଲିଟର ଚୋରା ମଦ ଜବତ କରିଛି। ସେ ହେଲେ ଗଜେନ୍ଦ୍ର ସାହୁ। ଅଭିଯୁକ୍ତ ଜଣକ ନିଜ ବାରଣ୍ଡାରେ ମଦ ବିକ୍ରି କରୁଥିଲା ବେଳେ ପୋଲିସ ଗିରଫ କରିଥିଲା। ଏନେଇ ଆସିକା ଥାନାରେ ନଂ. ୩୦୫/୧୮ରେ ଏକ ମାମଲା ରୁଜୁ କରାଯାଇ ବୁଧବାର କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ସନ୍ତୋଷ କୁମାର ଜେନା କହିଛନ୍ତି।

### ଦୀନଦୟାଲ ଉପାଧ୍ୟାୟଙ୍କ ଜୟନ୍ତୀ ପାଳିତ

ବୁଗୁଡ଼ା,୨୬।୯(ଡି.ଏନ.ଏ.): ବୁଗୁଡ଼ା ଭାରତୀୟ ଜନତା ପାର୍ଟି ପକ୍ଷରୁ ସ୍ଥାନୀୟ କାର୍ଯ୍ୟାଳୟରେ ମଙ୍ଗଳବାର ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିରେ ନଗର ଭାଜପା ସଭାପତି ହର ପ୍ରସାଦ ଦାଶ ଅଧକ୍ଷତା କରିଥିଲେ। ପୂର୍ବତନ ବ୍ଲକ ଅଧକ୍ଷ ତଥା ଭାଜପାର ବରିଷ୍ଠ ନେତା ଗୋକୁଳାନନ୍ଦ ମଲିକ, ଜିଲା ସାଧାରଣ ସମ୍ପାଦକ ପ୍ରତାପ ଚନ୍ଦ୍ର ନାୟକ, କରଚୁଲି ମଣ୍ଡଳ ସଭାପତି ହରିହର ସାହୁ, ମାଣିତରା ମଣ୍ଡଳ ସଭାପତି ନଟବର ଜେନା, ତ୍ରିଲୋଚନ ସାହୁ, ଗୌର ଚରଣ ପ୍ରଧାନ, ଅନିଲ କୁମାର ମହାପାତ୍ର, ପୋଲସରା ନିର୍ବାଚନମଣ୍ଡଳୀ ସଂଯୋଜକ ଅନିଲ କୁମାର ମହାପାତ୍ର, ବସନ୍ତ କୁମାର ସ୍ୱାଇଁ, କାହ୍ନୁ ଚରଣ ଭୂୟାଁ, ମହୋବର ପଲାଇ, ପ୍ରମୋଦ ଚନ୍ଦ୍ର ନନ୍ଦ ପ୍ରମୁଖ ଭାଜପା କର୍ମୀ ଯୋଗଦେଇ ଦୀନ ଦୟାଲଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ସ୍ମୃତିଚାରଣ କରିଥିଲେ। ଶେଷରେ ଭାଜପା ମୁଖପାତ୍ର ତ୍ରିଲୋଚନ ସାହୁ ଧନ୍ୟବାଦ ଦେଇଥିଲେ।

### ମନ୍ତ୍ରୀଙ୍କ ଦ୍ୱାରା ଭତ୍ତା ବଣ୍ଟନ

କୁକୁଡ଼ାଖଣ୍ଡି,୨୬।୯(ଡି.ଏନ.ଏ.)-କୁକୁଡ଼ାଖଣ୍ଡି ବ୍ଲକ ପରିସରରେ ବିଧବା, ବାର୍ଦ୍ଧକ୍ୟ, ଦିବ୍ୟାଙ୍ଗ ଭତ୍ତା ଏବଂ ବିଜୁ ପକ୍କାଘର କାର୍ଯ୍ୟାଦେଶ ବୁଧବାର ଦିଆଯାଇଛି । ବିଧାୟକ ତଥା ଖାଦ୍ୟ ଯୋଗାଣ ଓ ସମବାୟ ମନ୍ତ୍ରୀ ସୂର୍ଯ୍ୟ ନାରାୟଣ ପାତ୍ର ବ୍ଲକକୁ ଆସି ଏହି କାର୍ଯ୍ୟକ୍ରମ କରିଛନ୍ତି । ବ୍ଲକ ବିଡିଓ ପ୍ରତାପ ଚନ୍ଦ୍ର ପ୍ରଧାନ, ଅଧକ୍ଷ କାମାକ୍ଷା ପ୍ରସାଦ ପାତ୍ର, ଏବିଡିଓ ଭବାନୀ ଶଙ୍କର ପ୍ରଧାନ, ଗ୍ରାମପଞ୍ଚାୟତ ଅଧିକାରୀ ପ୍ରଶାନ୍ତ କୁମାର ରଥ, ସହକାରୀ ଯନ୍ତ୍ରୀ ସୁଜିତ କୁମାର ଟହଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଦିଗପହଣ୍ଡି ନିର୍ବାଚନ ମଣ୍ଡଳୀ ଅଧୀନରେ ଥିବା କୁକୁଡ଼ାଖଣ୍ଡି ବ୍ଲକର ୧୭ଟି ପଞ୍ଚାୟତର ସମସ୍ତ ଜନପ୍ରତିନିଧି ଏବଂ ହିତାଧିକାରୀ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ୧୭ଟି ପଞ୍ଚାୟତର ୧୨୮୫ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରାଯାଇଥିବା ବେଳେ ୭୦ଟି ବିଜୁ ପକ୍କାଘର କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା ।

### ନିର୍ମାଣ ଶ୍ରମିକ ପଞ୍ଜୀକରଣ ଶିବିର



ଆସିକା, ୨୬।୯ (ଡି.ଏନ୍.ଏ.)-ଆସିକା ବ୍ଲକ ରାଜୀବ ଗାନ୍ଧୀ ସେବା କେନ୍ଦ୍ରରେ ବୁଧବାର ନିର୍ମାଣ ଶ୍ରମିକ ପଞ୍ଜୀକରଣ ଶିବିର ଅନୁଷ୍ଠିତ ହୋଇଯାଇଛି। ୨୦୧୭ ରୁ ୧୮ ମସିହାରେ ଗ୍ରାମାଞ୍ଚଳରେ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ୯୦ରୁ ୧୦୦ ଦିନ ଶ୍ରମଦାନ କରିଥିବା ଶ୍ରମିକଙ୍କୁ ନିର୍ମାଣ ଶ୍ରମିକର ମାନ୍ୟତା ଦେବା ଲାଗି ସରକାରୀ ନିଷ୍ପତ୍ତି ପରେ ଏହି ବର୍ଗର ଶ୍ରମିକଙ୍କୁ ଉକ୍ତ ଯୋଜନାରେ ସାମିଲ କରାଯାଇଥିଲା। ଆସିକା ବ୍ଲକ ୨୭ଟି ପଞ୍ଚାୟତର ସମୁଦାୟ ୧୬୦୭ ଯୋଗ୍ୟ ଜବ୍ କାର୍ଡଧାରୀଙ୍କ ମଧ୍ୟରୁ ଏହି ଶିବିରରେ ୫୯୩ ଯୋଗଦେଇ ନାମ ପଞ୍ଜୀକରଣ କରିଥିଲେ। ଆସିକା ବିଡିଓ ଗାୟତ୍ରୀଦତ୍ତ ନାୟକଙ୍କ ଅଧକ୍ଷତାରେ ବ୍ଲକ ସହକାରୀ ଯୋଜନା ଅଧିକାରୀ ସନ୍ତୋଷିନୀ ପାତ୍ର, ସହକାରୀ ଶ୍ରମ ଅଧିକାରୀ ବର୍ଷାରାଣୀ ଜେନା, ଗ୍ରାମ୍ୟ ଶ୍ରମିକ ନିରୀକ୍ଷକ ସ୍ନେହଲତା ବେହେରା, ନିରଞ୍ଜନ ନାଇକ ଓ ବିଭିନ୍ନ ପଞ୍ଚାୟତର ନିର୍ବାଚିତ ପ୍ରତିନିଧିମାନେ ଶିବିରରେ ଉପସ୍ଥିତ ରହି ଶ୍ରମିକଙ୍କ ନାମ ପଞ୍ଜୀକରଣ କରିଥିଲେ।

ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ଦାରିଙ୍ଗବାଡ଼ିରେ ପର୍ଯ୍ୟଟକଙ୍କୁ ମିଳୁନି ସୁବିଧା

## ପର୍ଯ୍ୟଟନ କ୍ଷେତ୍ରର ହେଉନି ବିକାଶ

ଦାରିଙ୍ଗବାଡ଼ି,୨୬।୯(ଡି.ଏନ.ଏ.)

କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ଓଡ଼ିଶା ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନ ପାଇଥିଲେ ସୁଦ୍ଧା ମାନ୍ୟତା ପାଇନାହିଁ। ଦୈନିକ ଏଠାକୁ ଶହ ଶହ ପର୍ଯ୍ୟଟକ ଆସୁଛନ୍ତି। ହେଲେ ପର୍ଯ୍ୟଟନକ୍ଷେତ୍ର ଗୁଡ଼ିକର ବିକାଶ ଲଟକି ରହିଛି । ଗୁରବାର ବିଶ୍ୱ ପର୍ଯ୍ୟଟନ ଦିବସ ପାଳନ କରାଯିବ। ଦାରିଙ୍ଗବାଡ଼ି ଅଞ୍ଚଳକୁ ପଶ୍ଚିମବଙ୍ଗରୁ ଏକାଧିକ ପର୍ଯ୍ୟଟକ ଆସି ଏହି ଦିବସ ପାଳନ କରିବେ। ପ୍ରତିବର୍ଷ ସେପ୍ଟେମ୍ବରରୁ ମାର୍ଚ୍ଚ ମାସ ପର୍ଯ୍ୟନ୍ତ ଦାରିଙ୍ଗବାଡ଼ିକୁ ପର୍ଯ୍ୟଟକ ମାନେ ଆସିଥାନ୍ତି। ହେଲେ ଏଠାରେ ପର୍ଯ୍ୟଟନମାନଙ୍କୁ ମୌଳିକ ସୁବିଧା ମିଳୁ ନ ଥିବାରୁ ନିରାଶ ହେବାକୁ ପଡୁଛି। ଦାରିଙ୍ଗବାଡି ଅଞ୍ଚଳରେ ହିଲଭିୟୁ ପାର୍କ, କଫି ବଗିଚା, ନେଚର ପାର୍କ, ମିଡ୍ରୁଝୁବାନ୍ଧା ୱାଟରଫଲ, ଶାନ୍ତି ଉପତ୍ୟକା ଓ କିରିକୁଟିଠାରେ ନେଚର ଲଭର୍ସ ପଏଣ୍ଟ, ପାଇନବଣ ପର୍ଯ୍ୟଟନକ୍ଷେତ୍ର ରହିଛି। ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ନେଚର ପାର୍କ ରହିଛି। ପର୍ଯ୍ୟଟକଙ୍କଠାରୁ ଟିକଟ ସଂଗ୍ରହ କରାଯାଉଛି। ଔଷଧୀୟ ବୃକ୍ଷ, ଫାଇବରରେ ନିର୍ମିତ ବିଭିନ୍ନ ପ୍ରାଣୀ, ଜନଜାତିଙ୍କ ପାରମ୍ପରିକ ଚଳଣିର ପ୍ରତିକୃତି, ପ୍ରଜାପ୍ରତି ଉଦ୍ୟାନ ଏବଂ ଚରକଙ୍କ ପଥର ମୂର୍ତ୍ତି ଆଦି ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଛି । ତେବେ ଏସବୁ ରକ୍ଷଣାବେକ୍ଷଣ ଅଭାବରୁ



ପାର୍କ ଭିତରେ ଥିବା ଅଚଳ ଫାଉଣ୍ଟେନ।

ସୌନ୍ଦର୍ଯ୍ୟ ହରାଇବାକୁ ବସିଲାଣି । କୃତ୍ରିମ ଜଳ ଫୁଆରା ଥିଲେ ତାହା ଚାଲୁ ନାହିଁ। ୨୦୧୭ରେ ପର୍ଯ୍ୟଟକଙ୍କ ସଂଖ୍ୟା ପ୍ରାୟ ୧ଲକ୍ଷ ଟପିଥିଲା ବେଳେ ଚଳିତ ବର୍ଷ ପର୍ଯ୍ୟଟକଙ୍କ ସଂଖ୍ୟା କମିପାରେ ବୋଲି ବିଭିନ୍ନ ହୋଟେଲ ମାଲିକମାନେ ଆଶଙ୍କା କରିଛନ୍ତି। ସେହିପରି ହିଲଭିୟୁ ପାର୍କ ବ୍ଲକ ପ୍ରଶାସନ ହାତରେ ରହିଥିବାବେଳେ ଏକ ଟ୍ରଷ୍ଟ ଦ୍ୱାରା ଏହାକୁ ପରିଚାଳନା କରାଯାଉଛି । ଉକ୍ତ ପାର୍କର ରକ୍ଷଣାବେକ୍ଷଣ କରାଯାଉଥିଲେ ସୁଦ୍ଧା ପାଚେରି ନିର୍ମାଣ ଓ ଅନ୍ୟାନ୍ୟ ଆନୁସଙ୍ଗିକ ବ୍ୟବସ୍ଥା କରାଯାଉନାହିଁ। ଯଦ୍ୱାରା ଏହି ପାର୍କ ପୂର୍ବଭଳି ପର୍ଯ୍ୟଟକଙ୍କୁ ଆଉ ଆକୃଷ୍ଟ କରିପାରୁନି। ସେହିପରି କଫି ବଗିଚା ଦାରିଙ୍ଗବାଡ଼ିର କିଲାବାଡ଼ିଠାରେ ମୋଟ ୫୭.୦୩ ହେକ୍ଟର ଜମିରେ ହୋଇଥିବା ବେଳେ ପ୍ଲିହେରୀଠାରେ ମୋଟ ୨୩.୧୦ ହେକ୍ଟର ଜମିରେ କଫି ବଗିଚା କରାଯାଇଛି। ବର୍ଷକୁ ଲକ୍ଷାଧିକ ଟଙ୍କାର କଫି ଏବଂ ଗୋଲମରିଚ ଆଦାୟ ହେଉଥିବା ବେଳେ କିଛି ବର୍ଷ ହେଲା ଏକ ଘରୋଇ କମ୍ପାନୀକୁ ଲିଜ ଦିଆଯାଇଛି। ୨୦୧୭ ଡିସେମ୍ବର ମାସଠାରୁ ବିଭାଗ ପ୍ରତି ପର୍ଯ୍ୟଟକଙ୍କଠାରୁ ୫ ଟଙ୍କା ଲେଖାଏ ସଂଗ୍ରହ କରୁଛି। ଏବେ ସୁଦ୍ଧା ପ୍ରାୟ ୧ଲକ୍ଷ ୫୨ ହଜାର ଟଙ୍କା ଟିକେଟ ବାବଦରେ ସଂଗ୍ରହ କରାଯାଇଥବା ଦାୟିତ୍ୱରେ ଥିବା ବିଭାଗର ପ୍ରମୋଦ କୁମାର ଦିଗାଳ କହିଛନ୍ତି। ତେବେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କଲାଭଳି ସେଠାରେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉନାହିଁ। ପର୍ଯ୍ୟଟକଙ୍କୁ ଆକୃଷ୍ଟ କଲାଭଳି ଏଠାର ଉନ୍ନତି କରାଯିବାକୁ ଦାବି ହେଉଥିଲେ ସୁଦ୍ଧା ଏହାର ଦାୟିତ୍ୱ ନେଇଥିବା ଜଳ ବିଭାଜିକା ସଂସ୍ଥା ପଦକ୍ଷେପ ନେଇନାହିଁ । ସେହିପରି ଅତ୍ର ପର୍ଯ୍ୟଟନକ୍ଷେତ୍ର ମଧ୍ୟରେ ମିଡ୍ରିଝୁବାନ୍ଧା ଜଳପ୍ରପାତ ରହିଛି। ତାହାକୁ ଏକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ପ୍ରଶାସନ ଟେକିଦେଇ ଚୁପ ବସିଛି। ଉକ୍ତ ଗୋଷ୍ଠୀ କେବଳ ପର୍ଯ୍ୟଟକଙ୍କ ଠାରୁ ଟିକଟ ସଂଗ୍ରହ କରି ପରିବେଶକୁ ସଫା କରିବା ଦାୟିତ୍ୱ ନେଇଛି। ପ୍ରଶାସନ ପକ୍ଷରୁ ସେଠାରେ ପର୍ଯ୍ୟଟକଙ୍କ ପାଇଁ ବଣଭୋଜି କରିବା, ବସିବା ଏପରିକି ପିଇବା ପାଣି ବ୍ୟବସ୍ଥା କରାଯାଇନାହିଁ। ମହିଳା ପର୍ଯ୍ୟଟକମାନେ ଆସିଲେ ଉକ୍ତ ଜଙ୍ଗଲ ମଧ୍ୟରେ ଥିବା ଜଳପ୍ରପାତରେ ସୁରକ୍ଷିତ ମଣ୍ଡୁ ନ ଥିବା ଅଭିଯୋଗ ହେଉଛି। ନେଚର ଲଭର୍ସ ପଏଣ୍ଟ କିରିକୁଟିଠାରେ ମଧ୍ୟ ଅନୁରୂପ ଅବ୍ୟବସ୍ଥା ଦେଖାଦେଇଛି। ତେଣୁ ପର୍ଯ୍ୟଟନକେନ୍ଦ୍ର ଗୁଡ଼ିକର ବିକାଶ ପାଇଁ ପ୍ରଶାସନ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ନେଇ ବିଡିଓ ତ୍ରିଲୋଚନ ପାତ୍ରଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି, ଯେ ହିଲଭିୟୁଠାରେ ଉଚ୍ଚକ୍ଷମତା ଟ୍ରାନ୍ସଫର୍ମର ସ୍ଥାପନ ଶୀଘ୍ର କରାଯିବ। ଏଥିସହ ଅନ୍ୟ ସମସ୍ତ ପର୍ଯ୍ୟଟନକ୍ଷେତ୍ର ପାଇଁ ଯୋଜନା କରାଯାଉଛି, ବିକାଶ ହୋଇପାରିବ।

## ମୋହନା ଅଗ୍ନିଶମ କର୍ମଚାରୀଙ୍କ ୬ ଦଫା ଦାବିନେଇ ଆନ୍ଦୋଳନ

ମୋହନା ୨୬।୯ (ଡି.ଏନ୍.ଏ.)

ଗଜପତି ଜିଲ୍ଲା ମୋହନା ସଦର ମହକୁମାରେ ଥିବା ଅଗ୍ନିଶମ ବିଭାଗ କର୍ମଚାରୀଙ୍କ ପକ୍ଷରୁ ୬ ଦଫା ଦାବିପୂରଣ ନେଇ ସୋମବାରରୁ ରାଜ୍ୟବ୍ୟାପୀ କାର୍ଯ୍ୟବନ୍ଦ ଆନ୍ଦୋଳନ ଆରମ୍ଭ ହୋଇଛି । ଓଡ଼ିଶାରେ କାର୍ଯ୍ୟରତ ଅଗ୍ନିଶମ କର୍ମଚାରୀମାନଙ୍କୁ ପୋଲିସ କର୍ମଚାରୀମାନଙ୍କ ସହିତ ସମାନ ଦରମା ଓ ଭତ୍ତା ପ୍ରଦାନ କରିବା, ହାବିଲଦାର ଏବଂ ଫାୟାରମ୍ୟାନ ସଂଘଙ୍କୁ ତୁରନ୍ତ ସରକାରୀ ପଞ୍ଜୀକରଣ କରିବା, ଚୁକ୍ତି ଭିତ୍ତିକ କର୍ମଚାରୀଙ୍କୁ ନିୟମିତ କରିବା, କର୍ମଚାରୀମାନଙ୍କୁ ନିଜ ଜିଲା ଏବଂ ଆବଶ୍ୟକ ସ୍ଥଳରେ ସ୍ଥାନୀୟ ଜିଲାରେ ନିଯୁକ୍ତି ପ୍ରଦାନ କରିବା, ଅବସର ଗ୍ରହଣ କରିଥିବା କର୍ମଚାରୀଙ୍କୁ ତୁରନ୍ତ ପେନ୍ସନ ଓ ଅବସର କାଳୀନ ପ୍ରାପ୍ୟ ପ୍ରଦାନ କରିବା, ୮ ଘଣ୍ଟା କାର୍ଯ୍ୟ କରିବା ଏବଂ ଓଡ଼ିଶା ଅଗ୍ନିଶମ ସେବା ସଂସ୍ଥାରେ ଖାଲିପଡିଥିବା ପଦବୀ ଗୁଡିକୁ ତୁରନ୍ତ ପୂରଣ କରିବା ଆଦି ଦାବି ନେଇ ମୋହନା ଅଗ୍ନିଶମ କର୍ମଚାରୀ ହାବିଲଦାର ବଳରାମ ବେହେରା, ବନବାସୀ ମହାପାତ୍ର, ଦିଲୀପ ମହାରଣା, ଜୁଗୁନୁ ବେହେରା, ବିଜୟ କୁମାର ହରିଚନ୍ଦନ, ମୁରଲି ପାଣିଗ୍ରାହୀ ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇଥିଲେ।

# ଜାତୀୟସ୍ତରୀୟ ବିଚ ଭଲିବଲ୍ ପ୍ରତିଯୋଗିତାରେ ଜନଜାତି ଛାତ୍ର

ଦାରିଙ୍ଗବାଡ଼ି,୨୬।୮(ଡି.ଏନ.ଏ.)

ଦାରିଙ୍ଗବାଡ଼ି ବ୍ଲକ ମାହାଡ଼ାଗାଣ୍ଡା ଗ୍ରାମର ଜଣେ ଜନଜାତି ଛାତ୍ର ଜାତୀୟସ୍ତରରେ ବିଚ ଭଲିବଲ୍ ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ମନୋନୀତ ହୋଇଛନ୍ତି। ସେ ହେଲେ ଉକ୍ତ ଗ୍ରାମର ମଦନ ମଲ୍ଲିକଙ୍କ ସାନ ପୁଅ ଅଭୟ। ଭ୍ରମରବାଡ଼ି ଉନ୍ନୀତ ସରକାରୀ ଉଚ୍ଚ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ର ଅଭୟ ତାମିଲନାଡୁର ନଗାପଟ୍ଟନମ୍‌ଠାରେ ଆୟୋଜିତ ଜାତୀୟ ଭଲିବଲ୍ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା ପାଇଁ ଖେଳିବେ ବୋଲି ପ୍ରଧାନଶିକ୍ଷକ ବଳଭଦ୍ର ମଲ୍ଲିକ କହିଛନ୍ତି। ଏହି ଖବର ଜଣାପଡ଼ିବା ପରେ ଅଞ୍ଚଳରେ ଖୁସିର ଲହରି ଦେଖାଯାଇଛି । ପ୍ରଧାନଶିକ୍ଷକଙ୍କ ସମେତ ପଞ୍ଚାନନ ବେହେରା, ସଞ୍ଜୟ



ଅଭୟ ମଲ୍ଲିକ।

କୁମାର ସାହୁ, ଅମୁଲ୍ୟ ବିଶୋୟୀ, କେତକୀ କହଁର, ଅନନ୍ତ ପ୍ରଧାନ, ସୁକାନ୍ତ ପ୍ରଧାନ, ଲକ୍ଷ୍ମୀକାନ୍ତ ମଲ୍ଲିକ ପ୍ରମୁଖ ଅଭୟଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ତାଙ୍କ ସଫଳତା ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ବିଭିନ୍ନ ସ୍ଥାନରେ ସାମୂହିକ ପ୍ରାର୍ଥନା କରାଯାଉଥିବା ଅଭୟଙ୍କ ସମ୍ପର୍କୀୟ ଭଉଣୀ ରେଶମା ଦେବୀ କହିଛନ୍ତି। ବିଦ୍ୟାଳୟର ଖେଳ ଶିକ୍ଷକ ସନ୍ତୋଷ କୁମାର ମାଝି ଅଭୟଙ୍କୁ ସ୍ୱତନ୍ତ୍ର ପ୍ରଶିକ୍ଷଣ ଦେଇଥିଲେ । ଅଭୟଙ୍କ ବାପା ଜଣେ ରାଜମିସ୍ତ୍ରି । ସ୍ୱଳ୍ପ ରୋଜଗାରରେ ପରିବାର ଚଳାଇବା ତାଙ୍କ ପକ୍ଷେ କଷ୍ଟକର ହେଉଛି । ଅଭୟଙ୍କ ସଫଳତା ପାଇଁ ସେ ଶିକ୍ଷୟିତ୍ରୀଶିକ୍ଷକ ମାନଙ୍କୁ ସାଧୁବାଦ ଜଣାଇଛନ୍ତି। ସରକାର ସହଯୋଗ କଲେ ଅଭୟ ଅନ୍ତର୍ଜାତୀୟ ସ୍ତର ପର୍ଯ୍ୟନ୍ତ ଯାଇପାରିବେ ବୋଲି ତାଙ୍କ ବାପା କହିଛନ୍ତି । ମା' ସୁକୁମାରୀ ମଲ୍ଲିକ, ବଡ଼ଭାଇ ଅବିନାଶ ଏବଂ ଭଉଣୀ ମରିୟମ ମଧ୍ୟ ଅଭୟଙ୍କ ସଫଳତା କାମନା କରିଛନ୍ତି।

## ସମବାୟ ମନ୍ତ୍ରୀଙ୍କ ଦ୍ୱାରା ୧୨୫ ଭାଗଚାଷୀଙ୍କୁ ଋଣ ବଣ୍ଟନ

ଦିଗପହଣ୍ଡି,୨୬।୯(ଡି.ଏନ.ଏ.)

ଦିଗପହଣ୍ଡି ବିଧାୟକ ତଥା ଖାଦ୍ୟ ଯୋଗାଣ ଖାଉଟି କଲ୍ୟାଣ ଓ ସମବାୟ ମନ୍ତ୍ରୀ ସୂର୍ଯ୍ୟ ନାରାୟଣ ପାତ୍ରଙ୍କ ଦ୍ୱାରା ବୁଧବାର କୁଶପଡ଼ା ପଞ୍ଚାୟତର ୧୨୫ ଜଣ ଭାଗଚାଷୀଙ୍କୁ ଜେଏଲ୍‌ଜି ଯୋଜନାରେ ୧୨ ଲକ୍ଷ ୫୦ ହଜାର ଟଙ୍କା ସମବାୟ ଋଣ ବଣ୍ଟନ କରାଯାଇଛି। କୁଶପଡ଼ା ପ୍ରାଥମିକ ସେବା ସମବାୟ ସମିତି ପକ୍ଷରୁ ବୁଧବାର ଅପରାହ୍ନ ପ୍ରାୟ ୫ଟାରେ ଆୟୋଜିତ ଋଣ ବଣ୍ଟନ ମେଳାରେ ମନ୍ତ୍ରୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ଉକ୍ତ ଗ୍ରାମରେ ମନ୍ତ୍ରୀ ପହଞ୍ଚିବା ପରେ ଗ୍ରାମବାସୀଙ୍କ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ବ୍ଲକ ଅଧକ୍ଷ ବିପିନ ଚନ୍ଦ୍ର ପ୍ରଧାନ, ବ୍ଲକ ଉପାଧକ୍ଷା ପ୍ରତିନିଧି ଏମ୍. ନିରଞ୍ଜନ ରେଡ୍ଡୀ, ସରପଞ୍ଚ ବି. କ୍ରିଷ୍ଣାରାଓ ସୁବୁଦ୍ଧି, ଅସିତ କୁମାର ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ । ସେବା ସମବାୟ ସମିତି ସମ୍ପାଦକ ଏସ୍. ଗାନ୍ଧୀ ଦୋରାଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ରହ୍ମପୁର କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ସମ୍ପାଦକ ଗୋପାଳ କୃଷ୍ଣ ନାୟକ, ଉପନିବନ୍ଧକ ଶିବ ପ୍ରସାଦ ସ୍ୱାଇଁ, ଦିଗପହଣ୍ଡି ସମବାୟ ବ୍ୟାଙ୍କ ଶାଖା ପରିଚାଳକ ପ୍ରଶାନ୍ତ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ମିଳିତ ଦେୟ ଗୋଷ୍ଠୀ ଜେଏଲଜି ଯୋଜନାରେ ସମସ୍ତ ଭାଗଚାଷୀ, ନାମମାତ୍ର ଚାଷୀଙ୍କୁ କୃଷିଋଣ ବଣ୍ଟନ ପାଇଁ ଉପସ୍ଥିତ ସମବାୟ ଅଧିକାରୀଙ୍କୁ ମନ୍ତ୍ରୀ ପରାମର୍ଶ ଦେଇଥିଲେ ।

## ବିକ୍ଷୋଭ ବେଳେ ଦୁର୍ବ୍ୟବହାର ଅଭିଯୋଗ, ଜଣେ ଗିରଫ

ଦାରିଙ୍ଗବାଡ଼ି/ବ୍ରାହ୍ମଣୀଗାଁ,୨୬।୯ (ଡି.ଏନ.ଏ)

ଦାରିଙ୍ଗବାଡ଼ି ବ୍ଲକ ବ୍ରାହ୍ମଣୀଗାଁ ଥାନା ଅଞ୍ଚଳରେ ୩୧ ତାରିଖରେ ବିଦ୍ୟୁତ୍ ଆଘାତରେ ଜଣଙ୍କ ମୃତ୍ୟୁ ହୋଇଥିଲା । କ୍ଷତିପୂରଣ ଦାବି ନେଇ ଅଞ୍ଚଳବାସୀ ଆନ୍ଦୋଳନ କରିଥିଲେ। ସେମାନଙ୍କ ବୁଝାଇବାକୁ ଆସିଥିବା ପୋଲିସ ଓ ପ୍ରଶାସନକୁ ଦୁର୍ବ୍ୟବହାର ପ୍ରଦର୍ଶନ କରିବା ଅଭିଯୋଗରେ ବ୍ରାହ୍ମଣୀଗାଁ ପୋଲିସ ଜଣକୁ ମଙ୍ଗଳବାର ବିଳମ୍ବିତ ରାତିରେ ଗିରଫ କରିଛି । ସେ ହେଲେ ତୁମ୍ୱନାଥ ସୁବୁଦ୍ଧି ଓରଫ ତେଜମୟୀ ବାବା। ବ୍ରାହ୍ମଣୀଗାଁ ଓଡ଼ିଆ ସାହିରେ ଥିବା ଏକ ଧର୍ମାନୁଷ୍ଠାନରୁ ତାଙ୍କୁ ଗିରଫ କରାଯାଇଥିବା ବ୍ରାହ୍ମଣୀଗାଁ ଥାନା ଅଧିକାରୀ ଜୟଚନ୍ଦ୍ର ମଲ୍ଲିକ କହିଛନ୍ତି। ପ୍ରକାଶ ଯେ, ୩୧ ତାରିଖରେ ବ୍ରାହ୍ମଣୀଗାଁ ବିଦ୍ୟୁତ୍ ସବ୍‌ଷ୍ଟେଶନ ପରିସରରେ ଏକ ସିମେଣ୍ଟ କଂକ୍ରିଟର ଷ୍ଟାଣ୍ଡପୋଷ୍ଟ କାର୍ଯ୍ୟ ଚାଲିଥିବା ବେଳେ ବିଦ୍ୟୁତ ଆଘାତରେ ରାଜମିସ୍ତ୍ରି ପ୍ରଶାନ୍ତ କୁମାର ବିଷୋୟୀଙ୍କ ମୃତ୍ୟୁ ଘଟିଥିଲା। ମୃତଦେହକୁ ରାସ୍ତା ଉପରେ ରଖି କ୍ଷତିପୂରଣ ଦାବିରେ ଅଞ୍ଚଳବାସୀ ଆନ୍ଦୋଳନ କରିଥିଲେ। ସେମାନଙ୍କୁ ବୁଝାଶୁଝା କରିବା ପାଇଁ ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ବିଡିଓ ତ୍ରିଲୋଚନ ପାତ୍ର ଏବଂ ପୋଲିସ ଏଏସଆଇ ପ୍ରମୋଦ କୁମାର ଦିପ୍ ସେଠାକୁ ଯାଇଥିଲେ । ଏହି ସମୟରେ ତୁମ୍ୱନାଥ ସେମାନଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ଓ ଟାୟାର ଜାଳି ରାସ୍ତା ଅବରୋଧ କରିଥିବା ନେଇ ଉଭୟ ବିଡିଓ ପାତ୍ର ଏବଂ ପୋଲିସ ଏଏସଆଇ ଦିପ୍ ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ଥାନାରେ (ନଂ.୨୫/୧୮ ଏବଂ ନଂ.୨୬/୧୮)ରେ ମାମଲା ରୁଜୁ ହୋଇଥିଲା। ସେବେଠାରୁ ତୁମ୍ୱନାଥ ଫେରାର ଥିଲେ। ସେ ଓଡ଼ିଆ ସାହିରେ ଥିବା ଖବରପାଇ ପୋଲିସ ମଙ୍ଗଳବାର ରାତିରେ ଚଢ଼ାଉ କରିବା ସହ ରାତିଅଧିଆ ଗିରଫ କରି ଦାରିଙ୍ଗବାଡ଼ିକୁ ନେଇ ଆସିଥିଲା । ତେବେ ତୁମ୍ୱନାଥ ବ୍ରହ୍ମଣୀଗାଁ ଅଞ୍ଚଳରେ ଦିନରେ ବୁଲୁଥିଲେ ମଧ୍ୟ ରାତିରେ କାହିଁକି ତାଙ୍କୁ ଗିରଫ କରାଗଲା ବୋଲି କିଛି ଲୋକ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି।

# ୩୦ ହଜାର ଟଙ୍କା ଲୁଟ୍ ଅଭିଯୋଗ

ଛତ୍ରପୁର,୨୬।୯(ଡି.ଏନ.ଏ.)

ଛତ୍ରପୁର ଏସବିଆଇ ଶାଖାଠାରୁ କିଛି ଦୂରରେ ବୁଧବାର ଜଣଙ୍କଠାରୁ ୩୦ ହଜାର ଟଙ୍କା ଲୁଟ୍ ହୋଇଛି । ଲୁଟ୍‌ର ଶିକାର ହୋଇଥିବା ତଥା ଛତ୍ରପୁର ଶାନ୍ତିନଗର ନିକଟରେ ରହୁଥିବା ଉମା ମିଶ୍ର ଏ ନେଇ ଥାନାରେ ଏତଲା ଦେଇଛନ୍ତି । ଛତ୍ରପୁର ପୋଲିସ ଏହାର ତଦନ୍ତ କରିବା ସହ ଏସବିଆଇର ସିସି କ୍ୟାମେରା ଫୁଟେଜ୍‌କୁ ଯାଞ୍ଚ କରିଥିଲା । ଲୁଟ୍ ହୋଇଥିବା ସମ୍ପର୍କରେ ଫୁଟେଜ୍‌ରେ ଚିତ୍ର ନାହିଁ ଏବଂ ତଦନ୍ତ ଚାଲିଥିବା ଥାନା ଆଇଆଇସି ପ୍ରିୟସ ରଞ୍ଜନ ଛୋଟରାୟ କହିଛନ୍ତି। ପ୍ରକାଶ ଯେ, ମଧ୍ୟାହ୍ନରେ ଉମା ଛତ୍ରପୁର ଏସବିଆଇରୁ ୩୦ ହଜାର ଟଙ୍କା ଉଠାଇ ବ୍ୟାଗରେ ରଖି ଲୁନା (ଓଆର୍‌୦୭ଭି ୮୯୮୪) ହ୍ୟାଣ୍ଡଲରେ ଝୁଲାଇଥିଲେ । ପରେ ଏସବିଆଇରୁ କିଛି ଦୂରରେ ଗାଡି ରଖି ଏକ ଦୋକାନକୁ ଯାଇ ଫେରିବା ପରେ ଟଙ୍କା ବ୍ୟାଗ୍ ନ ଥିବା ଦେଖି ଥାନାରେ ଜଣାଇଥିଲେ ।

# ଜାତୀୟ କୃମିନାଶକ ଦିବସ

ଫୁଲବାଣୀ ଅଫିସ, ୨୬।୯

କନ୍ଧମାଳ ଜିଲା ଫୁଲବାଣୀସ୍ଥିତ କେନ୍ଦୁପଦର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବୁଧବାର ଜାତୀୟ କୃମି ନାଶକ ଦିବସ ପାଳନ ହୋଇଛି। ଜିଲାପାଳ ଡା.ବୃନ୍ଦା ଡି ଏହାକୁ ଉଦ୍‌ଘାଟନ କରିଥିଲେ। କୃମି ଯୋଗୁ ପିଲାମାନଙ୍କରେ ପୁଷ୍ଟି ହୀନତା ଓ ରକ୍ତ ହୀନତା ଦେଖାଯାଇଥାଏ । ଯାହା ଫଳରେ ସେମାନଙ୍କର ମାନସିକ ଓ ଶାରୀରିକ ଅଭିବୃଦ୍ଧି ବାଧାପ୍ରାପ୍ତ ହୋଇଥାଏ ବୋଲି ଜିଲାପାଳ କହିଥିଲେ। ଏହି ଅବସରରେ ଜିଲାପାଳ କିଛି ପିଲାଙ୍କୁ କୃମି ନାଶକ ବଟିକା ଖୁଆଇଥିଲେ। ଏହାପରେ ସେ ନିକଟସ୍ଥ ଅଙ୍ଗନୱାଡି କେନ୍ଦ୍ରରେ ପ୍ରାକ୍ ବିଦ୍ୟାଳୟ ପିଲାଙ୍କୁ ଭିଟାମିନ ଏବଂ କୃମିନାଶକ ଶିରପ ଖୁଆଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲାର ମୋଟ ୧ରୁ ୧୯ ବର୍ଷ ପର୍ଯ୍ୟନ୍ତ ୨ ଲକ୍ଷ ୪୨ ହଜାର ୪୪୧ ଜଣ ପିଲା ଉପକୃତ ହେବେ। ଯେଉଁ ଶିଶୁ ଅବା ପିଲାମାନେ ବଟିକା କିମ୍ବା ଶିରାପ ଖାଇ ପାରି ନ ଥିବେ, ସେମାନେ ଅକ୍ଟୋବର ୩ ସୁଦ୍ଧା ଏହି ଔଷଧ ଖାଇ ପାରିବେ ବୋଲି ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୁଚନା ଦିଆଯାଇଥିଲା। ସେହିପରି କୃମି ନାଶକ ବଟିକା ସେବନ ଦ୍ୱାରା ରକ୍ତହୀନତା ନିୟନ୍ତ୍ରଣ ହୋଇଥାଏ।



ଜିଲାପାଳ କାର୍ଯ୍ୟକ୍ରମର ଶୁଭାରମ୍ଭ କରୁଛନ୍ତି।

# ଅଙ୍ଗନୱାଡ଼ି କର୍ମୀଙ୍କ ଉପଜିଲାପାଳ କାର୍ଯ୍ୟାଳୟ ଆଗରେ ଧାରଣା

ବାଲିଗୁଡ଼ା, ୨୬.୯(ଡି.ଏନ୍.ଏ.)

କନ୍ଧମାଳ ଜିଲା ବାଲିଗୁଡ଼ା ବ୍ଲକ୍‌ରେ କାର୍ଯ୍ୟରତ ସମସ୍ତ ଅଙ୍ଗନୱାଡ଼ି କର୍ମୀମାନଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ବାରମ୍ବାର ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଲିଖିତ ତଥା ମୌଖିକ ଆକାରରେ ଜଣାଯାଇଥିଲେ। କିନ୍ତୁ କୌଣସି ପ୍ରକାର ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିବାରୁ ବୁଧବାର ବାଧ ହୋଇ ବାଲିଗୁଡ଼ା ବ୍ଲକ୍‌ରେ କାର୍ଯ୍ୟରତ ୧୯୨ ଅଙ୍ଗନୱାଡ଼ି କେନ୍ଦ୍ରର କର୍ମୀମାନେ ସ୍ଥାନୀୟ ଉପଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିଛନ୍ତି। ଏହି କାର୍ଯ୍ୟରତ ଅଙ୍ଗନୱାଡ଼ି କର୍ମୀଙ୍କ ବିଭିନ୍ନ ଦାବୀ ମଧ୍ୟରେ ୧୨ ଦଫା ରହିଛି ସେଗୁଡ଼ିକ ମଧ୍ୟରେ ଅଙ୍ଗନୱାଡ଼ି କେନ୍ଦ୍ର ଏରିଆରେ ରହୁନଥିବା କର୍ମୀଙ୍କର ବକେୟା ଦରମା ପ୍ରଦାନ କରାଯାଉ, ମମତା ଯୋଜନାରେ ହିତାଧିକାରୀଙ୍କ ନିମନ୍ତେ, ଏସ୍.ଏଚ୍.ଜି. ଗଠନ ନିମନ୍ତେ ସ୍ଥଗିତ ଦରମା ତୁରନ୍ତ ପ୍ରଦାନ କରାଯାଉ, ବିଭିନ୍ନ ଅନୁଷ୍ଠାନରୁ ଚାଉଳ ବକେୟାରେ ଅଣାଯାଇ ଖାଦ୍ୟ ପରିଚାଳନା କରାଯାଇଥିବା ବକେୟା ଚାଉଳ



ଅଙ୍ଗନୱାଡ଼ି କର୍ମୀମାନେ ଧାରଣାରେ ବସିଛନ୍ତି।

## ବାଲିଗୁଡ଼ା ବ୍ଲକ

ଅଙ୍ଗନୱାଡ଼ି କେନ୍ଦ୍ରକୁ ତୁରନ୍ତ ପ୍ରଦାନ କରାଯାଉ, ଉଚିତ୍ ମୂଲ୍ୟର ଭଲ ଖେଳଣା ପ୍ରଦାନ କରାଯାଉ, ଚାକିରୀରୁ ବହିସ୍କାର କରାଯାଇ ଥିବା ଅଙ୍ଗନୱାଡ଼ି କର୍ମୀଙ୍କୁ ପୁନଃ ନିଯୁକ୍ତି ଦିଆଯାଉ, ୨୦୧୪ରୁ ୨୦୧୮ ପର୍ଯ୍ୟନ୍ତ ବକେୟା ଟି.ଏ. ପ୍ରାପ୍ୟ ତୁରନ୍ତ ପ୍ରଦାନ କରାଯାଉ, ୨୦୦୯ ରୁ ୨୦୧୦ ପର୍ଯ୍ୟନ୍ତ ଚୁଡ଼ା ବଣ୍ଟନର ବକେୟା ଟଙ୍କା ତୁରନ୍ତ ପ୍ରଦାନ କରାଯାଉ. ଗୋଟିଏ ଦିନ କେନ୍ଦ୍ର ପରିଦର୍ଶନ କରି ଏକ ମାସର ଦରମା ବନ୍ଦ କରା ନଯାଉ, ନୂଆ ଖାଦ୍ୟ ଚାର୍ଟ ପ୍ରକାରେ ମୂଲ୍ୟ ବୃଦ୍ଧି କରାଯାଉ, ବର୍ତ୍ତମାନ କାର୍ଯ୍ୟରତ ସି.ଡି.ପି.ଓଙ୍କ ବଦଳି ନିର୍ଦ୍ଦେଶ ବାତିଲ୍ କରାଯାଉ ପ୍ରମୁଖ ଦାବୀ ରହିଛି। ଏଣୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟି ନଦେଲେ ବାଧ ହୋଇ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ରାଜରାସ୍ତାରେ ଆନ୍ଦୋଳନ କରିବା ପାଇଁ ବାଧ ହେବୁ ବୋଲି କର୍ମୀମାନେ ପ୍ରକାଶ କରିଛନ୍ତି।